ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୭/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, March 7/2024 | Page 20 | ₹ 7.00
୫୦ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 104 | ମୂଲ୍ୟ ₹୭/-




# ଔପଚାରିକ ଘୋଷଣା ବାକି

## ବିଜେଡି, ଭାଜପା ବୈଠକରେ ମେଣ୍ଟ ଆଲୋଚନା

ଓଡ଼ିଶାରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେଡି ଏବଂ ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ପୂର୍ବରୁ ହୋଇଆସୁଥିବା ଚର୍ଚ୍ଚାକୁ ବଳ ଦେଇଛି ବୁଧବାର ଦୁଇ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ। ନବୀନ ନିବାସରେ ଅପରାହ୍ନ ଏବଂ ସନ୍ଧ୍ୟାରେ ବିଜେଡିର ପ୍ରମୁଖ ନେତାମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସେଥିରେ ଭାଜପା ସହ ମେଣ୍ଟ ସଂକ୍ରାନ୍ତରେ ଆଲୋଚନା ହୋଇଥିବା ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଯାହା ଆବଶ୍ୟକ ପଡ଼ିବ, ସେ ନିଷ୍ପତ୍ତି ନିଆଯିବ ବୋଲି ମିଶ୍ର କହିଛନ୍ତି। ଅନ୍ୟତମ ପ୍ରମୁଖ ବିଜେଡି ନେତା ଅରୁଣ ସାହୁ ମଧ୍ୟ ସମାନ କଥା ଦୋହରାଇ ରାଜ୍ୟର ସ୍ୱାର୍ଥକୁ ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ପ୍ରମୁଖ ଭାଜପା ନେତାମାନଙ୍କ ଉପସ୍ଥିତିରେ ବୁଧବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ହୋଇଥିବା କୋର୍ କମିଟି ବୈଠକରେ ବିଜେଡି ସହ ମେଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିବା ବରିଷ୍ଠ ଦଳୀୟ ନେତା ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ କହିଛନ୍ତି। ତେବେ ମେଣ୍ଟ ହେବ କି ନାହିଁ ସେସମ୍ପର୍କିତ ନିଷ୍ପତ୍ତି ଭାଜପାର କେନ୍ଦ୍ର ନେତୃତ୍ୱ ନେବେ ବୋଲି ଜୁଏଲ ଗଣମାଧ୍ୟମକୁ କହିଛନ୍ତି। ଉଭୟ ଦଳର ନେତାମାନଙ୍କ କଥାରୁ ମେଣ୍ଟ କଥା ଚୂଡ଼ାନ୍ତ ହୋଇଥିବା ସଙ୍କେତ ମିଳୁଥିବାବେଳେ ଔପଚାରିକ ଘୋଷଣା ବାକି ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି।

**ଭୁବନେଶ୍ୱର,୬।୩ (ଅନିଲ ଦାସ)**

ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି–ଭାଜପା ମେଣ୍ଟକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି। ଉଭୟ ଦଳ ମଧ୍ୟରେ ମେଣ୍ଟ ହେଉଥିବା ଭୁବନେଶ୍ୱରରୁ ଦିଲ୍ଲୀ ଯାଏ ଚର୍ଚ୍ଚା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତର ଦିନକ ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କୁ ହଠାତ୍ ନବୀନ ନିବାସ ଡକାଇଥିଲେ। ବୁଧବାର ଅପରାହ୍ନରେ ଜଣଙ୍କ ପରେ ଜଣେ ବିଧାୟକ ଓ ମନ୍ତ୍ରୀ ନବୀନ ନିବାସ ଭିତରକୁ ଯାଇଥିଲେ। ବିଜେଡି ସଭାପତିଙ୍କ ଅଧ୍ୟକ୍ଷତାରେ ପ୍ରାୟ ଦେଢ଼ଘଣ୍ଟାଧରି ବୈଠକ ହୋଇଥିଲା। ବୈଠକରେ ୫–ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ବରିଷ୍ଠ ନେତା ଯୋଗଦେଇଥିଲେ। ବୈଠକରେ ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଆଲୋଚନା ହୋଇଛି। ☞ପୃଷ୍ଠା–୧୫

# ଡ୍ରାଇଭିଂ ଟେଷ୍ଟବେଳେ ଜଗିବ ଏଆଇ

**ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)**

ଡ୍ରାଇଭିଂ ଟେଷ୍ଟ କରାଯିବା ସମୟରେ ଏହାକୁ ଆଉ କୌଣସି ବ୍ୟକ୍ତିଙ୍କୁ ଜଗିବାକୁ ପଡ଼ିବ ନାହିଁ। ଅଟୋମେଟେଡ୍ ପ୍ରକ୍ରିୟାରେ କମ୍ପ୍ୟୁଟର ଏଣିକି ଡ୍ରାଇଭିଂ ଟେଷ୍ଟର ପରୀକ୍ଷା କରିବ। ରାଜ୍ୟର ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ପକ୍ଷପାତ ହେଉଥିବା ଅଭିଯୋଗ ଉଠିବା ପରେ ଏବେ ଏଭଳି ପଦ୍ଧତି ପରିବହନ ବିଭାଗ ଆପଣାଇଛି। ବୁଧବାର ଗଞ୍ଜାମ, ଚଣ୍ଡିଖୋଲ, ରାଉରକେଲା, ଅନୁଗୋଳ, ସୁନ୍ଦରଗଡ଼ ଓ କେନ୍ଦୁଝର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱୟଂଚାଳିତ ଗାଡ଼ିଚାଳନା ପରୀକ୍ଷା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଖୁବ୍‌ଶୀଘ୍ର ୩୮ଟି ଯାକ ଆର୍‌ଟିଓରେ ଏହି ବ୍ୟବସ୍ଥା କରାଯିବ। ମାନବ ହସ୍ତକ୍ଷେପଜନିତ ଦୁର୍ନୀତି ରୋକିବାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର ହେବ ବୋଲି ସେ କହିଛନ୍ତି। ବାଣିଜ୍ୟ ଏବଂ ପରିବହନ ବିଭାଗ ଓ ଏନ୍‌ସିସି ନିର୍ଦ୍ଦେଶାଳୟ ମଧ୍ୟରେ ଜୁନିୟର ରକ୍ଷକ ପାଇଁ ବୁଧବାର ପୂର୍ବାହ୍ନରେ ଲୋକସେବା ଭବନ କନ୍‌ଭେନସନ୍ ହଲ୍‌ରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ☞ପୃଷ୍ଠା–୧୫

**ଆଜିର ସମ୍ପାଦକୀୟ**

**ବେଦରେ ଯଜ୍ଞ**



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୭/୨୦୨୪
Bhubaneswar, Thursday, March 7/2024




# ୨୦୧୯ ଭୋଟ ପୂର୍ବରୁ ହତ୍ୟା | ୫ ଜଣଙ୍କୁ ଫାଶୀଦଣ୍ଡ

## ଆନନ୍ଦପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ହତ୍ୟା ଘଟଣା

**ଆନନ୍ଦପୁର(ସୁଶାନ୍ତ କୁମାର ସାହୁ/ଉମେଶ ଚନ୍ଦ୍ର ପାଢ଼ୀ)/ଘଷିପୁରା(ନିରଞ୍ଜନ ସାହୁ)/କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ), ୬।୩**

୨୦୧୯ ନିର୍ବାଚନ ପୂର୍ବରୁ ଘଟିଥିବା ଆନନ୍ଦପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ହତ୍ୟାକାଣ୍ଡର ରାୟ ବୁଧବାର ପ୍ରକାଶ ପାଇଛି। ରାୟରେ ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଜ୍ୟାତି ରାଉତ ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ସମେତ ୫୩ ସରକାରୀ ସାକ୍ଷୀ, ୯୩ଟି ଦସ୍ତାବିଜ୍ ଓ ୩୦ ଗୋଟି ମ୍ୟାଟେରିଆଲ୍ ଅବଜେକ୍ଟ ସହିତ ଅଡିଓ ଭିଡିଓର ସଂଗୃହୀତ ଫଟୋଚିତ୍ରକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଥିବା ସରକାରୀ ଆଇନଜୀବୀ ଅଶ୍ୱିନୀ କୁମାର ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି। ୫ ଦୋଷୀ ହେଲେ ଅଜିତ ପୃଷ୍ଟି(ନିର), ସଞ୍ଜୟ ପୃଷ୍ଟି(ଚିଲୁ), ଅରୁଣ ପୃଷ୍ଟି, ଅଲେଖ ପୃଷ୍ଟି ଏବଂ ଦୋଳ ବୋଇତେଇ।

ଘଷିପୁରା ଥାନା ଧକୋଠା ଅଞ୍ଚଳର ରାମଚନ୍ଦ୍ର ବେହେରା ଘଷିପୁରା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର


ମୃତ ରାମଚନ୍ଦ୍ର ବେହେରା


୫ ଅଭିଯୁକ୍ତ

ଧରିଥିଲା। ସେ ସମୟରେ ତାଙ୍କର ଲୋକ ସମର୍ଥନ ମଧ୍ୟ ଅଧିକ ଥିଲା। ସେ ପ୍ରାର୍ଥୀ ହେବା ନେଇ ତାଙ୍କ ସମର୍ଥକମାନେ ଆଶାବାଦୀ ଥିଲେ। ଏଣୁ ତାଙ୍କ ଘରକୁ ସାଧାରଣ ଲୋକ ତଥା କର୍ମୀ ଓ ସମର୍ଥକଙ୍କ ଯାତାୟାତ ଲାଗି ରହୁଥିଲା। ୨୦୧୯ ମାର୍ଚ୍ଚ ୨୬ରେ ସେ ବିଜେଡିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ମାର୍ଚ୍ଚ ୨୫ ତାରିଖ ରାତି ପ୍ରାୟ ୧୦ଟାରେ ୬ ଜଣ ଅଭିଯୁକ୍ତ ରାମଚନ୍ଦ୍ରଙ୍କ ଘରକୁ କୌଣସି ଏକ ଘଟଣାକୁ ନେଇ ଆଲୋଚନା କରିବାକୁ ଆସିଥିଲେ। ସେମାନେ ଆଲୋଚନା କରିବା ସହ ଚା’ ପାନ କରିଥିଲେ। ପରେ ସେମାନେ ତାଙ୍କୁ ଘର ବାହାରକୁ ☞ପୃଷ୍ଠା-୧୫

# ଜୁଲ୍‌ଫିକରଙ୍କ ମାମଲାର ଉପଯୁକ୍ତ ଶୁଣାଣି ହୋଇ ନ ଥିଲା

## ଫାଶୀର ୪୪ ବର୍ଷ ପରେ ମାନିଲେ ପାକ୍ ସୁପ୍ରିମକୋର୍ଟ

**ଇସ୍‌ଲାମାବାଦ,୬।୩**

୪୪ ବର୍ଷ ପୂର୍ବେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲଫିକର ଅଲୀ ଭୁଟ୍ଟୋଙ୍କୁ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ୧୯୭୯ରେ ଜେନେରାଲ ଜିଆ-ଉଲ୍-ହକ୍‌ଙ୍କ ସାମରିକ ଶାସନ କାଳରେ ତାଙ୍କୁ ଫାଶୀ ଦିଆଯାଇଥିଲା। ଉପଯୁକ୍ତ ବିଚାର କରା ନ ଯାଇ ଏହି ଦଣ୍ଡାଦେଶ ଦିଆଯାଇଥିଲା ବୋଲି ପାକିସ୍ତାନ ସୁପ୍ରିମକୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି। ୨୦୧୧ ଏପ୍ରିଲ ୨ରେ ତତ୍କାଳୀନ ରାଷ୍ଟ୍ରପତି ଆସିଫ୍ ଅଲୀ ଜରଦାରି ସମ୍ବିଧାନର ଅନୁଚ୍ଛେଦ ୧୮୬ ଅଧୀନ ପ୍ରେସିଡେନ୍ସିଆଲ ରେଫରେନ୍ସ ବଳରେ ଏହି ସ୍ୱତନ୍ତ୍ର ମାମଲାର ରାୟ ପୁନର୍ବିଚାର କରିବା ପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ପାକିସ୍ତାନ


ଜୁଲଫିକର ଅଲୀ ଭୁଟ୍ଟୋ

ପିପୁଲ୍ସ ପାର୍ଟି (ପିପିପି) ପ୍ରତିଷ୍ଠାତା ତଥା ତାଙ୍କ ଶ୍ୱଶୁର ଭୁଟ୍ଟୋଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ଅନୁଚିତ ଥିଲା ବୋଲି ଜର୍ଦ୍ଦାରି ଦର୍ଶାଇଥିଲେ। ୧୯୭୭ରେ ଭୁଟ୍ଟୋ ସରକାରଙ୍କ ପତନ ଘଟାଇଥିବା ଏକଚ୍ଛତ୍ରବାଦୀ ଶାସକ ହକ୍‌ଙ୍କ ଚାପରେ ୫୧ ବର୍ଷୀୟ ଭୁଟ୍ଟୋଙ୍କୁ ଫାଶୀ ଦିଆଯାଇଥିବା ଅନେକ ପାକିସ୍ତାନୀ ମନେକରନ୍ତି। ସେମାନଙ୍କ ମତରେ ଏହା ଏକ ନ୍ୟାୟ ବହିର୍ଭୂତ ହତ୍ୟା। ପାକିସ୍ତାନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେପି) କାଜି ଫଏଜ୍ ଇସାଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ପୀଠ କହିଛନ୍ତି, ଲାହୋର ହାଇକୋର୍ଟଙ୍କ ବିଚାର ଓ ସୁପ୍ରିମକୋର୍ଟରେ ଅପିଲକୁ ନେଇ ଉପରୋକ୍ତ ରାୟ ଦିଆଯାଇଥିଲା। କିନ୍ତୁ ଦେଶର ସମ୍ବିଧାନ ଓ ଆଇନ ଅନୁମତି ଦେଉ ନ ଥିବାରୁ ଏହି ରାୟକୁ ବଦଳାଯାଇପାରିବ ନାହିଁ। ପରବର୍ତ୍ତୀ ସମୟରେ ଶୀର୍ଷ ଅଦାଲତ ଏନେଇ ବିସ୍ତୃତ ଭାବେ ମତ ରଖିବେ।

# ବାପା, ଦୁଇ ପୁଅଙ୍କୁ ଆଜୀବନ ଜେଲ

## ବଳରାମ ହତ୍ୟା ମାମଲା

**ବ୍ରହ୍ମପୁର,୬।୩ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ପାଟପୁର ଥାନା ତୁଳସୀପଦର ଗ୍ରାମର ବଳରାମ ସୁଆଁସିଆଙ୍କୁ ୨୦୧୫ ଡିସେମ୍ବର ୨୦ ତାରିଖରେ ହତ୍ୟା କରାଯାଇଥିଲା। ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ (ଏଡିଜେ)-୧ ଡ. ଇନ୍ଦୁ ଶର୍ମା ଏହି ମାମଲାର ବିଚାର କରି ବୁଧବାର ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ତୁଳସୀପଦର ଗ୍ରାମର ଭୂଷଣ ମହାନ୍ତି(୬୪), ତାଙ୍କ ବଡ଼ପୁଅ ଭଗବାନ ମହାନ୍ତି(୩୭) ଓ ସାନପୁଅ ଅଜିତ ମହାନ୍ତି(୩୧)। ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୧ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଭିଯୁକ୍ତମାନେ ଅଧିକ ୧୮ ମାସ ☞ପୃଷ୍ଠା-୧୫



ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୭/୨୦୨୪ | Bhubaneswar, Thursday, March 7/2024 | ପୃଷ୍ଠା-୧




# ବିଏସ୍‌କେୱାଇ-ନବୀନ କାର୍ଡର ଶୁଭାରମ୍ଭ

- ମେ' ପହିଲାରୁ ମିଳିବ ଚିକିତ୍ସା ସୁବିଧା
- ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର: ମୁଖ୍ୟମନ୍ତ୍ରୀ
- ପରବର୍ତ୍ତୀ ପର୍ଯ୍ୟାୟରେ ସହରାଞ୍ଚଳର ସମସ୍ତଙ୍କୁ ସାମିଲ କରାଯିବ: ୫-ଟି ଅଧ୍ୟକ୍ଷ



ଭୁବନେଶ୍ୱର,୬।୩(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)-ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡ଼ି ଗାଁର ସବୁଲୋକ ଏହି ସୁବିଧା ପାଇବେ। ମେ' ପହିଲାଠାରୁ ହିତାଧିକାରୀମାନେ ଏହାର ସୁବିଧା ପାଇବେ। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢ଼େ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୋ ପରିବାର। ଆପଣମାନଙ୍କ ସୁଖ ଦୁଃଖରେ ମୁଁ ସବୁବେଳେ ରହିଛି ଓ ରହିଥିବି। ଆପଣମାନଙ୍କ ଖୁସି ମୋ ଖୁସି। ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର। ସ୍ୱାସ୍ଥ୍ୟ ସହିତ ଏହାର ଗଭୀର ସମ୍ପର୍କ ରହିଛି। ମୋ ପରିବାରର ଲୋକମାନେ କିପରି ଭଲରେ ରହିବେ ସେଥିପାଇଁ ମୁଁ ସବୁବେଳେ କାମ କରି ଚାଲିଛି ଓ କରି ଚାଲିବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ବିଏସ୍‌କେୱାଇରେ ରାଜ୍ୟର ୧ କୋଟିରୁ ଅଧିକ ପରିବାର ଯାହାକି ରାଜ୍ୟ ଜନସଂଖ୍ୟାର ୮୦ ଭାଗ କ୍ୟାଶଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି। ☞ପୃଷ୍ଠା-୧୫

## ପୁଣି ଜଣେ ଭାଜପା ନେତାଙ୍କୁ ମାଓବାଦୀଙ୍କ ହତ୍ୟା

ମାଲକାନଗିରି,୬।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିଜିଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ମାଓବାଦୀମାନେ ପୁଣି ଜଣେ ଭାଜପା ନେତାଙ୍କୁ ବୁଧବାର ଗୁଳି କରି ହତ୍ୟା କରିବା ସହ ତାଙ୍କ ଜେସିବିରେ ନିଆଁ ଲଗାଇ ଦେଇଛନ୍ତି। ଏହି ଘଟଣା ଜଙ୍ଗଲାର କୋଟାମେଟା ଅଞ୍ଚଳରେ ଘଟିଛି।

ସୂଚନା ଅନୁଯାୟୀ, ଭାଜପା ନେତା ତଥା ଟ୍ରେଡର୍ସ ସେଲ୍‌ର ସଂଘ ଉପାଧ୍ୟକ୍ଷ ଜଙ୍ଗଲାର ବାସିନ୍ଦା କୈଳାସ ନାଗଙ୍କୁ ବୁଧବାର ସନ୍ଧ୍ୟାରେ କୋଟମେଟାଠାରେ ମାଓବାଦୀମାନେ ହତ୍ୟା କରିଥିଲେ। ଜଙ୍ଗଲାର ଥାନାଠାରୁ ପ୍ରାୟ ୧୨ କି.ମି. ଦୂରରେ ଥିବା କୋଟାମେଟାଠାରେ ଏକ ନୂତନ ପୋଖରୀ ଖୋଳା ଚାଲିଥିଲା। ଏଠାରେ କୈଳାସଙ୍କ ଜେସିବିରେ ପୋଖରୀ ଖୋଳା ହେଉଥିଲା। ଏହି ସମୟରେ ମାଓବାଦୀମାନେ କୈଳାସଙ୍କୁ ହତ୍ୟା କରିଥିଲେ।

ସୂଚନଯୋଗ୍ୟ, ୬ ଦିନ ମଧ୍ୟରେ ମାଓବାଦୀମାନେ ☞ପୃଷ୍ଠା-୧୫

# କଂଗ୍ରେସକୁ ଫେରିଲେ ଶ୍ରୀକାନ୍ତ ଜେନା

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜର ଘର ସଜାଡ଼ିବାରେ ଲାଗିଛି। ରାଜ୍ୟର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବୁଧବାର କଂଗ୍ରେସକୁ ଘରବାହୁଡ଼ା କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟଠାରେ ଶ୍ରୀକାନ୍ତ ଆନୁଷ୍ଠାନିକ ଭାବେ ଦଳକୁ ଫେରିଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୧୯ ଜାନୁୟାରୀ ୨୦ରେ କଂଗ୍ରେସରୁ ତାଙ୍କୁ ବହିଷ୍କୃତ କରାଯାଇଥିଲା।

ସୂଚନା ଅନୁସାରେ, ଶ୍ରୀକାନ୍ତଙ୍କୁ ବିଧିବଦ୍ଧ ଭାବେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଦଳ ଓ ତାଙ୍କ ମଧ୍ୟରେ ଯାହା ଭୁଲ୍ ବୁଝାମଣା ଥିଲା ତାହା ଦୂରହୋଇଛି। ସେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ କଥା ହୋଇଛନ୍ତି। ସେ ଛାତ୍ର ରାଜନୀତିରୁ କଂଗ୍ରେସ ସହ ଜଡ଼ିତ। ଭୁଲ୍ ବୁଝାମଣା ଯୋଗୁ କିଛିଦିନ ପାଇଁ ଦଳଠୁ ଦୂରେଇଯାଇଥିଲେ। ଓଡ଼ିଶାରେ ବିଜେଡି ଓ ଭାଜପା ମଧ୍ୟରେ ଖୋଲାଖୋଲି ଗଠବନ୍ଧନ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ଓଡ଼ିଶା ଆସୁଥିବାବେଳେ ଓଡ଼ିଶାର ଶାସନ ☞ପୃଷ୍ଠା-୧୫



କଂଗ୍ରେସକୁ ଫେରିବା ଅବସରରେ ନୂଆଦିଲ୍ଲୀରେ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ ସହ ଶ୍ରୀକାନ୍ତ ଜେନା। (ଫଟୋ: ଚମନ ଗୌତମ)

- ଦଳ ଓ ମୋ ମଧ୍ୟରେ ଥିବା ଭୁଲ୍ ବୁଝାମଣା ଦୂରହେଲା: ଶ୍ରୀକାନ୍ତ
- ଭୁଲ୍ ବୁଝାମଣା ଦୂରକରିପାରିଛି: ଅଜୟ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୦୭ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ରେଡକ୍ରସ ସୋସାଇଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭୁବନେଶ୍ୱର ଲୋକାଲ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ଦପ୍ତର, ସମୟ: ମଧ୍ୟାହ୍ନ ୧୨ଟା।
- ବସ୍ତ୍ର ପ୍ରିମିୟର ଶୋ', ସ୍ଥାନ: ସିନେପଲିସ, ଏସ୍‌ପ୍ଲାନେଡ୍, ରସୁଲଗଡ଼,ସମୟ: ଅପରାହ୍ନ ୪ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଭବନର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୫ଟା ୧୫।
- ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ନିଳାଦ୍ରୀ ବିହାର, ସମୟ: ସନ୍ଧ୍ୟା ୬ଟା।
- ୪ମ ଏଫ୍ଏଲ୍‌ଓ ଓଡ଼ିଶା ଓମେନ୍ସ ଆୱାର୍ଡ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ଉତ୍ସବ 'ଏକୋହମ୍' ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୭ ତମ ବାର୍ଷିକ ବାଦି ପାଲା, ସ୍ଥାନ: ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଗୋହଳ ଗ୍ରାମ ପାଲା ମଣ୍ଡପ, ସମୟ: ରାତି ୭ଟା।

## କଟକ

- ଅଖଣ୍ଡବଟୀ ମହିମା ମେଳା, ସ୍ଥାନ: ମାହାଙ୍ଗା ବ୍ଲକ ପୋଡାମରାଇ, ସମୟ: ସକାଳ ୭ଟା।
- ଶିଶୁ ଅଧିକାର ଓ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ନରସିଂହପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଫିଲ୍ମ ସୋସାଇଟି ଅଫ୍ ରେଭେନ୍ସା ପକ୍ଷରୁ ରେଭେନ୍ସା ୨ୟ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଯାପନୀ ଦିବସ,ସ୍ଥାନ:ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ ଟା।
- ସି.ପି.ଆଇ (ଏମ) ପକ୍ଷରୁ ଏସ୍‌ବିଆଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଦାବିରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ, ସ୍ଥାନ: ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ସମ୍ମୁଖ, ଚାନ୍ଦିନୀଚୌକ, ସମୟ: ପୂର୍ବାହ୍ନ ୧୧ଟା।
- ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ପିଏମ୍ ବିଶ୍ୱକର୍ମା ତାଲିମ ପ୍ରମାଣପତ୍ର ପ୍ରଦାନ ସମାରୋହ, ସ୍ଥାନ: ସଂସ୍ଥାନ ପରିସର, ସିଡିଏ ସେକ୍ଟର ୮, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ଆଶା କର୍ମୀ ସମ୍ମିଳନୀ, ସ୍ଥାନ: ଶାରଳା ଭବନ,କଟକ, ସମୟ: ମଧ୍ୟାହ୍ନ ୧୨ଟା।

## ପୁରୀ

- ବାବା କାଶୀନାଥ ଦେବ ଓ ମା' କାଶୀଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ୪ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ, ଜଳଧିବେଶ, ସୂର୍ଯ୍ୟ ପୂଜା, ଯଜ୍ଞଶାଳା ପୂଜା, ଅଗ୍ନି ସଂସ୍ଥାପନା, ସ୍ଥାନ: ମଠସାହି, ଖେଲାର, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟର ଏଥିକାଲ ମିଟିଂ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ଟିଏଲସି ପଡ଼ିଆ ନିକଟ,ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଜାଗୃତି ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା,ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କ୍ରିକେଟ କପ୍ ଟୁର୍ନାମେଣ୍ଟ, ସ୍ଥାନ: ପାନବରଜ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ତ୍ରୟମ୍ବକେଶ୍ୱର ଓ ରାଧାକୃଷ୍ଣ ଜୀଉ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ପ୍ରସାଦସେବନ, ସ୍ଥାନ: ବିସି ସେନ୍ ରୋଡ୍, ରାଜାବଗିଚା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମୟୂରଭଞ୍ଜ

- ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ାସ୍ଥିତ ମୋରଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ:ୱାର୍ଡ ନଂ. ୫, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବାବା ଧବଳେଶ୍ୱର ମନ୍ଦିର କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ସ୍ଥାନ: ଶ୍ୟାମାଖୁଣ୍ଟା ବ୍ଲକ, ପଡ଼ାଅଡ଼ିଆ,ସମୟ: ପୂର୍ବାହ୍ନ ୧୧ଟା।
- ତତ୍ତ୍ୱମସି ପ୍ରତିଷ୍ଠାନର ପ୍ରଥମ ଉଦୟାବର୍ତ୍ତ ଉତ୍ସବ, ସ୍ଥାନ: ଶ୍ରୀମା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।
- ମୟୂରଭଞ୍ଜ ମୀରର ପକ୍ଷରୁ ବିଜୟ ଉତ୍ସବ, ସ୍ଥାନ: ଗାନ୍ଧୀପାର୍କ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଯାଦବ ଜାଗୃତି ଓ ପଛୁଆବର୍ଗ ବନ୍ଧୁମିଳନ ସମାବେଶ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଆକ୍ସିସ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟନ, ସ୍ଥାନ: କାଳୀମନ୍ଦିର ନିକଟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଚବିଶ ପ୍ରହର ନାମଯଜ୍ଞ ନଗର ସଂକୀର୍ତ୍ତନ ଉତ୍ସବ, ସ୍ଥାନ: ବିନାୟକପୁର ହାଟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଅସୁରାଳି ଉଚ୍ଚପଦା ଛକ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବୋଦୟ ମଣ୍ଡଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍କିଲ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ଉଚପଦା ଛକ, ଅସୁରାଳି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ସ୍ମାର୍ଟ ପାର୍କ ଉଦ୍‌ଘାଟନ, ସ୍ଥାନ: ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ନୂତନ ଟାଉନ ହଲ୍ ଉଦ୍‌ଘାଟନ, ସ୍ଥାନ: ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ଚାନ୍ଦବାଲି, ସମୟ: ଅପରାହ୍ନ ୧ଟା।
- ଜାଗର ଯାତ୍ରା ଉପଲକ୍ଷେ ଶୈବପୀଠ ଆରଡ଼ିରେ ପାନୀୟ ଜଳ, ଦହି ସର୍ବତ ବଣ୍ଟନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଯାଦବ କାର୍ଯ୍ୟାଳୟ, ଚରମ୍ପା, ସମୟ: ଅପରାହ୍ନ ୪ଟା।
- ଖାଡ଼େଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ବିରୋଳି, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ମା' ବରୁଣାଇ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ଜାଫରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପିଏମ୍ ସୂର୍ଯ୍ୟ ଘର ଯୋଜନା ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝରର ପ୍ରଧାନ ଡାକଘର, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ବିଇଏମ୍‌ସି ବୈଠକ, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ

- ନାମ ସଂକୀର୍ତ୍ତନ ଯଜ୍ଞ ସକାଶେ ଅଧିବାସ କାର୍ଯ୍ୟକ୍ରମ, ସ୍ଥାନ:ବୁଗୁଡ଼ା ବ୍ଲକ ବେତାରସିଙ୍ଗି ଶ୍ରୀ ସପ୍ତେଶ୍ୱର ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ଇଂରାଜୀ, ଗଣିତ ଶିକ୍ଷକ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚଭୂତି ବେଗୁନିଆ ରାସ୍ତାର ଶିଳାନ୍ୟାସ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ବେଗୁନିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମହିଳା ଦିବସ, ସ୍ଥାନ: ଛତ୍ରପୁର ଏନ୍ଏସି କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା
- ଛତ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ରାମପଲୀ, ସମୟ: ପୂର୍ବାହ୍ନ ୧୧ ଟା।
- ନୀଳକଣ୍ଠେଶ୍ୱର ପାର୍କ ଉଦ୍‌ଘାଟନ, ରାଶନ କାର୍ଡ ହିତାଧିକାରୀଙ୍କୁ ସହାୟତା ବଣ୍ଟନ, ଜମି ପଟ୍ଟା ପ୍ରଦାନ, ନବୀନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ, ସ୍ଥାନ: ଜଗନ୍ନାଥ ପ୍ରସାଦ ବ୍ଲକ ଦେଉଳପଲ୍ଲୀ, ସମୟ: ପୂର୍ବାହ୍ନ ୧୧ ଟା।
- ବ୍ଲକ ସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ:ବୁଗୁଡା ମିଶନ ଶକ୍ତି ଭବନ, ସମୟ:ମଧ୍ୟାହ୍ନ ୧୨ଟା।
- ହରିଡ଼ାପଦର ଗୋଛାବାଡି ରାସ୍ତାର ଶିଳାନ୍ୟାସ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଗୋଛାବାଡ଼ି, ସମୟ:ଅପରାହ୍ନ ୧ ଟା।
- ବନ ବିଭାଗର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଭଞ୍ଜନଗର ବ୍ଲକ ଲାଲସିଂ ନର୍ସରୀ, ସମୟ: ଅପରାହ୍ନ ୧ ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା୩୦।
- ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମଦନମୋହନପୁର (ଦିଗପହଣ୍ଡି ବ୍ଲକ) , ସମୟ: ସନ୍ଧ୍ୟା ୫ ଟା।
- ଶିବ ସନ୍ଦେଶ ଯାତ୍ରା ଅବସରରେ ସଭା, ସ୍ଥାନ: ଭଞ୍ଜନଗର ଓମ ଶାନ୍ତି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀମଦ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ସାନକୋଦଣ୍ଡା, ସମୟ: ସନ୍ଧ୍ୟା ୭ ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଆଶା, ଏକେଏସ୍ ଓ ଏମ୍ଏସ୍ ସମ୍ମିଳନୀ, ସ୍ଥାନ : ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ : ସକାଳ ୯ଟା ୩୦।
- କୀଟନାଶକ ପରିଚାଳନା ଉପରେ ଜିଲାସ୍ତରୀୟ ମେଳା, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ,ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ଦଳିତ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ନିଶାଣିମୁଣ୍ଡା ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ସାହିତ୍ୟରେ ବିଶ୍ୱର ଅନୁସନ୍ଧାନ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ,ସ୍ଥାନ: କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ସୁନାବେଡା କ୍ୟାମ୍ପସ,ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଏମ୍‌ଜିଏନ୍‌ଆରଇଜିଏସ ବ୍ଲକସ୍ତରୀୟ ଜଣ ଶୁଣାଣି, ସ୍ଥାନ: ନବରଙ୍ଗପୁର ବ୍ଲକ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ହରଗୌରୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ୍‌ର କୋଇଲିମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ।

## ମାଲକାନଗିରି

- ଭିନ୍ନକ୍ଷମ ଏବଂ ଶ୍ରମିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାଲିମେଲା ଟାଉନ ହଲ, ସମୟ:ପୂର୍ବାହ୍ନ ୧୦ଟା।
- ଅଙ୍ଗନୱାଡ଼ି, ଆଶାକର୍ମୀଙ୍କ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସେବା ତାଲିମ ଶିବିର, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବଲପୁରୀ ଧନୁଯାତ୍ରା କଂସଙ୍କ ନଗର ପରିକ୍ରମା, ସ୍ଥାନ: ସମ୍ବଲପୁର ସହର, ସମୟ: ସନ୍ଧ୍ୟା ୬ଟା।
- ରାଜ ଅତିଥି ସଭା, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ପାରାୟଣ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ସନ୍ଧ୍ୟା ୭ଟା।
- ରଙ୍ଗସଭା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀକୃଷ୍ଣ ଜନ୍ମ, ଶ୍ରୀକୃଷ୍ଣଙ୍କୁ ଗୋପପୁର ପ୍ରେରଣ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ରାତି ୮ଟା।
- ବିଜୁଳି କନ୍ୟାର ଆବିର୍ଭାବ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ରାତି ୮ଟା ୩୦।
- ବସୁଦେବ ଓ କୃଷ୍ଣଙ୍କ ଗୋପପୁର ଆଗମନ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ ରାତି ୯ଟା।

## ବଲାଙ୍ଗୀର

- ଚବିଶ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୁଟେନପାଲି ପୁଇଁତଲା, ସମୟ: ସକାଳ ୯ଟା।
- ଡିସିପିୟୁ ପକ୍ଷରୁ ମିଡ଼ିଆ କର୍ମଶାଳା, ସ୍ଥାନ: ଏଡିଏମ ସମ୍ମିଳନୀ କକ୍ଷ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ, ସ୍ଥାନ: ଖପ୍ରାଖୋଲ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ପ୍ରତି ଅବଦାନ ଥିବା ପୂର୍ବତନ ଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ:ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ସପ୍ତାହ ଆରମ୍ଭ, ସ୍ଥାନ: ଟୁଷୁରା ରୟାଲ କେଡିଆ ଭବନ, ସମୟ: ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ସାବାସ ସଙ୍ଗଠନର କର୍ମକର୍ତ୍ତା ଚୟନ, ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ:ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ତରଭା ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା।

## ବରଗଡ଼

- ମହାଶିବରାତ୍ରୀ ଅବସରରେ ପୁରାଣ ପଠନ, ସ୍ଥାନ: ଭୂତିବାହାଲ, ଗାଇସିଲେଟ, ସମୟ: ସକାଳ ୭ଟା।
- ଟିକିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ୟାକ୍ସ କର୍ମଚାରୀଙ୍କ ଧାରଣା, ସ୍ଥାନ: ଏଆରସିଏସ୍ ବ୍ୟାଙ୍କ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହର ଉଦ୍‌ଯାପନୀ, ସ୍ଥାନ: ସୋହେଲା ବ୍ଲକର ସାମକଟା, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ବଣ୍ଟନ,ସ୍ଥାନ: ବଡ଼ଗାଁ ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୧ଟା।
- ଉମାମହେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ହେମଗିର ବ୍ଲକ ବିଶ୍ୱନାଥପୁର, ସମୟ:ଅପରାହ୍ନ ୫ଟା।

## ରାଉରକେଲା

- ବାଲୁଙ୍କେଶ୍ୱର ମନ୍ଦିରରେ ମହାଶିବରାତ୍ରୀ ଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୧ ବାଲୁଙ୍କେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଗୁରୁକୁଳ ଆଶ୍ରମରେ ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଆଦିବାସୀ ମେଳାର ଷଷ୍ଠ ଦିବସ, ସ୍ଥାନ: ଜଗଦା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମୋ ପ୍ରଥମ ଭୋଟ୍ ଦେଶ ପାଇଁ ସମର୍ପିତ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର ୨ ସୁଶୀଳାବତୀ ମହିଳା କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସରେ ବୈଠକ, ସ୍ଥାନ: ସେକ୍ଟର-୨୧ କଂଗ୍ରେସ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଜିଲା କଂଗ୍ରେସ ପକ୍ଷରୁ ତହସିଲ ଅଫିସ ଘେରାଉ, ସ୍ଥାନ: ରିଆମାଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବାବା ସ୍ୱପେଶ୍ୱର ମନ୍ଦିରରେ ନନ୍ଦୀଙ୍କ ପ୍ରତିଷ୍ଠା ଉତ୍ସବ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ,ସ୍ଥାନ: ରିଆମାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର,ସ୍ଥାନ: ଦେବଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦେବଗଡ଼ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଅନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମେଗା ଆଇଇସି ମେଳା ପେଷ୍ଟି ସାଇଡ ମ୍ୟାନେଜ ମେଣ୍ଟ, ସ୍ଥାନ: ଭବାନୀପାଟଣା ଓୟୁଏଟି କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ୮ ଦଫା ଦାବି ନେଇ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଖଡ଼ିଆଳ ବ୍ଲକ ସମ୍ମୁଖରେ, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତର ସିଂହପାଲି ( ଭାଲୁପାବଳି)ଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିରର ପ୍ରାଣ ପ୍ରତିଷ୍ଠା, ସ୍ଥାନ: ସିଂହପାଲି , ସମୟ: ସକାଳ ୮ ଟା।
- କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତର ମଲିକୁଦ ଗ୍ରାମରେ ନୂତନ ଶିବମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ:ମଲିକୁଦ, ସମୟ: ସକାଳ ୮ଟା।
- କନ୍ଧମାଳ ବ୍ଲକ ଘଣ୍ଟାପଡାସ୍ଥିତ ଯୋଗେଶ୍ୱର ବାବାଙ୍କ ନୂତନ ତମ୍ବା ନାଗ ସ୍ଥାପନ, ସ୍ଥାନ: ଘଣ୍ଟାପଡା, ସମୟ: ସକାଳ ୮ଟା।
- ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନ ଖେଳ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।

## ଅନୁଗୋଳ

- ଚେମିଣୀଘଣ୍ଟି ପାହାଡ଼ ବିଷ୍ଣୁ ମନ୍ଦିରରେ ଜାଗର ପ୍ରସ୍ତୁତି, ସ୍ଥାନ: କଣିହାଁ ବ୍ଲକ ଟୋଲକବେଡ଼ା, ସମୟ: ସକାଳ ୮ଟା।
- ଜିଲା ପରିଷଦ ମାସିକ ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ତାଳଚେର ଦେଉଳାବେଡ଼ା କଳିଆରିସ୍ଥିତ ମଙ୍ଗଳମ କ୍ଲବ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ଓରମାସର କର୍ମଶାଳା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଚକାଡ଼ୋଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅନୁଗୋଳ ବଣିଆବାହଳ, ସମୟ: ଅପରାହ୍ନ ୩ ଟା।
- ଜିଲା ଉନ୍ନୟନ ପରିଷଦ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।
- ପାନୀୟ ଜଳ ଓ ପରିମଳ ସମୀକ୍ଷା, ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପୌର ବଜେଟ ବୈଠକ, ସ୍ଥାନ ଜଗତ୍‌ସିଂହପୁର ପୌର ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସିଂହାସନ ଖାଲି କର ସମାବେଶ, ସ୍ଥାନ: କୁଜଙ୍ଗ ବ୍ଲକ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନାଏବ ସୋମନାଥ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି, ସ୍ଥାନ: ଚାଟ୍ରାସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- କିଡ୍‌ଜୀ ଦି ୱାର୍ଲ୍ଡର ବାର୍ଷିକ ଉତ୍ସବ, ସ୍ଥାନ: ପାରାଦୀପ ମଧୁବନ, ସମୟ: ଅପରାହ୍ନ ୫ଟା୩୦।

## ନୟାଗଡ଼

- ମାଘ ଏକାଦଶୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସମାବେଶ, ସ୍ଥାନ:ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଶୁଳିଆ ଠାକୁରାଣୀ ପୀଠ,ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ଉଦ୍‌ଯାପନୀ ଦିବସର ନାଟକ 'ଶୃଙ୍ଖଳା ସମୁଦ୍ର', ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ,ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ, ଖଡିଅଙ୍ଗ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୧ଟା।
- ପାଇକା ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ପୋଡାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ବିସ୍ଥାପନ ବିରୋଧୀ ଜନମଞ୍ଚର ସମର୍ଥନରେ ବିସ୍ଥାପିତଙ୍କ ଧାରଣା, ସ୍ଥାନ : କଳିଙ୍ଗନଗର ନୀଳାଚଳ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ରସୁଲପୁର ବ୍ଲକ୍ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ଚଉନିପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଚ୍ଛାନଗରପାଟଣା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ୍‌ର ଇଚ୍ଛାନଗରପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ଧର୍ମଶାଳା ବ୍ଲକ ଅଫିସ ପକ୍ଷରୁ ଭତ୍ତା ବଣ୍ଟନ, ସ୍ଥାନ: ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ,ସମୟ: ଅପରାହ୍ନ ୩ଟା।
- ଡିଫା ପକ୍ଷରୁ ଫୁଟବଲ ମ୍ୟାଚ, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଶ୍ୱକଲ୍ୟାଣ ମହାଯଜ୍ଞ, ସ୍ଥାନ: ଦଶରଥପୁର ମଲ୍ଲିକାପୁର ପଞ୍ଚାୟତ ମହାନ୍ତି ପାଟଣା, ସମୟ: ସନ୍ଧ୍ୟା ୭ଟା।

# ୮ରୁ ଗଡ଼ିବ ପାରାଦୀପ-କେନ୍ଦୁଝରଗଡ଼ ପାସେଞ୍ଜର ଟ୍ରେନ୍

## ୯ରୁ ପୁରୀ-ଆନନ୍ଦ ବିହାର ଏକ୍ସପ୍ରେସ୍‌ର ନିୟମିତ ସେବା

ଭୁବନେଶ୍ୱର,୬।୩
(ଅନୁରାଧା ମହାରଣା)

ହରିଦାସପୁର-ପାରାଦୀପ ରେଳ ଲାଇନ ଏବଂ କେନ୍ଦୁଝରଗଡ଼ ମାର୍ଗଦେଇ ପୁରୀରୁ ନୂଆଦିଲ୍ଲୀ ଅଭିମୁଖେ ପାସେଞ୍ଜର ପରିବହନ କ୍ଷେତ୍ରରେ ଏକ୍ସପ୍ରେସ ସେବା ପ୍ରତିଶ୍ରୁତି ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରାଦୀପ - କେନ୍ଦୁଝରଗଡ଼ ଏବଂ ପୁରୀ-ଆନନ୍ଦ ବିହାର ଏକ୍ସପ୍ରେସ୍ ଭାୟା କେନ୍ଦୁଝରଗଡ଼ ଟ୍ରେନର ଶୁଭାରମ୍ଭ କରିଛନ୍ତି। ତେବେ ପାରାଦୀପ-କେନ୍ଦୁଝରଗଡ଼ ପାସେଞ୍ଜର ଟ୍ରେନର ନିୟମିତ ସେବା ଉଭୟ ଦିଗରୁ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ସେହିଭଳି କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ୍ ପୁରୀଠାରୁ ୯ ତାରିଖରୁ ଏବଂ ଆନନ୍ଦ ବିହାରରୁ ୧୦ ତାରିଖରୁ କାର୍ଯ୍ୟକାରୀ ହେବ।

୦୮୪୦୬/୦୮୪୦୫ ପାରାଦୀପ-କେନ୍ଦୁଝରଗଡ଼-ପାରାଦୀପ ମେମୁ ପାସେଞ୍ଜର ସ୍ପେଶାଲ ପାରାଦୀପଠାରୁ ଭୋର୍ ୫ଟା୩୦ରେ ଛାଡିକେନ୍ଦୁଝରଗଡ଼ରେ ୧୧ଟା ୨୫ ମିନିଟ୍‌ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ କେନ୍ଦୁଝରଗଡ଼ଠାରୁ ଅପରାହ୍ନ ୪ଟା ୩୦ରେ ଛାଡି ପାରାଦୀପରେ ରାତି ୯ଟା ୩୦ରେ ପହଞ୍ଚିବ। ଏହି ଟ୍ରେନ୍ ପାରାଦୀପ ଓ କେନ୍ଦୁଝରଗଡ଼ ମଧ୍ୟରେ ସିକୁ, ନୂଆଗାଓଁ, କଳାଘର, ମାର୍ଶାଘାଇ ରୋଡ୍, କେନ୍ଦ୍ରାପଡା, ବାଳିପଡା, ଲଳିତଗିରି, ଉଦୟଗିରି ରତ୍ନଗିରି ରୋଡ୍, ଚଣ୍ଡିଖୋଲ, ହରିଦାସପୁର, ନୂଆଗଡ଼ ମଧୁପୁର, ଜେନାପୁର, ବ୍ରାହ୍ମଣୀ ପିଏଚ୍, ଯଖପୁରା, ଯାଜପୁର କେନ୍ଦୁଝର ରୋଡ୍, ସୁକିନ୍ଦା ରୋଡ୍, ବାଘୁଆପାଳ, ଟମ୍‌କା, ଟାଙ୍ଗିରିଆପାଲ, ସଗଡପଟା, ଚିଲିକଦାରା, ହରିଚନ୍ଦନପୁର, ନୀଳକଣ୍ଠେଶ୍ୱର, ସୀତାବିଞ୍ଜି, ବସନ୍ତପୁର ଏବଂ ନରଣପୁର ଷ୍ଟେଶନରେ ଉଭୟ ପାର୍ଶ୍ୱରୁ ରହଣି କରିବ।

ଅନ୍ୟପଟେ କେନ୍ଦୁଝରଗଡ ମାର୍ଗ ଦେଇ ୧୮୪୨୭/୧୮୪୨୮ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ୍ ପୁରୀରୁ ପ୍ରତି ଶନିବାର ଭୋର ୪ଟା ୧୫ରେ ଛାଡି ରବିବାର ଅପରାହ୍ନ ୧ଟା ୧୦ରେ ଆନନ୍ଦ ବିହାରରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ ଆନନ୍ଦ ବିହାରରୁ ପ୍ରତି ରବିବାର ଅପରାହ୍ନ ୫ଟା ୨୦ରେ ସୋମବାର ରାତି ୧୧ଟା ୫୫ରେ ପୁରୀରେ ପହଞ୍ଚିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ସମେତ ଅନୁକୂଳ ଗ୍ରହସ୍ଥିତିରୁ ଦୈହିକ ସୁସ୍ଥତା ସଙ୍ଗକୁ ପାରିବାରିକ ଓ ସାମାଜିକ ଜୀବନ ପ୍ରୀତିପ୍ରଦ ରହିବ। ଅର୍ଥର ପ୍ରାଚୁର୍ଯ୍ୟ, ଦକ୍ଷତାର ପ୍ରତିଷ୍ଠା ଓ ପ୍ରଶଂସା ସୂଚକ ବିଷୟକୁ ନିନ୍ଦୁକଗୋଷ୍ଠୀଙ୍କୁ ଅସହ୍ୟ ହୋଇପାରେ। ସାଂଗଠନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇବାରେ ଆପଣଙ୍କର ଭୂମିକା ଶୀର୍ଷରେ ରହିବ।

**ବୃଷ** ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ ପାରିବାରିକ ଅସ୍ଥିରତା ସଙ୍ଗକୁ କେତେକ ଅପୂରଣୀୟ ଅଭିଳାଷ ମନକୁ ବ୍ୟଥିତ କରିପାରେ। କର୍ମସ୍ଥାନରେ ରବି ଓ ଶନି ହେତୁ ଅଟକିଥିବା କାମ ସକାଶେ ବିଚଳିତ ରହିପାରନ୍ତି। ବାଣିଜ୍ୟ, ପରିବହନ, ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହେବ। ଧାର୍ମିକ ବାତାବରଣରେ ସାମିଲର ସୁଯୋଗ ମିଳିବ।

**ମିଥୁନ** ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ରାଶ୍ୟାଧିପଙ୍କ ବଳହୀନତା କାରଣରୁ ମାଲିମକଦ୍ଦମାର ଫଳାଫଳ ବିପକ୍ଷରେ ଯାଇପାରେ। ଉଚ୍ଚରାଶିରେ ମଙ୍ଗଳ କର୍ମସମୂହ ଓ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିବ। ବୃହସ୍ପତି ଏକାଦଶସ୍ଥ ଯୋଗୁ ବିଚାରବୁଦ୍ଧି ପ୍ରୟୋଗକରି କାର୍ଯ୍ୟହାସଲ କରିବେ।

**କର୍କଟ** ପରିବାରରେ ମତଭେଦ ହେତୁ ମନରେ ସରସତା ଆଗଭଳି ରହିବ ନାହିଁ। ମାଲିମକଦ୍ଦମାରେ, ବ୍ୟବସାୟରେ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁଙ୍କ କଥାକୁ କାନଡେରି ଶୁଣନ୍ତୁ କିନ୍ତୁ ଭାବିଚିନ୍ତି ଆଗକୁ ଗୋଡ ବଢାନ୍ତୁ। ସପ୍ତମାଧିପ ଅଷ୍ଟମସ୍ଥ ଯୋଗୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ।

**ସିଂହ** ଅଷ୍ଟମାଧିପତି ଭାଗ୍ୟସ୍ଥ ଯୋଗୁ କୌଣସି କାର୍ଯ୍ୟାରମ୍ଭରେ ଆଶାନୁରୂପ ସାହାଯ୍ୟ ମିଳି ନ ପାରେ। ଦୈହିକ ସ୍ଥିତି ସେତେଟା ଅନୁକୂଳ ନ ରହିଲେ ମଧ୍ୟ ମନୋବଳ ଦୃଢ ରହିବ। ଆଜି କୌଣସି ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ଠିକ୍ ହେବନାହିଁ। ବାଣିଜ୍ୟ ବ୍ୟବସାୟ ଟେନ୍ସନଯୁକ୍ତ ରହିଲେ ମଧ୍ୟ ଆର୍ଥିକ ସ୍ଥିତି ମନ୍ଦ ହେବନି।

**କନ୍ୟା** ରାଶିକୁ ଗୁରୁଦୃଷ୍ଟି ଯୋଗୁ ବନ୍ଧୁମିଳନରେ ଅନ୍ତରଙ୍ଗ ଆଳାପ ମନକୁ ଆମୋଦିତ କରିବ। ପୂର୍ବରାଗକୁ ଶୁଝାଇବାକୁ ଯାଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ସଭାସମିତିରେ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ନିଜ ପରିସରର ବ୍ୟକ୍ତିଙ୍କ ସାହାଯ୍ୟକ୍ରମେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ବାହାର ଦୁନିଆରେ ଅନ୍ୟମାନଙ୍କ ଦୃଷ୍ଟିରେ ଭାବମୂର୍ତ୍ତି ଉତ୍କୃଷ୍ଟ ରହିବ। କିନ୍ତୁ ଚିତ୍ରା ନକ୍ଷତ୍ରର ମାନସିକ ଅବସ୍ଥା ସେତେ ଭଲ ରହି ନ ପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସୂଚନା ରହିଛି। ସମ୍ପର୍କୀୟ ଭାଇ, ବନ୍ଧୁ, କୁଟୁମ୍ବମାନେ କ୍ରମଶଃ ନରମ ମନୋଭବ ପୋଷଣ କରିପାରନ୍ତି।

**ବିଛା** ଉଚ୍ଚସ୍ଥ ମଙ୍ଗଳଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ କାମଗୁଡିକ ବିଶୃଙ୍ଖଳିତ ଅବସ୍ଥାରେ ରହିବ। ବନ୍ଧୁଙ୍କ ରୁକ୍ଷ ବ୍ୟବହାର ଓ ଅସମ୍ମାନଜନକ କଥା ମନକୁ ବେଶି ବାଧିବ। ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ତଥାପି ଅନୁରାଧା ନକ୍ଷତ୍ର ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ** ଆଜି ଚନ୍ଦ୍ର ଓ ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଆର୍ଥିକ ଦୁରବସ୍ଥା କାର୍ଯ୍ୟଧାରାର ଗତିରୋଧ କରିବା ଆଶଙ୍କା ଦେଖାଦେଇପାରେ। ପ୍ରିୟଜନଙ୍କ ସାନ୍ନିଧ୍ୟରୁ ଖୁସି ଅନୁଭବ କରିବେ। ବ୍ୟବସାୟ, ପ୍ରଶାସନ, ସଭାସମିତି, ଯାତ୍ରା, ବନ୍ଧୁ ସମ୍ପର୍କ ପ୍ରାୟତଃ ମନ୍ଦ ହେବନି।

**ମକର** ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ଚତୁର୍ଥାଧିପତିଙ୍କ ଶୁଭତ୍ୱରୁ ବନ୍ଧୁଙ୍କ ସାହାଯ୍ୟରେ କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଶ୍ରବଣା ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ଭଲ ରହିବା ସହ ଋଣ ପରିଶୋଧରେ ସଫଳ ହେବେ।

**କୁମ୍ଭ** ମଙ୍ଗଳ ସହ ଶୁକ୍ର ସମ୍ବନ୍ଧରୁ ପ୍ରିୟ ବନ୍ଧୁ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। ପିଲାଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ପ୍ରକାଶନ କ୍ଷେତ୍ର, ସାମ୍ବାଦିକତା, ସଭାସମିତି, ପ୍ରଶାସନିକ ଆଲୋଚନା ଫଳପ୍ରଦ ହୋଇପାରେ।

**ମୀନ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପରିବାରରେ ସନ୍ତାନ ମାନଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ଅଶାନ୍ତ ରହିବେ। ଜମିଜମା କାରବାର,ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ। ଆଲୋଚନା ସମୟରେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ର ପୂର୍ବବତ୍ ଚାଲୁରହିବ ଏବଂ ବିଶେଷ ଅସୁବିଧା ରହିବ ନାହିଁ।

ଆଜି ମାର୍ଚ୍ଚ ୭ ତାରିଖ, ଫାଲ୍‌ଗୁନ କୃଷ୍ଣପକ୍ଷର ଶ୍ରବଣ ଦ୍ୱାଦଶୀ ଗୁରୁବାର, କର୍ମବୀର ଗୌରୀଶଙ୍କରଙ୍କ ତିରୋଧାନ ଦିବସ, ପରମହଂସ ଯୋଗାନନ୍ଦଙ୍କ ମହାପ୍ରୟାଣ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୬.୦୫ମି. ଗତେ ଘ. ୦୭.୩୯ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୦୧.୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧.୨୫ମି. ଗତେ ଘ.୦୨.୫୪ମି. ମଧ୍ୟେ ରାହୁକାଳ।




# ଡେଇଁଲେ, ପଡ଼ିଲେ ଗାତରେ

**ଭୁବନେଶ୍ୱର,୬।୩(ଅନିଲ ଦାସ)**

ରାଜନୀତିରେ ଯାହାର ଅଧିକ ଧୈର୍ଯ୍ୟ ଥାଏ ସେ ତିଷ୍ଠି ରହିଥାଆନ୍ତି ବୋଲି କୁହାଯାଏ। ବିଗତ ଦିନରେ ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳରୁ ଜଣାଶୁଣା ବ୍ୟକ୍ତି ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଇଥିବାର ନଜିର ରହିଛି। ଆସନ୍ତା ନିର୍ବାଚନ ପୂର୍ବରୁ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। ବିଜେଡିରେ ଅସନ୍ତୁଷ୍ଟ କେତେ ଜଣ ନାମକରା ବ୍ୟକ୍ତି ନିକଟରେ ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେବା ନେଇ ଆଲୋଚନା ଜୋର ଧରିବା ପରେ ସେହି ଦଳ ଡିଆଁ ନେତାମାନେ ଏବେ ଗାତରେ ପଡ଼ିବା ସ୍ଥିତିରେ ରହିଛନ୍ତି। କାରଣ ବିଜେଡିରୁ ଯେଉଁମାନେ ଭାଜପାରେ ଯୋଗଦେଇଛନ୍ତି ସେହି ସ୍ଥାନରେ ବର୍ତ୍ତମାନ ବିଜେଡି ତା'ର ପ୍ରାର୍ଥୀ ଦେବାକୁ ଚାହିଁବ। ଫଳରେ ଭାଜପାରେ ଯୋଗଦେଇଥିବା ନେତାମାନଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ସେମାନେ ଚିନ୍ତାରେ ପଡ଼ିଲେଣି।

ଗତ କିଛିଦିନ ଭିତରେ ବିଜେଡିର ୨ ଜଣ ବହିଷ୍କୃତ ବିଧାୟକ, ୨ ଜଣ ବିଧାୟକ ଏବଂ ୬ ଜଣ ପୂର୍ବତନ ବିଧାୟକ ଭାଜପାରେ ଯୋଗଦେଇ ସାରିଲେଣି। ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡିର ଜୟଦେବ ବିଧାୟକ ଅରବିନ୍ଦ ଢାଲି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ବରୀର ପୂର୍ବତନ ବିଧାୟକ ଦେବାଶିଷ ନାୟକ, ଗଁଦିଆର ପୂର୍ବତନ ବିଧାୟକ ନବୀନ ନନ୍ଦ, ସାରସକଣାର ପୂର୍ବତନ ବିଧାୟକ ଭାଦବ ହାଁସଦା, ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଏବଂ ଭଦ୍ରକ ପୂର୍ବତନ ବିଧାୟକ ନରେନ ପଲେଇ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଆଉ କେତେଜଣ ନେତା ଦଳ ବଦଳାଇବା ପାଇଁ ସଜବାଜ ହେଉଛନ୍ତି। ଏପରି ସ୍ଥଳେ ସମ୍ଭାବ୍ୟ ମେଣ୍ଟ ସେହି ନେତାମାନଙ୍କ ଆଶାକୁ ଧୂଳିସାତ୍ କରିବା ନେଇ ଚର୍ଚ୍ଚା ହେଉଛି।

# ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୩(ଅନିଲ ଦାସ)**



## ଖର୍ଚ୍ଚ ହେବ ୧୦୦ କୋଟି

### କଳା, ସଂସ୍କୃତିର ବହୁମୁଖୀ କେନ୍ଦ୍ର ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣାଠାରେ ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଥିବା ଏହି ଭବନ ଆଦିବାସୀ କଳା, ସଂସ୍କୃତି ଓ ବିକାଶର ବିଚାରବିମର୍ଶ, ବୈଠକ, ସମ୍ମିଳନୀ ଓ ପ୍ରଦର୍ଶନ ପାଇଁ ଏକ ବହୁମୁଖୀ କେନ୍ଦ୍ର ଭାବେ ପରିଗଣିତ ହେବ। ରାଜ୍ୟର ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଭବନ ନବୀନ ଓଡ଼ିଶା ସଶକ୍ତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ରାଜ୍ୟସ୍ତରୀୟ ପ୍ରଶାସନର ଏକ ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଥିବା ଏହି ବହୁମୁଖୀ ସୁବିଧା କେନ୍ଦ୍ର ଆଦିବାସୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ମଧ ସହାୟକ ହେବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସୁବିଧାରେ ରହିବାର ବ୍ୟବସ୍ଥା କରିବ ଏହି 'ଆଦିବାସୀ ଭବନ'। ଏଥିସହିତ ଅନୁସୂଚିତ ଜନଜାତି ସମୁଦାୟ ପ୍ରାୟତଃ ଭିନ୍ନ ଭିନ୍ନ ସାଂସ୍କୃତିକ ପ୍ରଥା, ଖାଦ୍ୟ ପସନ୍ଦ ଏବଂ ସାମାଜିକ ମାନଦଣ୍ଡ ବଜାୟ ରଖନ୍ତି। ଏହି ଭବନ ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ସେମାନଙ୍କ ସାଂସ୍କୃତିକ ସମ୍ବେଦନଶୀଳତାକୁ ମଧ ସମ୍ମାନ ଦେବ। ସେମାନଙ୍କ ପାଇଁ ଏକ ଆନନ୍ଦଦାୟକ ରହିବା ସୁବିଧା ମଧ ଉପଲବ୍ଧ କରିବ।

'ଆଦିବାସୀ ଭବନ'ରେ ରହିବାର ସୁବିଧା ସହ ସମ୍ମିଳନୀ କକ୍ଷ, କୋରାପୁଟ କଫି କାଫେ ଏବଂ ଆଦିଶାର ଦ୍ୱିତୀୟ ଆଉଟଲେଟ୍ ମଧ ରହିବ। ଏଠାରେ ସ୍ୱାସ୍ଥ୍ୟସେବା ସୁବିଧା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ସୂଚନା ଓ ସହାୟତା ମିଳିପାରିବ। ଏଠାରେ ଆଦିବାସୀମାନଙ୍କ କଳାକୃତି ଏବଂ ପାରମ୍ପରିକ ବସ୍ତ୍ର ଉଭୟ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ସୁଯୋଗ ରହିବ।

ସୂଚନାଯୋଗ୍ୟ, ଏହି ପ୍ରସ୍ତାବିତ ଭବନର ଆବଶ୍ୟକତା ବିଷୟରେ ବିଭିନ୍ନ ଜନଜାତି ଗୋଷ୍ଠୀ ପକ୍ଷରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହେଲେ ଆଦିମ ଜନଜାତି ସମେତ ୬୪ଟି ଅନୁସୂଚିତ ଜନଜାତି ବର୍ଗର ଆଦିବାସୀ ଲୋକ ଉପକୃତ ହେବେ।

ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ବିଭାଗୀୟ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅଭିଜ୍ଞତାରୁ ସଫଳ ଉଦ୍ୟୋଗୀ



ତ୍ରିନୟନ ରଥ

**ଯାଜପୁର ଜିଲାର ଏକ ମଧବିତ୍ତ ପରିବାରରେ ଜନ୍ମଗ୍ରହଣ କରି ମଧ ସେ ନିଜ ଉଦ୍ୟମ ଓ ଅଭିଜ୍ଞତାରୁ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ଏପରିକି ଉଚ୍ଚ ଶିକ୍ଷା ସମାପ୍ତ ପରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଶିକ୍ଷା ଏବଂ ଇଗ୍ନୁରୁ ସାମ୍ବାଦିକତା ଶେଷ କରିଛନ୍ତି। ସେହିଭଳି ସାମ୍ବାଦିକତାରୁ ବୃତ୍ତି ଆରମ୍ଭ କରିଥିବା ଜଣେ ଉତ୍ସାହୀ ଯୁବକ ପାରିବାରିକ ବ୍ରତ ପ୍ରତି ବେଶ୍ ସତର୍କ ଏବଂ ସ୍ୱାଭିମାନୀ ଥିଲେ। ଫଳରେ ବୃତ୍ତି ସହିତ ବ୍ରତକୁ ମଧ ସମତୁଲ ଭାବେ ଅନୁପାଳନ କରି ଚାଲୁଥିଲାବେଳେ ଏକ ସୁଯୋଗ ପରିଶେଷରେ ତାଙ୍କୁ ଜଣେ ସଫଳ ଉଦ୍ୟୋଗୀରେ ପରିଣତ କରାଇଛି। ସେହି ସଫଳ ଉଦ୍ୟୋଗୀ ତଥା ବରିଷ୍ଠ ସାମ୍ବାଦିକ ଏବଂ ଫାଷ୍ଟ୍ କମ୍ୟୁନିକେଶନର ସ୍ୱତ୍ୱାଧିକାରୀ(ପ୍ରୋପ୍ରାଇଟର) ତ୍ରିନୟନ ରଥଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**

**ପ୍ର- ଓଡ଼ିଶା ବଜାରରେ ବିଜ୍ଞାପନ ସଂସ୍ଥାର ଭୂମିକା କିଭଳି ରହିଛି?**

ଉ- ଓଡ଼ିଶା ବଜାରରେ ବିଜ୍ଞାପନ ସଂସ୍ଥାର ଯଥେଷ୍ଟ ଭୂମିକା ରହିଛି। ଏପରିକି ଦିନକୁ ଦିନ ବିଜ୍ଞାପନ ସଂଖ୍ୟା ବଢୁଥିବାରୁ ବଜାରରେ ପ୍ରତିଷ୍ଠିତ ବିଜ୍ଞାପନ ସଂସ୍ଥାର ଚାହିଦା ମଧ ସେହି ଅନୁପାତରେ ବୃଦ୍ଧି ପାଉଛି। ବର୍ତ୍ତମାନ ସମୟରେ ଗୁଣାତ୍ମକ ସେବାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ସଂସ୍ଥା (ବ୍ରାଣ୍ଡ)ର ସ୍ଥିତିକୁ ସୁଦୃଢ଼ ବା ଉପସ୍ଥିତିକୁ ପ୍ରାଧାନ୍ୟ (ବ୍ରାଣ୍ଡ୍ ଏଷ୍ଟାବ୍ଲିଶ) ଦେବାକୁ ପଡିଥାଏ।

**ପ୍ର- ବଜାରରେ ବ୍ରାଣ୍ଡର ସ୍ୱତନ୍ତ୍ରତା କ'ଣ ରହିଛି?**

ଉ- ବଜାରରେ ଅନେକ ବିଜ୍ଞାପନଭିତ୍ତିକ ସଂସ୍ଥା ରହିଥିବାବେଳେ ଗ୍ରାହକ ଆମକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଭାବିବା ଅପେକ୍ଷା କାର୍ଯ୍ୟରେ କରି ଦେଖାଇବାକୁ ଆମେ ଅଧିକ ପସନ୍ଦ କରିଥାଉ। କାରଣ ଆମେ କେବେ ବି ଗ୍ରାହକଙ୍କୁ ଅସନ୍ତୁଷ୍ଟ ବା କରିପାରିବୁ ନାହିଁ (ନେଭର ସେ ଟୁ ନୋ) ବୋଲି କହି ନ ଥାଉ। ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହିତ ଗୁଣାତ୍ମକ ସେବା ପ୍ରଦାନକୁ ଆମେ ସର୍ବଦା ପ୍ରାଧାନ୍ୟ ଦେଇଥାଉ।

**ପ୍ର- ମିଡିଆ କ୍ଷେତ୍ରରୁ ମିଡିଆ ମ୍ୟାନେଜମେଣ୍ଟର ଯାତ୍ରା କିଭଳି ରହିଛି?**

ଉ- ୯୦ଦଶକରେ ଓଡ଼ିଶାର ମିଡିଆ ସେହି ଅନୁସାରେ ବିକଶିତ ହୋଇ ନ ଥିଲା। ସେହି ସମୟରେ ଇଗ୍ନୁରୁ ସାମ୍ବାଦିକତାରେ ଉଚ୍ଚତର ଶିକ୍ଷା ଶେଷ କରିବା ସହିତ ପ୍ରାଥମିକ ପର୍ଯ୍ୟାୟରେ ଏକ ଖବରକାଗଜର ପ୍ରତିନିଧି ଭାବେ କାର୍ଯ୍ୟ ଆରମ୍ଭ କରିଥିଲି। ଦୀର୍ଘ ୧୫ବର୍ଷ ପର୍ଯ୍ୟନ୍ତ ଉଭୟ ଖବରକାଗଜ ଓ ଟେଲିଭିଜନ ଦୁନିଆରେ କାମ କରିବା ମଧ୍ୟରେ ଏକ ସୁଯୋଗ ଓ ଉତ୍ସାହରୁ ମିଡିଆ ମ୍ୟାନେଜମେଣ୍ଟ (ବିଜ୍ଞାପନଭିତ୍ତିକ କାର୍ଯ୍ୟ) କାର୍ଯ୍ୟ ୨୦୦୯ରୁ ଆରମ୍ଭ କରିଥିଲି।

**ପ୍ର-ବ୍ରାଣ୍ଡର ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କିଛି ରହିଛି କି?**

ଉ- ବ୍ୟବସାୟରେ ପ୍ରତିଷ୍ଠିତ ଓ ଉପସ୍ଥିତି ମୁଦ୍ରାର ଦୁଇଟି ପାର୍ଶ୍ୱଭଳି କାର୍ଯ୍ୟ କରିଥାଏ। ସେହି ଅନୁସାରେ ବ୍ୟବସାୟ ସମ୍ପ୍ରସାରଣର ଆବଶ୍ୟକତା ମଧ ରହିଛି। ବର୍ତ୍ତମାନ ସମୟରେ ଆମେ ଓଡ଼ିଶା ସମେତ କୋଲକାତା, ଦିଲ୍ଲୀ, ଗୁଆହାଟୀ, ଜୟପୁର, ଚେନ୍ନାଇ ଏବଂ ହାଇଦ୍ରାବାଦ ଭଳି ପ୍ରମୁଖ ସହରରେ ବ୍ରାଣ୍ଡର ଉପସ୍ଥିତି ରହିଥିଲାବେଳେ ଆଗାମୀ ଦିନରେ ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସହରରେ ଶାଖା ସମ୍ପ୍ରସାରଣ କରିବାକୁ ଯୋଜନା ରହିଛି।

**ପ୍ର-ଆଶାୟୀ ଯୁବୋଦ୍ୟୋଗୀଙ୍କ ସମ୍ପର୍କରେ କ'ଣ କହିବେ?**

ଉ- ବର୍ତ୍ତମାନ ସମୟର ଯୁବଗୋଷ୍ଠୀଙ୍କ ନିକଟରେ ସହନଶୀଳତା ଓ ଧୈର୍ଯ୍ୟର ଯଥେଷ୍ଟ ଅଭାବ ରହିଛି। ଯେହେତୁ ଏହି କ୍ଷେତ୍ର ଏକ ଦାୟିତ୍ୱବାନ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପରିଚାଳନା କରିଥାଏ। ସେଥିପାଇଁ ଆମକୁ ସେହି ଅନୁସାରେ ପ୍ରସ୍ତୁତ ହେବା ସହିତ ଦକ୍ଷ ଓ ଅଭିଜ୍ଞ ମାନବ ସମ୍ବଳର ଆବଶ୍ୟକତା ରହିଛି।

**ପ୍ର- ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ- ବ୍ୟବସାୟରେ ଗ୍ରାହକ ସର୍ବେସର୍ବା (ଗରାଖ ଈଶ୍ୱର) ହୋଇଥିଲାବେଳେ ଆମେ ଗ୍ରାହକଙ୍କ ଆବଶ୍ୟକତା ଓ ଚାହିଦା ପୂରଣକୁ ପ୍ରାଥମିକତା ଦେଇଥାଉ।

**ପ୍ର-ପ୍ରତିଯୋଗିତାମୂଳକ ବ୍ୟବସାୟ ଓ ଶିଳ୍ପକୁ ଆପଣ କିଭଳି ଦେଖୁଛନ୍ତି?**

ଉ-ପ୍ରତିଯୋଗିତା ସବୁ ସ୍ତର ଓ ବ୍ୟବସାୟରେ ଥାଏ, ହେଲେ ବିଜ୍ଞାପନଭିତ୍ତିକ ସଂସ୍ଥାର ପ୍ରତିଯୋଗିତା ଭିନ୍ନ ଏକ ପ୍ରକାରର ହୋଇଥାଏ। ପ୍ରତିଯୋଗିତାକୁ ପଛରେ ପକାଇ ଗୁଣାତ୍ମକ ସେବା ଯୋଗାଇ ଦେବାକୁ ଆମେ ସର୍ବଦା ଗୁରୁତ୍ୱ ଦେଇଥାଉ।




# ମାମଲା ଖାରଜ ପାଇଁ ରାଜ୍ୟ ସରକାରଙ୍କ ଆବେଦନ

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାର ସିବିଆଇ ତଦନ୍ତ ମାମଲା

**କଟକ,୬।୩ (କାର୍ତ୍ତିକ ସାହୁ)**

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ରାଜ୍ୟ ସରକାର ଜବାବ ଦାଖଲ କରି ଉକ୍ତ ମାମଲାରେ ଅଭିଯୁକ୍ତମାନଙ୍କୁ ନିମ୍ନ ଅଦାଲତରେ ଦଣ୍ଡବିଧାନ ହୋଇସାରିଛି ବୋଲି ଦର୍ଶାଇଛନ୍ତି। ୨୦୧୩ରେ ଫୁଲବାଣୀ କୋର୍ଟ ଉକ୍ତ ଘଟଣାରେ ଦୁଇଟି ମାମଲାର ଶୁଣାଣି କରି ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଫୁଲବାଣୀ ଅତିରିକ୍ତ ସେସନ୍ କୋର୍ଟଙ୍କ ଉକ୍ତ ଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ୪ଟି ଅପିଲ୍ ମଧ ବିଚାରାଧୀନ ରହିଛି। ଏପରି କ୍ଷେତ୍ରରେ ଘଟଣାର ସିବିଆଇ ତଦନ୍ତ ଅପ୍ରାସଙ୍ଗିକ। ଏଣୁ ଆବେଦନକାରୀଙ୍କ ମାମଲାକୁ ଖାରଜ କରାଯାଉ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ପ୍ରତି ଜବାବ ଦାଖଲ କରାଯାଇଛି। ହାଇକୋର୍ଟ ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ୨୦୦୮ ଅଗଷ୍ଟ ୨୩ରେ ବିଶ୍ୱହିନ୍ଦୁ ପରିଷଦର ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କର ୪ ସହଯୋଗୀଙ୍କୁ ଜଲେଶପଟା ଆଶ୍ରମରେ ହତ୍ୟା କରାଯାଇଥିଲା। ଏହାପରେ କନ୍ଧମାଳରେ ଦଙ୍ଗା ହୋଇଥିଲା। ଅଗଷ୍ଟ ୨୫ ତାରିଖରେ ବାଲିଗୁଡ଼ା ଥାନାର କେ. ନୂଆଗାଁ ଅଞ୍ଚଳରେ ୨୯ ବର୍ଷୀୟ କ୍ୟାଥୋଲିକ୍ ନନ୍‌ଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ବାଲିଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଭାର ନେଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ କ୍ରାଇମବ୍ରାଞ୍ଚ ଦାଖଲ କରିଥିଲା। ସମ୍ପୃକ୍ତ ନନ୍ ଚୌଦ୍ୱାର ଜେଲ୍‌ରେ ଟିଆଇ ପରେଡ୍‌ରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲେ। ତେବେ ମାମଲାର ସାକ୍ଷୀ ଓ ନନ୍‌ଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଯାଇ ୨୦୧୦ରେ ମାମଲାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ମାମଲାଟି କଟକ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ଏଥିରେ ୨୯ ଜଣଙ୍କର ସାକ୍ଷ୍ୟଗ୍ରହଣ କରାଯାଇଥିଲା। ତେବେ ଆବେଦନକାରୀ ଇଂ. ଦେବାଶିଷ ହୋତା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ତଦନ୍ତଭାର ଦେବାକୁ ହାଇକୋର୍ଟରେ ଆବେଦନ କରିଥିଲେ।



"ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ। –ଶ୍ରୀମା



# ବେଦରେ ଯଜ୍ଞ



ଦେବଦତ୍ତ ପଟ୍ଟନାୟକ

ଯଜ୍ଞ ହେଉଛି ବେଦର ମୂଳ ରୀତିନୀତି। ଏବେ ବି ବିଶିଷ୍ଟ ପଣ୍ଡିତମାନେ ଯଜ୍ଞ ଶବ୍ଦକୁ ବଳି କିମ୍ବା ଅଗ୍ନି ଯଜ୍ଞ ବା ଅଗ୍ନି ରୀତିନୀତି ବୋଲି କହିଥା'ନ୍ତି। ବଳି ମୁଖ୍ୟତଃ ନାସ୍ତିକଙ୍କର ଏକ ପ୍ରାଚ୍ୟ ଦୃଷ୍ଟିକୋଣକୁ ଜାଗ୍ରତ କରେ, ଯାହା ଏକ ଶକ୍ତିଶାଳୀ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସମର୍ପଣକୁ ବୁଝାଏ। ଏହିପରି କାର୍ଯ୍ୟକୁ ସଂସ୍କୃତରେ ବଳି କୁହାଯାଏ। ଆରବ ଭାଷାରେ ଏହା କୁର୍ବାନୀ। ଯାହାଙ୍କୁ ଅତିପ୍ରିୟ ବୋଲି ଗ୍ରହଣ କରୁଛ, ତାଙ୍କୁ କିଛି ଦେଇ ସମର୍ପଣ ଓ ଧର୍ମପରାୟଣତା ଭାବ ପ୍ରଦର୍ଶନ କରିବା ହିଁ ବଳି। କିନ୍ତୁ ତାହା ଯଜ୍ଞ ନୁହେଁ, ଏହା ଏକ ବିନିମୟ। ଏକ ସାମାଜିକ ଚୁକ୍ତି?

ବୈଦିକ ରୀତିନୀତି ଏବଂ ସଂସ୍କୃତି ଉପରେ ପ୍ରକାଶିତ ସଦ୍ୟତମ ପୁସ୍ତକଗୁଡ଼ିକରେ ପଣ୍ଡିତମାନେ ସ୍ପଷ୍ଟ କରିଛନ୍ତି ଯେ, ରୀତିନୀତିର ଯଜୁର୍ବେଦର ତୈତିରୀୟ ବ୍ରାହ୍ମଣର ବାକ୍ୟାଂଶଗୁଡ଼ିକ ସହ ସମ୍ପର୍କ ରହିଛି। ଯେପରିକି 'ଦେହି ମେ ଦାଦାମି ତେ', ଯାହାର ଅର୍ଥ ହେଉଛି ମୁଁ ତୁମକୁ ଯାହା ଦିଏ, ତାହା ତୁମେ ଦିଅ। ଏହା ଏକ ସ୍ପଷ୍ଟ ବିନିମୟ। ଦେବତାମାନଙ୍କୁ ବିନତି କରାଯାଏ ଏବଂ ସହାୟତା ବିନିମୟରେ ପ୍ରଶଂସା କରାଯାଏ। ତୁମେ ଯେତେ ଅଧିକ ଦେବତାଙ୍କୁ ସନ୍ତୁଷ୍ଟ କରିବ, ଯାହା ଚାହୁଁଛ ତାହା ପାଇବାର ସମ୍ଭାବନା ଅଧିକ ରହିବ ଓ ଯଜ୍ଞକାର୍ଯ୍ୟରେ ଏହାକୁ କଳ୍ପସୂତ୍ର କୁହନ୍ତି; ଯେଉଁଥିରେ ଦ୍ରବ୍ୟ (ଖାଦ୍ୟ), ଦେବତା (ଦେବତା) ଏବଂ ତ୍ୟାଗ (ସମର୍ପଣ) ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟ ଐଶ୍ୱରୀୟ ବିଶ୍ୱାସ (ଅପୁର୍ଭା) ସୃଷ୍ଟି କରେ, ଯାହା ଭବିଷ୍ୟତ ଜୀବନରେ ଜଣକୁ ଲାଭ ଦେଇଥାଏ। ଏହା କୌଣସି ବଳି ନୁହେଁ। ଏହା ହେଉଛି ନିବେଶ।

ଊନବିଂଶ ଶତାବ୍ଦୀର ସମୟ ଭଳି ବୈଦିକ ରୀତିନୀତି ବିଷୟରେ ଆମର ବିଚାର ଅତ୍ୟନ୍ତ ସୀମିତ, ଯେହେତୁ ଉପନିବେଶକାରୀଶକ୍ତିମାନେହିନ୍ଦୁଧର୍ମବିଷୟରେସ୍ପଷ୍ଟୀକରଣ ଦାବି କରୁଥିଲେ। ବ୍ରାହ୍ମଣ ପଣ୍ଡିତ ଏଥିରେ ନାରାଜ ଥିଲେ। ୟୁରୋପୀୟ ଉପନିବେଶବାଦୀ ଅଧିକ ବିଜ୍ଞାନ ଓ ତର୍କର ମଣିଷ ଥିଲେ ଏବଂ ସ୍ୱାଧୀନତା, ସମାନତା ଏବଂ ଭାଇଚାରା ଭଳି ନୂତନ ବିଚାରଧାରା ବିଷୟରେ କହିଥିଲେ। ଭାରତର ଜାତି ବ୍ୟବସ୍ଥା ଏବଂ ମହିଳାମାନଙ୍କ ପ୍ରତି ବ୍ୟବହାରକୁ ନେଇ ତାଙ୍କର ଏକ ନକାରାତ୍ମକ ଦୃଷ୍ଟିକୋଣ ରହିଥିଲା।

ବେଦାନ୍ତ ସହ ବେଦକୁ ସମାନ ଭାବେ ଦର୍ଶାଇବା ଥିଲା ଚତୁର ଉତ୍ତର। ଉପନିଷଦ ବୈଦିକ ରୀତିନୀତି ପାଇଁ ଉପନିଷେଦ ଯେମିତି ଥିଲା ସେମିତି ପୌରାଣିକ କଥା ପାଇଁ ତାର୍କିକ ସିଦ୍ଧାନ୍ତ ଓ ଗ୍ରୀକ୍ ପୁରାଣ ଏବଂ ଚର୍ଚ୍ଚ ରୀତିନୀତି ପାଇଁ ଥିଲା ୟୁରୋପୀୟ ଦର୍ଶନ। ତେଣୁ ଆଜି



ମଧ୍ୟ ଅଧିକାଂଶ ଲୋକଙ୍କ ପାଇଁ ସବୁକିଛି ବୈଦିକ, ଯାହା ଜୀବ, ଆତ୍ମା ଏବଂ ବ୍ରହ୍ମ ତଥା ମୋକ୍ଷ ବିଷୟରେ କହେ। ହିନ୍ଦୁଙ୍କ ଭଳି ଖ୍ରୀଷ୍ଟିଆନ୍ ମୁକ୍ତିର କଥା କହେ। ରାଜା ରାମମୋହନ ରାୟ ଏବଂ ଶ୍ରୀଅରବିନ୍ଦଙ୍କ ପରି ସ୍ୱାମୀ ବିବେକାନନ୍ଦ ଉପନିଷଦ ଏବଂ ଏହାର ରହସ୍ୟର ମୂଲ୍ୟାୟନ କରିଥିଲେ। ଏଥିରେ ଯଥେଷ୍ଟ ସମାନତା ଥିବା ଭଳି ମନେହେଉଥିଲା। ସ୍ୱାମୀ ଦୟାନନ୍ଦ ସରସ୍ୱତୀ ହିନ୍ଦୁ ମନ୍ଦିର ପୂଜାପାଠ ପାଇଁ ବୈଦିକ ମନ୍ତ୍ରକୁ ପସନ୍ଦ କରିଥିଲେ, କିନ୍ତୁ ତାଙ୍କର ସୃଜନଶୀଳ ଅନୁବାଦ ଅଧ୍ୟାତ୍ମବାଦର ଉପନିଷଦୀୟ ବିଚାରଧାରାକୁ ଜାଗ୍ରତ କରିଥିଲା। କିନ୍ତୁ ବିନିମୟ କିମ୍ବା ଖାଦ୍ୟର ଧାରଣା ବିଷୟରେ କେହି କହିନାହାନ୍ତି। ମୁଁ ଖାଦ୍ୟ। ମୁଁ ହିଁ ଏକା ଖାଦ୍ୟ ଖାଏ। ମୁଁ ଏକା, ଯିଏ ଦେବତାମାନଙ୍କ ପୂର୍ବରୁ ରହିଥିଲା; ଯାହା ଯଜୁର୍ବେଦର କାବ୍ୟ ସ୍ପଷ୍ଟ ଭାବରେ କହେ। ଏହାର ଅର୍ଥ କ'ଣ? ଏହାକୁ ଭୌତିକ ନା ଆଧ୍ୟାତ୍ମିକ, ବାସ୍ତବ ନା କାଳ୍ପନିକ ଭାବେ ଗ୍ରହଣ କରାଯିବା ଉଚିତ କି?

ଯେତେବେଳେ ଆମେ ମନୁସ୍ମୃତି ବିଷୟରେ କହିଥାଉ, ସେତେବେଳେ ଏହାର ଉଚ୍ଚ ଜାତି ପୁରୁଷମାନଙ୍କ ସପକ୍ଷବାଦୀ ବ୍ୟବସ୍ଥା ବିଷୟରେ ସମସ୍ତେ ଭଲଭାବେ ଜାଣିଛନ୍ତି। କିନ୍ତୁ ଏହା ଖାଇବାକୁ ଦେବା ବିଷୟ ବୋଲି ଖୁବ କମ୍ ବ୍ୟକ୍ତି ଜାଣନ୍ତି। 'ପଞ୍ଚ–ମହା–ଯଜ୍ଞ' ମୁଖ୍ୟତଃ ପାଞ୍ଚ ପ୍ରକାର ଖୁଆଇବାକୁ ସୂଚିତ କରେ; ନିଜକୁ ଖାଇବାକୁ ଦେବା, ସାଥୀ ମଣିଷମାନଙ୍କୁ ଖାଇବାକୁ ଦେବା, ଦେବତାଙ୍କୁ ଖାଇବାକୁ ଦେବା, ପିତୃପୁରୁଷଙ୍କୁ ଖାଇବାକୁ ଦେବା ଏବଂ ପଶୁଙ୍କୁ ଖାଇବାକୁ ଦେବା। ଯଜମାନ ଓ ଗୃହକର୍ତ୍ତାଙ୍କୁ କୁହାଯାଇଛି ଯେ, ସେମାନେ ତାଙ୍କ ଆଖପାଖରେ ଥିବା ସମସ୍ତଙ୍କୁ ପୋଷଣ କରିବାକୁ ରହିଛନ୍ତି। ପରସ୍ପରର ଭୋକ ମେଣ୍ଟାଇବା ହିଁ ଦୁନିଆର ବାସ୍ତବତା। କ୍ଷୁଧା ହିଁ ଜୀବ ଓ ବସ୍ତୁ ମଧ୍ୟରେ ଅନ୍ତରକୁ ସ୍ପଷ୍ଟ କରିଥାଏ।

ଊନବିଂଶ ଶତାବ୍ଦୀରେ ବୌଦ୍ଧ ଗ୍ରନ୍ଥଗୁଡ଼ିକୁ ଅନୁବାଦ କରାଯାଇଥିଲା। ବୁଦ୍ଧଙ୍କ ବାଣୀ 'କାମନା ହିଁ ଦୁଃଖର କାରଣ' ବିଷୟରେ ସମସ୍ତେ ଜାଣନ୍ତି। କିନ୍ତୁ ବୁଦ୍ଧ କଦାପି ଡିଜାର୍ଡ ବା 'କାମନା' କଥା କହିନାହାନ୍ତି, ତାହା ହେଉଛି ଏକ ୟୁରୋପୀୟ ଭାଷା। ସେ କହିଥିଲେ 'ତୃଷା' (ତାନ୍ହା–ପାଲିରେ; ତୃଷ୍ଣା–ସଂସ୍କୃତରେ)। କ୍ଷୁଧା ବିଷୟରେ ବୈଦିକ ବିଚାର ପଶୁମାନଙ୍କ ଭଳି ଖାଇବାକୁ ସୂଚିତ ନ କରି ବରଂ ମଣିଷ ଖାଇବାକୁ ଦେବା ଉପରେ ଗୁରୁତ୍ୱ ଦେଉଥିବାବେଳେ ବୌଦ୍ଧ ସିଦ୍ଧାନ୍ତ କ୍ଷୁଧାକୁ ଶେଷ କରିବାକୁ କହିଥିଲା। ଜୈନ ଧର୍ମ ସମେତ ସମସ୍ତ ସନ୍ନ୍ୟାସ ପରମ୍ପରାରେ ଉପବାସକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା, ଯାହାକୁ ବୈଦିକ ବ୍ରାହ୍ମଣମାନେ ନାସ୍ତିକ ବୋଲି କହିଥିଲେ।

ଆଧୁନିକ ଯୁଗରେ, ଆମେ ବିକାଶର ପରିମାପକ ଭାବରେ କ୍ଷୁଧା ସୂଚକାଙ୍କକୁ ସୂଚିତ କରୁ। କେହି ବି କ୍ଷୁଧାକୁ ମାପି ପାରିବେ ନାହିଁ। କିନ୍ତୁ ଅନିଚ୍ଛାକୃତ ଉପବାସର ପରିଣାମ, ଖାଦ୍ୟ ଅଭାବରୁ ପୁଷ୍ଟିହୀନତା, ଶାରୀରିକ ବୃଦ୍ଧିରେ ବାଧା, ପିଲାମାନଙ୍କଠାରେ ନକାରାତ୍ମକ ବିକାଶ, ରୋଗ ଏବଂ ମୃତ୍ୟୁକୁ ମାପ କରାଯାଇପାରିବ। ଅନେକ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାର ଏହି ଦୁନିଆରେ ଲୋକମାନେ ତଥାପି ଭୋକରେ ମରୁଛନ୍ତି। କ୍ଷମତାରେ ରହିବାକୁ ସରକାର ମାଗଣା ରାଶନ ଦେଉଛନ୍ତି। ଖାଇବାକୁ ଦେବା ସଂସ୍କୃତି ଏବଂ ସଭ୍ୟତାର ମୂଳଦୁଆ ହୋଇ ରହିଛି।

ବିଜନେସ୍ ସ୍କୁଲଗୁଡ଼ିକ 'କ୍ଷୁଧା' ଶବ୍ଦ ବ୍ୟବହାର କରନ୍ତି ନାହିଁ। ସେମାନେ 'ଲୋଭ' ବା କାମନା ବଦଳରେ 'ମହତ୍ତ୍ୱାକାଂକ୍ଷା' ଶବ୍ଦ ବ୍ୟବହାର କରନ୍ତି। ଉଦ୍ୟୋଗୀକୁ ଉଚ୍ଚ ଚିନ୍ତା କରିବାକୁ କୁହାଯାଏ– ସମାଜ ପାଇଁ ନୁହେଁ, ବରଂ ଶେୟାରହୋଲ୍ଡର, ଷ୍ଟକ୍‌ମାର୍କେଟ, ଟେକ୍ନୋକ୍ରାଟ୍‌ଙ୍କ ପାଇଁ। ସେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉନାହାନ୍ତି। ବଜାରର କ୍ଷୁଧା ବୃଦ୍ଧି ପାଇଁ ସେ ବିଭିନ୍ନ ମାର୍କେଟିଂ କୌଶଳ ବ୍ୟବହାର କରନ୍ତି, ଯାହା ତାଙ୍କ ସାମଗ୍ରୀ ଏବଂ ସେବା ପ୍ରତି ବିଶ୍ୱସ୍ତ ରହିବ। ରାଜନେତାମାନେ ଭୋଟ ପାଇବା ପାଇଁ ଭଲ ଶାସନ ଦିଅନ୍ତି ନାହିଁ। ସେମାନେ ଅସୁରକ୍ଷିତତା ସୃଷ୍ଟି କରନ୍ତି ଏବଂ ଭୋଟ ପାଇବା ପାଇଁ ବଡ଼ ସ୍ୱପ୍ନ ଦେଖାନ୍ତି। ଯେଉଁମାନେ ବୈଦିକ ଦର୍ଶନର ରକ୍ଷକ ବୋଲି ଦାବି କରନ୍ତି, ସେମାନେ ଚାହାନ୍ତି ଯେ ଲୋକମାନେ ଜାତି ପାଇଁ ବଳିଦାନ ବା ତ୍ୟାଗ ଦିଅନ୍ତୁ ଓ ସେହି ରକ୍ଷକମାନେ ହିଁ କ୍ଷମତାରେ ରୁହନ୍ତୁ। ଏହା ବୈଦିକ ଯଜ୍ଞ ନୁହେଁ। ଏହା ଠିକ୍ ଏକ ବାଇବଲ ସୂଚିତ ଈଶ୍ୱରଙ୍କ କଠୋର ନିଷ୍ପତ୍ତି ପରି, ଯାହା ଅବମାନନା କରୁଥିବା ଲୋକଙ୍କୁ ଅଗ୍ନି ଏବଂ ବନ୍ୟାରେ ଧ୍ୱଂସ ହେବାର ଭୟ ଦେଖାଏ।

–devduttofficial@gmail.com

## ଏଇ ଭାରତରେ

ପ୍ରତିବର୍ଷ ଭାରତରେ ପାଖାପାଖି ୮ ମିଲିୟନ ଟନ୍ ଫୁଲ ନଦୀରେ ଫିଙ୍ଗିଦିଆଯାଉଛି ଓ ନଦୀ ପ୍ରଦୂଷଣର ୧୬ ଭାଗ ଏହା ଯୋଗୁ ଘଟୁଛି ବୋଲି ଇଣ୍ଟରନ୍ୟାଶନାଲ ଜର୍ନାଲ ଫର୍ ରିସର୍ଚ୍ଚ ଇନ୍ ଆପ୍ଲାଏଡ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଟେକ୍ନୋଲୋଜି ରିପୋର୍ଟରେ ପ୍ରକାଶ ପାଇଛି। ବାସ୍ତବରେ ଏହା ଏକ ଚିନ୍ତାଜନକ ବିଷୟ। ନଦୀ ପ୍ରଦୂଷଣ ରୋକିବା ଲାଗି ବ୍ୟବହୃତ ଫୁଲର ରିସାଇକେଲିଂ ବା ପୁନଃଉପଯୋଗ ଜରୁରୀ ଏବଂ ଏ କ୍ଷେତ୍ରରେ ଦିଲ୍ଲୀର ପୁନମ୍ ସିଂଙ୍କ ପଦକ୍ଷେପ ପ୍ରଶଂସନୀୟ। ସେ ମାସକୁ ୧,୦୦୦ କେଜି ବର୍ଜ୍ୟ ଫୁଲ ରିସାଇକେଲିଂ କରୁଛନ୍ତି ଏବଂ ସଚେତନତା କାର୍ଯ୍ୟକ୍ରମରେ ୩,୦୦୦ରୁ ଅଧିକ ମହିଳାଙ୍କୁ ଆତ୍ମନିର୍ଭର ହେବା ଲାଗି କୁଶଳୀ କରିପାରିଛନ୍ତି। ପୁନମ୍ ବର୍ଜ୍ୟ ଫୁଲ ରିସାଇକେଲିଂ କରି ମାସକୁ ୨ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ଜୁନ୍ ୨୦୧୯ରେ ସେ 'ଆରୁହି ଏଣ୍ଟରପ୍ରାଇଜେସ' ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେ ସକାଳ ୫ଟାରୁ ଉଠି ଦିଲ୍ଲୀ ଏନ୍‌ସିଆରର ୧୫ରୁ ଅଧିକ ମନ୍ଦିରରୁ ଫୁଲ ସଂଗ୍ରହ କରୁଛନ୍ତି। ଏବେ ପ୍ରତି ୩ଦିନରେ ସେ ୧୦୦ କେଜି ବର୍ଜ୍ୟ ଫୁଲ ପାଉଛନ୍ତି। ସେଗୁଡ଼ିକୁ ଶୁଖାଇ ପାଉଡର କରି ସେଥିରୁ ଧୂପକାଠି, ଦେବଦେବୀ ମୂର୍ତ୍ତି ଏବଂ ଏୟାର ଫ୍ରେଶନର ପ୍ରସ୍ତୁତ କରୁଛନ୍ତି। ପୁନମ୍ ୫ ଜଣ ମହିଳାଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି ଓ ସେମାନଙ୍କୁ 'ଫ୍ଲାୱାର ରିସାଇକେଲର' କୁହାଯାଉଛି। ଫୁଲରୁ ପ୍ରସ୍ତୁତ ଉତ୍ପାଦକୁ ୫୦ରୁ ୩୫୦ ଟଙ୍କା ମଧ୍ୟରେ ବିକ୍ରି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୭ ମାର୍ଚ୍ଚ ୧୯୭୫

- ରାଷ୍ଟ୍ରପତିଙ୍କ ସେକ୍ରେଟେରୀ ରୂପେ ସାର ଓ ରସାୟନ ବିଭାଗ ସେକ୍ରେଟେରୀ କେ. ବାଳଚନ୍ଦ୍ରନଙ୍କ ଦାୟିତ୍ୱ ଗ୍ରହଣ।
- ଜାପାନ ଉତ୍ପାଦିତ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଜାପାନ ସରକାର ଭାରତକୁ ୩ ବିଲିୟନ ୟେନର ଦୀର୍ଘମିଆଦୀ ଋଣ ଦେବା ନେଇ ରାଜିନାମା ସ୍ୱାକ୍ଷରିତ।
- ମାଲେସିଆର ପୂର୍ବାଞ୍ଚଳସ୍ଥ ସାବାହରାଜାର ଟାୱାର ନିକଟରେ ଏକ ନୌକା ସମୁଦ୍ରରେ ବଡ଼ିଯିବା ଫଳରେ ୧୨୦ ମୃତ, ୭୦ ନିଖୋଜ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | 7 | | 2 |
| | | | | | | 9 | | 1 |
| 4 | 5 | | | | | 3 | | |
| | | 5 | 9 | | | | | |
| 2 | 8 | | | 6 | | 4 | | |
| | 9 | 4 | | | 1 | | | |
| | 2 | | 7 | | | | | |
| 3 | | | 1 | | | 2 | 6 | |
| | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 7 | 4 | 8 | 1 | 3 | 9 |
| 9 | 3 | 4 | 2 | 5 | 1 | 7 | 6 | 8 |
| 8 | 7 | 1 | 6 | 3 | 9 | 5 | 4 | 2 |
| 4 | 8 | 2 | 5 | 1 | 3 | 9 | 7 | 6 |
| 5 | 9 | 3 | 8 | 7 | 6 | 4 | 2 | 1 |
| 1 | 6 | 7 | 4 | 9 | 2 | 8 | 5 | 3 |
| 3 | 4 | 8 | 9 | 2 | 7 | 6 | 1 | 5 |
| 7 | 2 | 9 | 1 | 6 | 5 | 3 | 8 | 4 |
| 6 | 1 | 5 | 3 | 8 | 4 | 2 | 9 | 7 |

ଗତକାଲିର ଉତ୍ତର

# ଗୃହିଣୀଙ୍କ ମୂଲ୍ୟାୟନ



ପ୍ରକାଶ ତ୍ରିପାଠୀ

ମୋ ପତ୍ନୀ କିଛି କରନ୍ତିନି, ସେ ଜଣେ ଗୃହିଣୀ। ସେ କିଛି କରନ୍ତିନି ବୋଲି ଘରେ ରୋଷେଇବାସ କରନ୍ତି, ଘରର ସମସ୍ତଙ୍କୁ ଠିକ୍ ସମୟରେ ସକାଳେ, ମଧ୍ୟାହ୍ନରେ ଓ ରାତିରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତକରି ଖାଇବାକୁ ଦିଅନ୍ତି। ଘର ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଘରର ସମସ୍ତ ସଦସ୍ୟଙ୍କ ଲୁଗାପଟା ସଫା କରନ୍ତି। ଘରେ କିଏ ରୋଗରେ ପଡିଲେ ସେବା କରନ୍ତି। ଘରର ବୟୋଜ୍ୟେଷ୍ଠମାନଙ୍କ ସେବାଯତ୍ନ କରିବା ସହ ଛୋଟ ପିଲାମାନଙ୍କୁ ଲାଳନପାଳନ କରନ୍ତି। ପିଲାଙ୍କ ହୋମ୍ ୱାର୍କରେ ସାହାଯ୍ୟ କରିବା ସହ ସେମାନେ ଠିକ୍ ସମୟରେ ସ୍କୁଲ ଯିବା ପାଇଁ ପ୍ରସ୍ତୁତ କରାନ୍ତି। ଘରକୁ ବନ୍ଧୁବାନ୍ଧବ ଆସିଲେ ସେମାନଙ୍କୁ ଉଚିତ ସତ୍କାର କରନ୍ତି। ଗୃହିଣୀମାନେ ଘରେ ଏହିଭଳି ଅନେକ କାମ କରିଥାନ୍ତି କାରଣ ସେ ଜଣେ ଗୃହିଣୀ ବା ଆଧୁନିକ ଭାଷାରେ ହାଉସ ୱାଇଫ୍। ଘରେ କେହି ଉଠିବା ଆଗରୁ ଗୃହିଣୀମାନେ ପ୍ରଥମେ ଉଠିଥାନ୍ତି ଓ ସମସ୍ତେ ଶୋଇବା ପରେ ସବୁ କାମସାରି ଶୋଇବାକୁ ଯାଇଥାନ୍ତି। ସକାଳେ ଶଯ୍ୟା ତ୍ୟାଗଠାରୁ ରାତ୍ର ଶୋଇବା ପର୍ଯ୍ୟନ୍ତ ଏମାନେ କାର୍ଯ୍ୟ କରୁଥିଲେ ବି ଏମାନଙ୍କ କାର୍ଯ୍ୟକୁ ହିସାବ କରାଯାଇ ନ ଥାଏ। ବାହାରେ କୌଣସି କାର୍ଯ୍ୟାଳୟ ବା ଅନୁଷ୍ଠାନରେ ଏମାନେ ସେବା ଓ ଶ୍ରମ ପ୍ରଦାନ କରି ନ ଥାନ୍ତି ବା କେଉଁଠାରୁ ଦରମା ପାଇ ନ ଥାନ୍ତି। ନିଜ ଘରେ ଅବିରତ କାର୍ଯ୍ୟକରି କୌଣସି ପାରିଶ୍ରମିକ ଦାବି କରୁ ନ ଥିବାରୁ ଏମାନେ କିଛି କାମ କରନ୍ତିନି ବୋଲି ଧରି ନିଆଯାଏ, ଯାହାକି ସମ୍ପୂର୍ଣ୍ଣ ଭୁଲ। ନିକଟରେ ସୁପ୍ରିମକୋର୍ଟ ପରିବାରରେ ଗୃହିଣୀମାନଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ମତ ରଖିବା ନିଶ୍ଚିତ ଏକ ଭଲ ଖବର ଓ ସେମାନଙ୍କ ଉପରେ ନିକୃଷ୍ଟ ଚିନ୍ତା ରଖୁଥିବା ପୁରୁଷମାନେ ସେମାନଙ୍କ ଭାବନାରେ ପରିବର୍ତ୍ତନ ଆଣିବେ ବୋଲି ଆଶା କରାଯାଉଛି।

୨୦୦୬ରେ ଉତ୍ତରାଖଣ୍ଡରେ ବସ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ଓ ତାଙ୍କର ନାବାଳକ ପୁତ୍ରକୁ କ୍ଷତିପୂରଣ ବାବଦରେ ଅଢେଇ ଲକ୍ଷ ଟଙ୍କା ଦେବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ ଅସନ୍ତୁଷ୍ଟ ହୋଇ ମୃତ ମହିଳାଙ୍କ ସ୍ୱାମୀ ଉତ୍ତରାଖଣ୍ଡ ହାଇକୋର୍ଟରେ ଦରଖାସ୍ତ କରିଥିଲେ। ମାତ୍ର ତାଙ୍କର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ। ମହିଳା ଜଣଙ୍କ ଜଣେ ଗୃହିଣୀ ଥିଲେ ଓ ତାଙ୍କର ଆୟକୁ ଜଣେ ଦିନ ମଜୁରିଆର ଆୟ ସହ ତୁଳନା କରି ଟ୍ରିବ୍ୟୁନାଲ କ୍ଷତିପୂରଣ ସ୍ଥିରୀକୃତ କରିଥିଲେ, ଯାହାକୁ ହାଇକୋର୍ଟ ଠିକ୍ ଦର୍ଶାଇଥିଲେ। ହାଇକୋର୍ଟଙ୍କ ବିଚାରରେ ଅସନ୍ତୁଷ୍ଟ ମୃତ ମହିଳାଙ୍କ ସ୍ୱାମୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ସୁପ୍ରିମକୋର୍ଟ ମାମଲାର ବିଚାର କରି ରାୟ ଦେଇଥିଲେ ଯେ ଜଣେ ଗୃହିଣୀର ଆୟକୁ କିପରି ଜଣେ ଦିନମଜୁରିଆର ଆୟ ସହ ତୁଳନା କରାଯିବ? କୌଣସି କାର୍ଯ୍ୟାଳୟରେ ଚାକିରି କରୁଥିବା ଜଣେ ପୁରୁଷର ରୋଜଗାରଠାରୁ ଘରେ ଥିବା ତା'ର ଗୃହିଣୀ ବା ପତ୍ନୀଙ୍କ ରୋଜଗାର କମ୍ ନୁହେଁ। ପରିବାର ପ୍ରତି ଗୃହିଣୀଙ୍କ ସମର୍ପିତ ସମୟ, ସେବା ଓ କାର୍ଯ୍ୟକୁ ଅଣଦେଖା କରାଯିବା ଅନୁଚିତ। କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ଏହାକୁ ତୁରନ୍ତ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।



୨୦୧୧ ଜନଗଣନା ଅନୁଯାୟୀ, ପ୍ରାୟ ୧୬ କୋଟି ମହିଳା ଘରୋଇ କାର୍ଯ୍ୟକୁ ସେମାନଙ୍କର ମୁଖ୍ୟ ବୃତ୍ତି ଭାବରେ ଉଲ୍ଲେଖ କରିଥିବା ବେଳେ ମାତ୍ର ୫.୭୯ ନିୟୁତ ପୁରୁଷ ଘରୋଇ କାର୍ଯ୍ୟ କରୁଥିବା ତଥ୍ୟ ପ୍ରକାଶ ପାଇଥିଲା। ଜାତୀୟ ପରିସଂଖ୍ୟାନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, 'ଭାରତରେ ମହିଳାମାନେ ହାରାହାରି ଦିନକୁ ପ୍ରାୟ ୨୯୯ ମିନିଟ ଘର ପାଇଁ ବ୍ୟୟ କରୁଥିବା ବେଳେ ପୁରୁଷମାନେ ମାତ୍ର ୯୭ ମିନିଟ ଉପଯୋଗ କରିଥାନ୍ତି। ପୁରୁଷଙ୍କ ଅପେକ୍ଷା ଘର ପାଇଁ ଅଧିକ ସମୟ ବ୍ୟୟ କରୁଥିବା ମହିଳାଙ୍କୁ ଗୁରୁତ୍ୱ ଦିଆ ନ ଯିବା ଓ ତାଙ୍କର କାର୍ଯ୍ୟ ବା ସେବାକୁ ଅଣଦେଖା କରାଯିବା ପରିତାପର ବିଷୟ। ଜଣେ ଗୃହିଣୀ ଆବଶ୍ୟକତା ଅନୁଯାୟୀ ଘରର ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା କରନ୍ତି, ଏହା ସହ ପରିବାରରେ ରୋଜଗାର ବୃଦ୍ଧି ପାଇଁ ସ୍ୱାମୀଙ୍କୁ କୃଷି କାର୍ଯ୍ୟରେ ସହଯୋଗ କରିବା, ଘରେ ଗୃହପାଳିତ ପ୍ରାଣୀ ରଖିବା, ବଡ଼ି, ପାମ୍ପଡ, ଆଚାର, ଶୁଖୁଆ ପ୍ରସ୍ତୁତି କରି ବିକିବା ଇତ୍ୟାଦି ଅନେକ ରୋଜଗାରଭିତ୍ତିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖନ୍ତି। ୨୦୨୦ରେ ଅଭିନେତା–ରାଜନେତା କମଲ ହାସନ ଗୃହିଣୀମାନଙ୍କ ଅବଦାନକୁ ଉପଲବ୍ଧି କରିଥିଲେ। ସେଥିପାଇଁ ସେମାନଙ୍କ ଅଜ୍ଞାତ ତଥା ଅଣସଂଗଠିତ ଶ୍ରମ ପାଇଁ ଗୃହିଣୀମାନଙ୍କ ଲାଗି ଦରମା ପ୍ରତିଶ୍ରୁତି ଦେଇଥିଲେ ନିଜର ରାଜନୈତିକ ଦଳର ନିର୍ବାଚନ ଇସ୍ତାହାରରେ। ଏହି ପ୍ରସ୍ତାବ ତାଙ୍କ ନିର୍ବାଚନୀ ଇସ୍ତାହାରର ଏକ ଅଂଶ ଥିଲେ ବି ରାଜ୍ୟ ନିର୍ବାଚନରେ ଦଳ ହାରିଯିବାରୁ ତାହା ଅନ୍ଧାର ଭିତରେ ରହିଗଲା।

ଯେହେତୁ ଜଣେ ଗୃହିଣୀ ନିଜର ପିଲାମାନଙ୍କର ବୌଦ୍ଧିକ, ଭାବଗତ ତଥା ସାମାଜିକ ସୁସ୍ଥତାକୁ ଆକୃଷ୍ଟ କରିବା ଦିଗରେ ଯେପରି କାର୍ଯ୍ୟ କରନ୍ତି, ଯାହା ସାଧାରଣତଃ ଟଙ୍କା ବିନିମୟରେ ଜଣେ ବାହାର ଲୋକ ଦ୍ୱାରା କରାଯାଇପାରିବ ନାହିଁ। ସେହିପରି ପରିବାର ସଦସ୍ୟଙ୍କ ପାଇଁ ରନ୍ଧାବଢା ହେଉ ବା ଘରେ ହଠାତ୍ କେହି ଅସୁସ୍ଥ ହେଲା ପରେ ତାଙ୍କର ସେବାଯତ୍ନ ହେଉ, ଏପରି ଆନ୍ତରିକତା ସମ୍ପନ୍ନ ସେବା ପ୍ରଦାନ ଟଙ୍କା ବିନିମୟରେ କୌଣସି ବାହାର ଲୋକଙ୍କ ଦ୍ୱାରା ସମ୍ପନ୍ନ ହୋଇପାରିବ ନାହିଁ। ଯଦି ସକାଳୁ ରାତ୍ରି ପର୍ଯ୍ୟନ୍ତ ଜଣେ ଗୃହିଣୀଙ୍କ କାର୍ଯ୍ୟକୁ ତର୍ଜମା କରାଯାଏ, ତେବେ ତାହାର ମୂଲ୍ୟାୟନ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ମାତ୍ର ଲିଙ୍ଗଗତ ଅସମାନତା କାରଣରୁ ତଥା ପୁରୁଷପ୍ରାଧାନ୍ୟ ମାନସିକତା କାରଣରୁ ଗୃହଣୀମାନଙ୍କ କାର୍ଯ୍ୟ ଓ ସେବାକୁ ସର୍ବଦା ଅଣଦେଖା କରାଯାଇ ଆସୁଛି।

ଆମର ବେଦ ଓ ଉପନିଷେଦରେ ମଧ୍ୟ ଗୃହିଣୀମାନଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରାଯାଇଛି। ଗୃହକୁ ତଥା ରାଷ୍ଟ୍ରକୁ ଉତ୍ତମ ସନ୍ତାନ ଉତ୍ପନ୍ନକରି ପ୍ରଦାନ କରୁଥିବାରୁ ସେମାନଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଜଣେ ଗୃହିଣୀ ମା' ହେବା ପରେ ନିଜ ସନ୍ତାନର ପ୍ରଥମ ନିର୍ମାତ୍ରୀ ତଥା ପ୍ରଥମ ଶିକ୍ଷାଦାତ୍ରୀ ଭାବେ ପରିଗଣିତ ହୋଇଥାଏ। ସେଥିପାଇଁ କୁହାଯାଏ ମା' ପରି କେହି ଗୁରୁ ହୋଇପାରନ୍ତି ନାହିଁ। ଆଜି ପର୍ଯ୍ୟନ୍ତ କୌଣସି ଗୃହିଣୀ ନିଜ ଘର ପାଇଁ କରୁଥିବା କାର୍ଯ୍ୟ ଓ ସେବା ପାଇଁ ପାରିଶ୍ରମିକ ଦାବି କରିନାହାନ୍ତି କି ସେମାନଙ୍କ କାର୍ଯ୍ୟର ମୂଲ୍ୟାୟନ କରିନାହାନ୍ତି। ଏହା ହିଁ ସେମାନଙ୍କର ମହାନତା ଓ ଉଦାରତା। ସେମାନଙ୍କ ସେବା ଓ କାର୍ଯ୍ୟ ମୂଲ୍ୟାୟନ ବି ଅସମ୍ଭବ। ସେ କରୁଥିବା ବିଭିନ୍ନ କାର୍ଯ୍ୟ ଓ ସେବା ପାଇଁ ଯଦି ଲୋକ ନିଯୁକ୍ତି କରାଯାଏ, ତେବେ ସେ ବାବଦରେ କେତେ ପାରିଶ୍ରମିକ ବ୍ୟୟ କରିବାକୁ ପଡିବ ତାହା ବିଚାର ସାପେକ୍ଷ। ଗୃହକର୍ତ୍ତାଟିଏ ବାହାରେ ରୋଜଗାର କରି ଯେତିକି ଅର୍ଥ ଘରକୁ ଆଣେ, ତା'ର କାହିଁ କେତେଗୁଣ ଅର୍ଥ ଗୃହିଣୀଟିଏ ନିଜ ଘରର ସବୁକାମ କରି ବ୍ୟୟ ବଞ୍ଚାଇ ଥାଏ। ଏହାକୁ ସମଗ୍ର ପୁରୁଷ ସମାଜ ବୁଝିବା ଦରକାର।

ମୋ: ୯୪୩୭୨୩୨୪୬୩

# ସମ୍ପର୍କ: ମୂଲ୍ୟ, ଅମୂଲ୍ୟ, ମୂଲ୍ୟହୀନ



ଚନ୍ଦନ କୁମାର ଦାସ

ଏ ତିନି ହେଁ –'ମୂଲ୍ୟ, ଅମୂଲ୍ୟ, ମୂଲ୍ୟହୀନ' କେବଳ ଗୋଟିଏ ଗୋଟିଏ ଶବ୍ଦର ପରିସୀମା ମଧ୍ୟରେ ଅନୁବନ୍ଧିତ ନୁହେଁ; ପରନ୍ତୁ ଆମ ସମସାମୟିକ ସାମାଜିକ ଜୀବନର ସୁଧାର ପାଇଁ ଏକ ଏକ ଶ୍ରେଷ୍ଠ ସାଧନ ରୂପେ ପରିଗଣିତ। ସମାଜ ଯେଉଁ ନୈସର୍ଗିକ ବନ୍ଧନରେ ବାନ୍ଧି ହୋଇ ଏକ ପବିତ୍ରତମ, ପରିପକ୍ୱ ଆକୃତିରେ ରୂପାନ୍ତରିତ ହୋଇଛି, ସେ ନୈସର୍ଗିକ ବନ୍ଧନର ନାମ ହେଉଛି – 'ସମ୍ପର୍କ'। ସମ୍ପର୍କରେ ଏମିତି ଏକ ଅନ୍ତର୍ନିହିତ ଅଦୃଶ୍ୟ ଶକ୍ତି ରହିଛି, ଯାହାର ପ୍ରଭାବରେ ପ୍ରତିଟି ଉପାଦାନ ଅନୁବନ୍ଧିତ ହୋଇ ଏକ ସ୍ଥୁଳ ପ୍ରତୀକରୂପି ସମାଜ ତିଆରି କରିବାରେ ସହାୟକ ହୋଇଥାଏ। ସାମାଜିକ ଜୀବନର ଦୈନନ୍ଦିନ ସ୍ଥିତି ଓ ପରିସ୍ଥିତି ଏହି ଶକ୍ତିର ଭାରସାମ୍ୟ ଉପରେ ନିର୍ଭରଶୀଳ। ଭାରସାମ୍ୟ ଦୋହଲିଲେ ସମ୍ପର୍କ ଦୋହଲେ, ଭାରସାମ୍ୟ ବଜାୟ ରହିଲେ ସମ୍ପର୍କ ଯୋଡ଼େ। ସମାଜ ଯେଉଁ ଜୈବିକ ଓ ଅଜୈବିକ ଉପାଦାନର ସମାହାରରେ ଗଠିତ, ସେହି ଉପାଦାନମାନଙ୍କ ମଧ୍ୟରେ ସାମାଜିକ ଆନ୍ତଃକ୍ରିୟା ଦ୍ୱାରା ସମ୍ପର୍କ ତିଆରି ହୋଇଥାଏ।

ତେବେ ପ୍ରଶ୍ନ ଉଠୁଛି ଏ ତିନୋଟି ଶବ୍ଦ ଆମ ସମାଜ, ସମ୍ପର୍କ ଓ ସାମାଜିକ ଜୀବନ ଉପରେ କେଉଁ ପ୍ରଭାବ ରଖେ ଯେ, ଯେଉଁଥିପାଇଁ ଏ ତିନିଗୋଟି ଶବ୍ଦ ଉପରେ ଏଠାରେ ଗୁରୁତ୍ୱ ଆରୋପ କରାଯାଇଛି। ଏ ବୈଜ୍ଞାନିକ ଯୁଗରେ ଆମେ ଆଜିକାଲି ସବୁ ଜିନିଷର ମୂଲ୍ୟ ନିର୍ଦ୍ଧାରଣ ପାଇଁ ପଛାଉନାହୁଁ। ତେଣୁ ମୂଲ୍ୟାଙ୍କନ ଅଧୁନା ଆମ ଜୀବନଧାରା ସହିତ ସଦାସର୍ବଦା ପ୍ରବହମାନ। ଏତେ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ରହିବା ସତ୍ତ୍ୱେ ଆମେ ଆମ ସମ୍ପର୍କର ବ୍ୟବଚ୍ଛେଦ କରିବାକୁ କେବେ ଭୁଲୁ ନାହୁଁ। ଏଇଠି ଜରୁରୀ ହୋଇପଡ଼େ ଆମ ପାଇଁ ସମ୍ପର୍କର 'ମୂଲ୍ୟ'।

ପରବର୍ତ୍ତୀ ପର୍ଯ୍ୟାୟରେ ଉତ୍କୃଷ୍ଟତାର ସୋପାନକୁ ସ୍ପର୍ଶ କରିବା ପ୍ରତ୍ୟାଶାରେ କେଉଁଠି ନା କେଉଁଠି ଝୁଣ୍ଟିପଡ଼ି କାହାକୁ କରୁ ଅମୂଲ୍ୟ ତ କାହାକୁ ମୂଲ୍ୟହୀନ। କିନ୍ତୁ କେବେ ବି ଆମେ ନିଜକୁ ପ୍ରଶ୍ନ କରୁନାହୁଁ ଆମେ ଠିକ ମୂଲ୍ୟାୟନକାରୀ ନା ନୁହଁ। ଆମ ଭାରତୀୟ ପୋଥି ତଥା ପୁରାଣ ଏ ସାମାଜିକ ସମ୍ବନ୍ଧର ମୂଲ୍ୟାୟନ ଦିଗରେ ଏକରୁ ଆରେକ ଗୋଟିଏ ଗୋଟିଏ ଶ୍ରେଷ୍ଠ ଉତ୍ସ ରୂପେ ପରିଚିତ। ଏହା କୃଷ୍ଣ–ବଳରାମଙ୍କ ଭାଇ ଭାଇ ସମ୍ପର୍କ ହୋଇପାରେ। ଏହା ରାମ–ସୀତାଙ୍କର ପତି ପତ୍ନୀ ସମ୍ପର୍କ ହୋଇପାରେ, ଏହା କୃଷ୍ଣ–ସୁଦାମାଙ୍କ ବନ୍ଧୁ ବନ୍ଧୁ ସମ୍ପର୍କ ହୋଇପାରେ। ଯୁଗର ବିବର୍ତ୍ତନବାଦ ମଧ୍ୟରେ ତାଳ ଦେଇ ଦେହ ସିନା ହୋଇଛି ଅତୀତ, ହେଲେ ସମ୍ପର୍କ ଚିରନ୍ତନ।

ବହୁ ପୌରାଣିକ କଥାବସ୍ତୁ ମଧ୍ୟରୁ ଆମେ ଏଠାରେ କୃଷ୍ଣ ସୁଦାମାଙ୍କ ବନ୍ଧୁତ୍ୱ ସମ୍ପର୍କକୁ ବିଶ୍ଳେଷଣ କଲେ ଠିକ୍ ପ୍ରତୀୟମାନ ହୁଏ ଯେ ବନ୍ଧୁତ୍ୱର ପବିତ୍ରତମ ବିଭାବନରକୁ ଉଭୟେ ଉପଲବ୍ଧି ପାଇଁ ଚରମ ତଥା ପରମ ବ୍ୟାକୁଳ ଥିଲେ। ସେଠି କୌଣସି ଦ୍ରବ୍ୟର ସାମାନ୍ୟତମ ସ୍ଥାନ ନ ଥିଲା। ସୁଦାମାଙ୍କ ଦ୍ୱାରା ଦତ୍ତ ଖୁଦକଣା ତଥା କୃଷ୍ଣଙ୍କ ଦ୍ୱାରା ଦତ୍ତ ଧନ ତଥା ଐଶ୍ୱର୍ଯ୍ୟ ଥିଲା ଅତ୍ୟନ୍ତ ଗୌଣ। ମାତ୍ର ଶ୍ରଦ୍ଧା, ପ୍ରେମ ଅସୂୟା ଥିଲା ପ୍ରଧାନ ଅର୍ଥାତ୍ ଅମୂଲ୍ୟ।

ଦ୍ୱିତୀୟ ଉଦାହରଣ ରୂପେ ରାମ–ଭରତଙ୍କର ଭାଇ ଭାଇ ସମ୍ପର୍କକୁ ନିଆଯାଇପାରେ। ଯେଉଁଠାରୁ ସ୍ପଷ୍ଟ ଦୃଶ୍ୟମାନ ହୁଏ ଭାଇଟିଏ କେମିତି ତା'ର ରାଜସିଂହାସନ, ରାଜବସ୍ତ୍ର ସବୁକିଛି ପରିତ୍ୟାଗ କରି ଯୋଗୀବତ୍ ନିଜ ଭାଇର କଠଉ ପୂଜାରେ ବ୍ରତୀ ଥିଲା। ଆମେ ଆଜି କେଉଁଠି ନା କେଉଁଠି ଏ ଅମୂଲ୍ୟ ଓ ମୂଲ୍ୟହୀନର ଦ୍ୱନ୍ଦ୍ୱାତ୍ମକ ବନ୍ଧନୀ ମଧ୍ୟରେ ଛନ୍ଦି ହୋଇ ଗୌଣକୁ ଅମୂଲ୍ୟ ଏବଂ ଅମୂଲ୍ୟକୁ ମୂଲ୍ୟହୀନ କରି ସମ୍ପର୍କର ପବିତ୍ର ପାତ୍ରକୁ ପ୍ରଦୂଷିତ କରିଚାଲିଛୁ। କହିବା ବାହୁଲ୍ୟ ଯେ ଜଣେ ବନ୍ଧୁ ବନ୍ଧୁଟିଏକୁ କିଛି ଦ୍ରବ୍ୟ ବା ଅର୍ଥ ପ୍ରଦାନ କଲେ ସେ ଆଜି ତା'ର ବନ୍ଧୁତ୍ୱକୁ ଗୁରୁତ୍ୱ ଦେବା ସହିତ ବନ୍ଧୁର ସେବା, ଶ୍ରଦ୍ଧାକୁ ଗୌଣର ରୂପ ଦେଉଛି। ଏଥିରୁ ବୁଝାଯିବ ସେବା, କର୍ମ, ଶ୍ରଦ୍ଧା ଆଜି ମୂଲ୍ୟହୀନ ହୋଇପଡ଼ିଥିବା ବେଳେ ଦ୍ରବ୍ୟର ସ୍ଥାନ ଉଚ୍ଚରେ।

ସମ୍ପର୍କର ଆତ୍ମାସ୍ୱରୂପୀ ପ୍ରେମ, ଶ୍ରଦ୍ଧା ବସ୍ତୁସର୍ବସ୍ୱ ଦୁନିଆରେ ଅମୂଲ୍ୟ ପରିବର୍ତ୍ତେ ମୂଲ୍ୟହୀନ ସ୍ଥାନରେ ବସି କେଉଁଠି ନା କେଉଁଠି ଗୁମୁରି ଗୁମୁରି ଲୁହ ଝରାଉଛି। ଏଥିପାଇଁ ଦାୟୀ ଆମର ଏ ବସ୍ତୁ ପ୍ରେମ। ଆମେ ବସ୍ତୁର ପ୍ରେମରେ ଏତେ ମସ୍‌ଗୁଲ ହୋଇଯାଉଛୁ ଯେ ପବିତ୍ର ସମ୍ପର୍କ ଆମ ପାଇଁ ତୁଚ୍ଛ।

ଭୋଗରାଇ, ବାଲେଶ୍ୱର
ମୋ:୮୧୧୪୩୪୫୯୮୮

## ପାଠକ ଶ୍ରେଷ୍ଠ ବିଚାରକ

### ମଣିପୁରରେ ଶାନ୍ତି କେବେ ଫେରିବ

ମହାଶୟ,

ଲୋକସଭାରେ ଆଗତ ଅନାସ୍ଥା ପ୍ରସ୍ତାବ ଆଲୋଚନାର ଉତ୍ତର ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ଗତବର୍ଷ ଅଗଷ୍ଟ ୧୦ ତାରିଖରେ ସଂସଦକୁ ଆଶ୍ୱାସନା ଦେଇ ଘୋଷଣା କରିଥିଲେ ଯେ, ମଣିପୁରରେ ଶାନ୍ତିର ସୂର୍ଯ୍ୟ ଅତିଶୀଘ୍ର ଉଦୟ ହେବ ଓ ମଣିପୁର ସହ ଦେଶବାସୀ ରହିଛନ୍ତି। ଏହା ମଧ୍ୟରେ ୫ ମାସ ବିତିଗଲାଣି। ମଣିପୁରରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହେଉଛି, ଲୋକମାନେ ମୃତାହତ ହେଉଛନ୍ତି। ହିଂସା କମିବାର ନାମ ଧରୁ ନାହିଁ। ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବେ ପୂରଣ ହେବ ଓ ମଣିପୁରରେ ଶାନ୍ତିର ସୂର୍ଯ୍ୟ ଉଦୟ ହେବ ତାହା ଦେଖିବା ପାଇଁ ଦେଶବାସୀ ଅପେକ୍ଷା କରିଛନ୍ତି।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଦୂର ଗାଆଁ କୋଳେ ବୁଢୁଥିଲା ମୋର ଗୋଧୂଳି–ବେଳ
ଶିଶୁସାଥି ମେଳେ ବସୁଥିଲା କେତେ ସୁଖର ହାଟ
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀ ତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ ଶିମୁଳିପାଳ!
–(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କଂଗ୍ରେସ ସିଇସି ବୈଠକ

ନୂଆଦିଲ୍ଲୀ, ୬।୩

ଗୁରୁବାର ସନ୍ଧ୍ୟାରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଲୋକ ସଭା ନିର୍ବାଚନକୁ ନେଇ ପ୍ରାର୍ଥୀ ତାଲିକା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଦଳର ମହାସଚିବ ଜୟରାମ ରମେଶ ସୂଚନା ଦେଇଛନ୍ତି। ଏହି ବୈଠକରେ ସ୍କ୍ରିନିଂ କମିଟିରୁ ପ୍ରସ୍ତାବିତ ବିଭିନ୍ନ ନାମ ଉପରେ ଚର୍ଚ୍ଚା ହୋଇ ମୋହର ମରାଯିବ। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏହି ସିଇସି ବୈଠକରେ ପ୍ରାୟ ୧୦୦ ଲୋକ ସଭା ଆସନରେ ପ୍ରାର୍ଥୀଙ୍କ ନାମ ଉପରେ ବିଚାରବିମର୍ଶ ହେବ ଏବଂ ଏହାର କିଛି ଦିନ ମଧ୍ୟରେ କଂଗ୍ରେସର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ସାନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସମେତ ବହୁ ବରିଷ୍ଠ ନେତା ବୈଠକରେ ସାମିଲ ହେବେ। ସେପଟେ ବୁଧବାର କଂଗ୍ରେସର ଇସ୍ତାହାର କମିଟି ପକ୍ଷରୁ ଲୋକ ସଭା ନିର୍ବାଚନ ପାଇଁ ଇସ୍ତାହାରର ଏକ ଚିଠା ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ତାଙ୍କ ବାସଭବନରେ ପ୍ରଦାନ କରାଯାଇଛି। ଲମ୍ବା ବିଚାର ବମର୍ଶ ପରେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ନେତୃତ୍ୱାଧୀନ ଏହି କମିଟି କଂଗ୍ରେସର ଏହି ଇସ୍ତାହାରକୁ ପ୍ରସ୍ତୁତ କରିଥିଲେ।

## ଉଦୟନିଧିଙ୍କ ବିରୋଧରେ ହାଇକୋର୍ଟରେ ପିଟିଶନ ଖାରଜ

ଚେନ୍ନାଇ, ୬।୩

ସନାତନ ଧର୍ମ ବିରୋଧୀ ମନ୍ତବ୍ୟ ମାମଲାରେ ଡିଏମ୍‌କେ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍, ପି.କେ ସେରକାର ଏବଂ ଏମ୍‌ପି ଏ.ରାଜାଙ୍କ ବିରୋଧରେ ଦାଖଲ ପିଟିଶନକୁ ବୁଧବାର ମାଡ୍ରାସ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏକ ହିନ୍ଦୁ ଜାତୀୟତାବାଦୀ ସଙ୍ଗଠନ ପକ୍ଷରୁ ଏହି ଆବେଦନ ହୋଇଥିଲା। ସନାତନ ଧର୍ମ ବିରୋଧୀ ବୈଠକ କରି ବିବାଦୀୟ ମନ୍ତବ୍ୟ ଦେବା ସତ୍ତ୍ୱେ ୩ ଡିଏମ୍‌କେ ନେତା ନିଜ ପଦବୀରେ ରହିବା ଅନୁଚିତ ବୋଲି ଉକ୍ତ ସଙ୍ଗଠନ କ୍ୱୋ ୱାରେଣ୍ଟୋ ପିଟିଶନରେ ଦର୍ଶାଇଥିଲା। ଜଷ୍ଟିସ୍ ଅନିତା ସୁମନ୍ତ ଉକ୍ତ ଆବେଦନକୁ ଖାରଜ କରିବା ସହ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ ମନ୍ତବ୍ୟ ଦେବା ଉଚିତ ବୋଲି କହିଛନ୍ତି।

## ଲୋକଙ୍କ ବିଶ୍ୱାସକୁ ଅଳିଆଗଦାକୁ ଫିଙ୍ଗାଯାଇଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୩

ଉତ୍ତରାଖଣ୍ଡର ଜିମ୍ କୋର୍‌ବେଟ୍ ଜାତୀୟ ଉଦ୍ୟାନରେ ବେଆଇନ ନିର୍ମାଣ ଓ ଗଛକଟାକୁ ମଞ୍ଜୁରୀ ଦିଆଯାଇଥିବା ପ୍ରସଙ୍ଗରେ ରାଜ୍ୟର ପୂର୍ବତନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହରକ ସିଂ ରାୱତ ଓ ପୂର୍ବତନ ବନ ବିଭାଗ ଅଧିକାରୀ କିଶନ ଚନ୍ଦଙ୍କୁ ବୁଧବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏହି ମାମଲାରେ ସିଧାସଳଖ ଆଇନର ଉଲ୍ଲଂଘନ କରାଯାଇ ପର୍ଯ୍ୟଟନ ନାମରେ ବ୍ୟବସାୟକରଣ କରାଯାଇଥିବା କହିବା ସହ ତତ୍କାଳୀନ ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ମିଳିମିଶି ଜନସାଧାରଣଙ୍କ ବିଶ୍ୱାସକୁ ଅଳିଆ ଗଦାକୁ ଫିଙ୍ଗିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ମାମଲାର ତଦନ୍ତ କରୁଥିବା ସିବିଆଇକୁ ୩ ମାସ ମଧ୍ୟରେ ଯାଞ୍ଚର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ବି. ଆର ଗବାଇଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ସିବିଆଇ ହାଜତରେ ଶାହଜାହାନ୍ ଶେଖ୍

କୋଲକାତା/ନୂଆଦିଲ୍ଲୀ, ୬।୩

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଆଦିବାସୀ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ, ଜମି ହଡ଼ପ ଓ ଜବରଦସ୍ତି ବଟି ଆଦାୟ କରିବା ଅଭିଯୋଗରେ ଗିରଫ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପୂର୍ବତନ ନେତା ଶାହଜାହାନ୍ ଶେଖ୍‌ଙ୍କୁ ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିଜ ହାଜତକୁ ନେଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନଙ୍କ ଆକ୍ରମଣକାରୀ ଶାହଜାହାନଙ୍କୁ ହସ୍ତାନ୍ତର କରିବା ପାଇଁ କାଲ୍‌କାଟା ହାଇକୋର୍ଟ ଲଗାତର ୨ ଦିନ ଧରି ନିର୍ଦ୍ଦେଶ ଦେବା ପରେ ପଶ୍ଚିମବଙ୍ଗ ସିଆଇଡି ତାଙ୍କୁ ହସ୍ତାନ୍ତର କରିଛି।

କାଲ୍‌କାଟା ହାଇକୋର୍ଟ ମଙ୍ଗଳବାରର ରାୟ (ଇଡି ଅଧିକାରୀଙ୍କୁ ଆକ୍ରମଣ ମାମଲା ସିବିଆଇକୁ ହସ୍ତାନ୍ତର)କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବୁଧବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ସନ୍ଦେଶଖାଲି ମାମଲାର ମୁଖ୍ୟ ଅଭିଯୁକ୍ତ ଶାହଜାହାନ ଶେଖ୍ ସିବିଆଇ ହାଜତକୁ ଯାଇଛନ୍ତି। ଅପରାହ୍ଣ ୪ଟା ପୂର୍ବରୁ ସିବିଆଇ ଅଧିକାରୀମାନଙ୍କ ଏକ ଟିମ୍ ସିଆଇଡି ମୁଖ୍ୟାଳୟରେ ପହଞ୍ଚିଥିଲା। ହାଇକୋର୍ଟ ଅପରାହ୍ଣ ୪ଟା ୧୫ ସୁଦ୍ଧା ହସ୍ତାନ୍ତର ନିର୍ଦ୍ଦେଶ ଦେବା ସତ୍ତ୍ୱେ ସିଆଇଡି ତାଙ୍କୁ ପ୍ରାୟ ସନ୍ଧ୍ୟା ୬ଟା ୪୮ରେ ହସ୍ତାନ୍ତର କରିଥିଲା। ସିବିଆଇକୁ ହସ୍ତାନ୍ତର କରିବା ପୂର୍ବରୁ ଶାହଜାହାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଜଣେ ସିଆଇଡି ଅଧିକାରୀ ସୂଚନା ଦେଇଛନ୍ତି। ସିବିଆଇ ଅଧିକାରୀମାନେ ମଧ୍ୟ ତାଙ୍କୁ ନିଜାମ ପ୍ୟାଲେସସ୍ଥିତ ଏକ ଇଏସ୍‌ଆଇ ହସ୍ପିଟାଲକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

ଗତ ଜାନୁୟାରୀ ୫ରେ ଏକ ରାଶନ ବଣ୍ଟନ ଦୁର୍ନୀତି ମାମଲାରେ ଇଡି ଅଧିକାରୀମାନେ ଶାହଜାହାନଙ୍କ ଘରକୁ ତଲାସି ପାଇଁ ଯାଇଥିବାବେଳେ ସେ କେନ୍ଦ୍ରୀୟ ଏଜେନ୍ସି ଟିମ୍ ଉପରେ ଆକ୍ରମଣ କରିଥିଲେ। ଏହି ମାମଲାରେ ହାଇକୋର୍ଟଙ୍କ ହସ୍ତାନ୍ତର ନିର୍ଦ୍ଦେଶର ଅନୁପାଳନ ନ କରିବା ଅଭିଯୋଗରେ ଇଡି ବୁଧବାର ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଅବମାନନା ପିଟିଶନ ଦାଖଲ କରିଥିଲା। ମୁଖ୍ୟ ବିଚାରପତି ଟି.ଏସ୍. ଶିବଜ୍ଞାନମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ, ରାଜ୍ୟ ସରକାର ମଙ୍ଗଳବାରର ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ସ୍ପେଶାଲ ଲିଭ୍ ପିଟିଶନ ଦାଖଲ କରିଥିଲେ ମଧ୍ୟ ରାୟର କାର୍ଯ୍ୟକାରିତା ଉପରେ କୌଣସି ଅନ୍ତରୀଣ ସ୍ଥଗିତାଦେଶ ଦିଆଯାଇନାହିଁ। ଇତିମଧ୍ୟରେ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରିଥିବାରୁ ଟିଏମ୍‌ସି



ସରକାରଙ୍କୁ ଭାଜପା ସମାଲୋଚନା କରିଛି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯିବା ଟିଏମ୍‌ସିର 'ମୂଲ୍ୟବୋଧ ବ୍ୟବସ୍ଥା'କୁ ଦର୍ଶାଉଛି। ଟିଏମ୍‌ସି ଅପରାଧକୁ ଅସ୍ୱୀକାର କରୁନାହିଁ। କିନ୍ତୁ ଶାହଜାହାନଙ୍କୁ ରାଜନୈତିକ ସୁରକ୍ଷା ଯୋଗାଇବା ଲଜ୍ଜାଜନକ ବିଷୟ। ଅନ୍ୟପକ୍ଷେ ସିବିଆଇ ଏହି ଘଟଣାରେ ଆଉ ୨ଟି ମାମଲାର ତଦନ୍ତ ଭାର ହାତକୁ ନେଇଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ମଧ୍ୟ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ସୁପାରିସ କରିଥିଲେ। ସନ୍ଦେଶଖାଲି ମାମଲାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ଅସନ୍ତୁଷ୍ଟ ବିଧାୟକ ତାପସ ରୟ ସୋମବାର ଟିଏମ୍‌ସିରୁ ଇସ୍ତଫା ଦେଇଥିଲେ। ସେ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି।

### ମମତାଙ୍କୁ ଭୋଟ ଦେଲୁ, ସେ ଅପମାନ ଦେଲେ

**ମୋଦିଙ୍କୁ ଭେଟିଲେ ସନ୍ଦେଶଖାଲି ପୀଡ଼ିତା**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଜିତାଇବା ପାଇଁ ଆମେ ତାଙ୍କ ସପକ୍ଷରେ ଭୋଟ ଦେଇଥିଲୁ। କିନ୍ତୁ ସେ ଆମକୁ ଅପମାନିତ କଲେ। ଏପରି କି ମମତା ଆମ ସହ କଥା ମଧ୍ୟ ହେଲେ ନାହିଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ସନ୍ଦେଶଖାଲି ପୀଡ଼ିତାମାନେ କ୍ଷୋଭ ବ୍ୟକ୍ତ କରିଛନ୍ତି। ୪୦ ବର୍ଷୀୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଶେଖ ଶାହଜାହାନ୍ ଓ ତାଙ୍କ ସହଯୋଗୀମାନେ କିପରି ବର୍ବର ଆଚରଣ କରୁଥିଲେ ସେନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାସ୍ଥିତ ସନ୍ଦେଶଖାଲିରେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଏହି ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ସହଯୋଗର ଆଶ୍ୱାସନା ଦେଇଛନ୍ତି।

## ଦୌଡ଼ରୁ ଓହରିଲେ ନିକ୍କି ହାଲି



ୱାଶିଂଟନ୍, ୬।୩

ଆମେରିକା ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ରିପବ୍ଲିକାନ୍ ପାର୍ଟିରୁ ହେବା ଦୌଡ଼ରୁ ବୁଧବାର ଭାରତୀୟ ବଂଶୋଦ୍ଭବ ନିକ୍କି ହାଲି ଓହରିଯାଇଛନ୍ତି। ଫଳରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନ୍ ପାର୍ଟିରୁ ପୁନର୍ବାର ପ୍ରାର୍ଥୀ ହେବା ନିଶ୍ଚିତ ହୋଇଛି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ଓ ତାଙ୍କ ଡେମୋକ୍ରାଟିକ୍ ଚ୍ୟାଲେଞ୍ଜର ଜୋ ବାଇଡେନ୍ ପୁଣି ଥରେ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।

ସାଉଥ୍ କ୍ୟାରୋଲିନାର ପୂର୍ବତନ ଗଭର୍ନର ତଥା ଜାତିସଂଘକୁ ପ୍ରାକ୍ତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ରାଷ୍ଟ୍ରଦୂତ ଥିବା ନିକ୍କି ହାଲି ଚାର୍ଲେଷ୍ଟନ୍ ସୁପର ଟିଉଜ୍‌ଡେ'ରେ ପରାଜୟର ଦିନକ ପରେ ଏହି ଘୋଷଣା କରିଛନ୍ତି। ଚାର୍ଲେଷ୍ଟନ୍‌ରେ ୧୫ ରିପବ୍ଲିକାନ୍‌ଙ୍କ ମଧ୍ୟରୁ ୧୪ ଜଣ ଟ୍ରମ୍ପଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ଭୋଟ ଦେଇଥିଲେ। ୨୦୨୪ ପ୍ରାଇମେରି କ୍ୟାଲେଣ୍ଡରରେ ଏହା ଥଲା ସବୁଠୁ ବଡ଼ ଚ୍ୟାଲେଞ୍ଜ, ଯେଉଁଠି ଏକ-ତୃତୀୟାଂଶରୁ ଅଧିକ ରିପବ୍ଲିକାନ୍ ଡେଲିଗେଟ୍ ଉପସ୍ଥିତ ଥିଲେ।

ଏନେଇ ହାଲି କହିଛନ୍ତି, ବର୍ତ୍ତମାନ ନିଜ କ୍ୟାମ୍ପେନ୍ ବନ୍ଦ କରିବା ସମୟ ଆସିଛି। ଏଥିପାଇଁ ସେ ଅନୁତପ୍ତ ନୁହନ୍ତି। ଟ୍ରମ୍ପ ପ୍ରାର୍ଥୀ ହେବା ଏକପ୍ରକାର ସ୍ଥିର ହୋଇଛି। କିନ୍ତୁ ସେ ଟ୍ରମ୍ପଙ୍କୁ ସମର୍ଥନ କରିବା ବିଷୟ ଘୋଷଣା କରିନାହାନ୍ତି। ହାଲି କହିଛନ୍ତି, ଦଳ ଭିତରୁ ଓ ବାହାରୁ ସମର୍ଥନ ଯୋଗାଡ଼କରିବା ଏବେ ଟ୍ରମ୍ପଙ୍କ କାମ। ଏଥିରେ ସେ ସଫଳ ମଧ୍ୟ ହୋଇପାରନ୍ତି। ତେବେ ଆମେରିକାର ବୈଶ୍ୱିକ ନେତୃତ୍ୱ ବଜାୟ ରଖିବା ବର୍ତ୍ତମାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ୫୨ ବର୍ଷୀୟା ହାଲି ନିଜ ପ୍ରଚାର ଅଭିଯାନ ବେଳେ ରୁଷିଆର ଆକ୍ରମଣ ବିରୋଧରେ ୟୁକ୍ରେନ୍‌ର ଆତ୍ମରକ୍ଷା କ୍ଷେତ୍ରରେ ଆମେରିକାର ସହାୟତା ପ୍ରସଙ୍ଗ ଉଠାଇଥିଲେ। ଦୌଡ଼ରୁ ହାଲି ଓହରିବା ପରେ ତାଙ୍କ ପୂର୍ବତନ ବସ୍ ୭୭ ବର୍ଷୀୟ ଟ୍ରମ୍ପ ଓ ୮୧ ବର୍ଷୀୟ ରାଷ୍ଟ୍ରପତି ଜୋ ବାଇଡେନ୍ ପୁନର୍ବାର ହ୍ୱାଇଟ୍ ହାଉସ୍ ଦୌଡ଼ରେ ସାମ୍ନାସାମ୍ନି ହୋଇଛନ୍ତି। ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ବର୍ତ୍ତମାନ ଉଭୟ ପ୍ରତିଦ୍ୱନ୍ଦ୍ୱୀଙ୍କ ନିମ୍ନ ଅନୁମୋଦନ ରେଟିଂକୁ ଦର୍ଶାଉଛନ୍ତି। ବାଇଡେନ୍ ଟ୍ରମ୍ପଙ୍କୁ ଆମେରିକାର ଗଣତାନ୍ତ୍ରିକ ସିଦ୍ଧାନ୍ତ ପ୍ରତି ବିପଦ ବୋଲି ଦର୍ଶାଉଥିବାବେଳେ ଟ୍ରମ୍ପ ନିଜ ଚ୍ୟାଲେଞ୍ଜରଙ୍କୁ ୨୦୨୦ର ପ୍ରତିଶ୍ରୁତି ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି।

### ଏଥର ପୁଣି ଟ୍ରମ୍ପ-ବାଇଡେନ୍ ଲଢ଼େଇ

# ପ୍ରଥମ ଭୂତଳ ଜଳ ମେଟ୍ରୋ ଟ୍ରେନ୍‌ରେ ପ୍ରଧାନମନ୍ତ୍ରୀ

କୋଲକାତା, ୬।୩

ଭାରତର ପ୍ରଥମ ଭୂତଳ ଜଳ ମେଟ୍ରୋ ଟ୍ରେନ୍‌କୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ, କୋଲକାତାର ହୁଗୁଳି ନଦୀ ତଳେ ଯାତାୟତ କରୁଥିବା ଏହି ମେଟ୍ରୋ ଟ୍ରେନରେ ଯାତ୍ରା କରିଥିଲେ। ଏହି ସମୟରେ ସେ ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ସହ କଥୋପକଥନ କରି ଏନେଇ ତାଙ୍କର ଅନୁଭୂତିକୁ ପଚାରି ବୁଝିଥିଲେ। ସେହିପରି ଟ୍ରେନ୍ ମଧ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଟ୍ରେନ୍ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ସହ ପଶ୍ଚିମବଙ୍ଗ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମ୍‌ଦାର ଓ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଉପସ୍ଥିତ ଥିଲେ। ହୁଗୁଳି ନଦୀର ୩୨ ମିଟର ତଳେ ଯାତାୟାତ କରୁଥିବା ଏହି ମେଟ୍ରୋ ଟ୍ରେନ୍ ମାତ୍ର ୪୫ ସେକେଣ୍ଡରେ ୫୨୦ ମିଟରର ଦୂରତା ଅତିକ୍ରମ କରିପାରୁଛି। ଏହି ପ୍ରୋଜେକ୍ଟ ଦ୍ୱାରା ଦୈନିକ ପ୍ରାୟ ୭ ଲକ୍ଷ ଯାତ୍ରୀ ଯାତାୟାତ କରିବାର ଆକଳନ ହୋଇଛି।



ପଶ୍ଚିମବଙ୍ଗର ହାଓଡା ଓ କୋଲକାତାକୁ ଯୋଡୁଥିବା ଭୂତଳ ଜଳ ମେଟ୍ରୋ ଉଦ୍‌ଘାଟନ ପରେ ସେଥିରେ ଯାତ୍ରା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଜାହାଜକୁ ହୁଟିର ଟାର୍ଗେଟ: ୨ ନିହତ

ଦୁବାଇ, ୬।୩

ୟେମେନ୍‌ର ସଶସ୍ତ୍ର ହୁଟି ବିଦ୍ରୋହୀମାନେ ବୁଧବାର ଗଲ୍ଫ ଅଫ୍ ଏଡେନ୍‌ରେ ଏକ ବ୍ୟବସାୟିକ ଜାହାଜକୁ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଏଥିରେ ଜାହାଜର ୨ କ୍ରିଉ ମେମ୍ବର ନିହତ ହୋଇଛନ୍ତି। ଅନ୍ୟ ଯାତ୍ରୀମାନଙ୍କୁ ଜାହାଜରୁ ଉଦ୍ଧାର କରାଯାଇଛି। ଗାଜା ଉପରେ ଇସ୍ରାଏଲର ହମାସ୍ ବିରୋଧୀ ଯୁଦ୍ଧ ପରଠୁ ଏହାକୁ ହୁଟି ଆତଙ୍କବାଦୀଙ୍କ ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି।

## ଦେଶର ପ୍ରଥମ ଏଆଇ ଶିକ୍ଷକ

ଥିରୁଭାନନ୍ତପୁରମ, ୬।୩

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ବ୍ୟବହାର କରି ଶିକ୍ଷାଦାନ କରିବାରେ କେରଳ ଭାରତର ପ୍ରଥମ ରାଜ୍ୟ ହୋଇପାରିଛି। ଥିରୁଭାନନ୍ତପୁରମର କେଟିସିଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଏଥିପାଇଁ ଏକ ହ୍ୟୁମାନୋଏଡ ରୋବର୍ଟର ବ୍ୟବହାର କରାଯାଇ ଏହି ପ୍ରୟୋଗ ହୋଇଛି। 'ମେକର୍‌ଲ୍ୟାବ୍ ଏଜୁଟେକ'ର ସହଯୋଗରେ ଏହି ଏଆଇ ଶିକ୍ଷୟିତ୍ରୀ ପ୍ରସ୍ତୁତ ହୋଇଛନ୍ତି। ଶାଢ଼ୀ ପିନ୍ଧି ଶିକ୍ଷାଦାନ କରୁଥିବା ଏହି ମହିଳା ଏଆଇ ରୋବର୍ଟଙ୍କ ନାମ ଆଇରିସ୍ ରଖାଯାଇଛି। ଆଇରିସ୍‌ଙ୍କ ସ୍ୱର ମହିଳାଙ୍କ ସ୍ୱର ପରି ହୋଇଥିବାବେଳେ ତାଙ୍କ ପାଖେ ଶିକ୍ଷୟିତ୍ରୀଙ୍କ ପରି ଅନେକ ଗୁଣ ରହିଛି। ୩ ପ୍ରକାରର ଭାଷା କହିପାରୁଥିବା ଆଇରିସ୍ ଛାତ୍ରୀଛାତ୍ର ମାନଙ୍କର କଠିନ ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ ଥିବା 'ମେକର୍‌ଲ୍ୟାବ୍ ଏଜୁଟେକ' ପକ୍ଷରୁ କୁହାଯାଇଛି। ସେହିପରି ଆଇରିସଙ୍କ ଜ୍ଞାନ ଶିକ୍ଷାଦାନ କରୁଥିବା ଅନ୍ୟ ସ୍ୱୟଂଚାଳିତ ଗେଜେଟଠାରୁ ଉନ୍ନତ ରହିଛି। ଏହି ହ୍ୟୁମାନୋଏଡ୍ ରୋବର୍ଟଙ୍କୁ ଡ୍ରଗ୍ସ, ହିଂସା ଓ ଯୌନ ସମ୍ପର୍କ ଆଦି ଅନୁପଯୁକ୍ତ ପ୍ରସଙ୍ଗ ଉପରେ ଟ୍ରେଣ୍ଡ କରାଯାଇ ନ ଥିବା 'ମେକରଲ୍ୟାବ ଏଜୁଟେକ'ର ସିଇଓ ହରିସାଗର ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ଆଇରିସଙ୍କୁ ନେଇ ପିଲାମାନଙ୍କର ସକାରାତ୍ମକ ପ୍ରତିକ୍ରିୟା ମିଳିଥିବା କେଟିସିଟି ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।



## ସ୍କୁଲ ଛାତ୍ରୀଙ୍କୁ ଅପହରଣ, ହତ୍ୟା

ପଣ୍ଡିଚେରୀ, ୬।୩

ପଣ୍ଡିଚେରୀରେ କିଛିଦିନ ତଳେ ନିଖୋଜ ହୋଇଯାଇଥିବା ଜଣେ ନାବାଳିକାଙ୍କ ମୃତଦେହ ବୁଧବାର ମୁଥିଆଲପେଟ୍‌ରେ ଠାବ ହୋଇଛି। ୯ ବର୍ଷୀୟା ସ୍କୁଲ ଛାତ୍ରୀଙ୍କ ଘର ପାଖ ଏକ ଡ୍ରେନ୍‌ରୁ ମୃତଦେହ ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ମୁଥିଆଲପେଟ୍‌ର ଏକ ସରକାରୀ ସ୍କୁଲରେ ପଢୁଥିବା ପଞ୍ଚମ ଶ୍ରେଣୀ ଛାତ୍ରୀ ଜଣକ ମାର୍ଚ୍ଚ ୨ ସନ୍ଧ୍ୟାରେ ନିଖୋଜ ହେବା ପରେ ତାଙ୍କ ମା'ବାପା ଥାନାରେ ରିପୋର୍ଟ କରିଥିଲେ। ନାବାଳିକାଙ୍କୁ କେହି ଅପହରଣ ଓ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପଣ୍ଡିଚେରୀ ସରକାର ଫାଷ୍ଟଟ୍ରାକ୍ କୋର୍ଟରେ ଏହି ମାମଲାର ଦ୍ରୁତ ଶୁଣାଣି ପାଇଁ ନିଷ୍ପତ୍ତି ନେଇଥିବା ବିଷୟ ଲ୍ୟୁଟ୍‌ନାଣ୍ଟ ଗଭର୍ନର ତାମିଲିସାଇ ସୋନ୍ଦରାରାଜନ୍ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ମହିଳାଙ୍କ ପାଇଁ ସମ୍ମାନ ହେଉଛି ଏକ ବିକଶିତ ରାଷ୍ଟ୍ରର ପରିଚୟ। ସ୍କୁଲ ଛାତ୍ରୀଙ୍କୁ ନିର୍ମମ ହତ୍ୟା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

## ରୁଷିଆରେ ଭାରତୀୟଙ୍କ ମୃତ୍ୟୁ

**ମହମ୍ମଦ ଅସଫାନ୍‌ଙ୍କୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢ଼ିବା ପାଇଁ ବାଧ କରାଯାଇଥିଲା**



ମସ୍କୋ, ୬।୩

ରୁଷିଆରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବୁଧବାର ସେଠାକାର ଅବସ୍ଥାପିତ ଜଣେ ଭାରତୀୟ ଅଧିକାରୀ ସୂଚନା ଦେଇଛନ୍ତି। ମୃତକଙ୍କ ନାମ ମହମ୍ମଦ ଅସଫାନ୍। ତାଙ୍କୁ ୟୁକ୍ରେନ୍ ବିରୋଧରେ ରୁଷିଆ ପକ୍ଷରୁ ଯୁଦ୍ଧ ଲଢ଼ିବା ପାଇଁ ବାଧ କରାଯାଇଥିବା ଅଧିକାରୀ ଜଣକ କହିଛନ୍ତି। ତେବେ ମୃତକଙ୍କ ସମ୍ପର୍କରେ ସେ ଅଧିକ ତଥ୍ୟ ଦେଇନାହାନ୍ତି। ଅସଫାନ୍‌ଙ୍କ ପରିବାର ଲୋକେ ଏନେଇ ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କୁ ଜଣାଇଛନ୍ତି। ଓୱାଇସି ମସ୍କୋରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବା ପରେ ଅସଫାନ୍ ହାଇଦ୍ରାବାଦ ବାସିନ୍ଦା ବୋଲି ସ୍ପଷ୍ଟ କରିଛନ୍ତି। ତାଙ୍କ ମୃତଦେହକୁ ଭାରତକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚାଲିଛି। ପ୍ରକାଶ ଯେ, ୨୦ରୁ ଅଧିକ ଭାରତୀୟଙ୍କୁ ରୁଷିଆରେ ନିଯୁକ୍ତି ଦେବା ପ୍ରଲୋଭନ ଦେଖାଇ ସେଠାର ସେନାରେ ଭର୍ତ୍ତି କରାଯାଇଛି। ଏହି ଯୁବକମାନଙ୍କ ମଧ୍ୟରୁ ୭ ଜଣ ଉଦ୍ଧାର ପାଇଁ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ଜାରି କରିଥିଲେ।

# ହ୍ୱାଇଟ୍ ହାଉସ୍‌ର ନିମନ୍ତ୍ରଣକୁ ଜେଲେନ୍‌ସ୍କାଙ୍କ ନା

ୱାଶିଂଟନ୍, ୬।୩

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁବାର ସ୍ଥାନୀୟ ସମୟ ରାତି ୯ଟାରେ ରାଷ୍ଟ୍ରକୁ ସମ୍ବୋଧନ କରିବେ। କଂଗ୍ରେସର ଉଭୟ ସଦନ ସଦସ୍ୟ, ନିଜ କ୍ୟାବିନେଟ, ସେନାର ବରିଷ୍ଠ ଅଧିକାରୀ ଓ ସୁପ୍ରିମକୋର୍ଟ ବିଚାରପତିମାନେ ଏଥିରେ ଯୋଗଦେବେ। ବାଇଡେନ୍‌ଙ୍କ ଷ୍ଟେଟ୍ ଅଫ୍ ୟୁନିୟନ୍ ସମ୍ବୋଧନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସ୍ତ୍ରୀ ଓଲେନା ଜେଲେନ୍‌ସ୍କା ଏବଂ ରୁଷିଆର ବିରୋଧୀ ନେତା ଏଲେକ୍ସି ନାଭାଲ୍‌ନିଙ୍କ ବିଧବା ୟୁଲିଆ ନାଭାନୟାଙ୍କୁ ନିମନ୍ତ୍ରଣ କରାଯାଇଥିଲା।



ୟୁଲିଆ ନାଭାନୟା



ଓଲେନା ଜେଲେନ୍‌ସ୍କା

### ଏଲେକ୍ସିଙ୍କ ବିଧବା ସ୍ତ୍ରୀଙ୍କ ସହ ଏକାଠି ହେବାକୁ ଚାହୁଁନାହାନ୍ତି ୟୁକ୍ରେନ୍‌ର ଫାଷ୍ଟ ଲେଡି

ଉକ୍ତ କାର୍ଯ୍ୟକ୍ରମରେ ୟୁକ୍ରେନ୍‌ର ଫାଷ୍ଟ ଲେଡି ଜେଲେନ୍‌ସ୍କା ଏବଂ ୨ ସପ୍ତାହ ତଳେ ରୁଷିଆର ଆର୍କଟିକ୍ ପ୍ରିଜନ୍ କଲୋନିରେ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଏଲେକ୍ସିଙ୍କ ସ୍ତ୍ରୀ ଏକାଠି ହେଲେ ଏକ ସକାରାତ୍ମକ ସନ୍ଦେଶ ଯିବ ବୋଲି ୱାଶିଂଟନ୍ ଆଶା କରିଥିଲା। କିନ୍ତୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସମାଲୋଚକ ଏଲେକ୍ସିଙ୍କ ବିଧବା ସ୍ତ୍ରୀ ହ୍ୱାଇଟ୍ ହାଉସ୍‌କୁ ଯାଉଥିବା ଜାଣିବା ପରେ ଜେଲେନ୍‌ସ୍କା ଉକ୍ତ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କିଭ୍‌ରେ ଅନାଥ ପିଲାଙ୍କ ସହ ପୂର୍ବରୁ ଏକ କାର୍ଯ୍ୟକ୍ରମ ସ୍ଥିର ହୋଇଥବାରୁ ସେ ସାମିଲ ହୋଇପାରିବେ ନାହିଁ ବୋଲି ଜେଲେନ୍‌ସ୍କାଙ୍କ ଅଫିସ ପକ୍ଷରୁ କୁହାଯାଇଛି। ବାଇଡେନ୍ କିଭ୍‌କୁ ୬୦ ବିଲିୟନ୍ ଡଲାର ସାମରିକ ସହାୟତା ପ୍ରଦାନ ପାଇଁ କଂଗ୍ରେସକୁ ଅନୁରୋଧ କରିଥିବାବେଳେ ରିପବ୍ଲିକାନ୍ ପାର୍ଟିର ବିରୋଧ ଯୋଗୁ ତାଙ୍କର ଅତି ନିକଟତର ବୋଲି ଜଣାଇହେବାକୁ ୟୁକ୍ରେନ୍ ସରକାର ଚାହୁଁ ନାହାନ୍ତି। ତେଣୁ ଜେଲେନ୍‌ସ୍କା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଉ ନ ଥିବା ମଧ୍ୟ କୁହାଯାଉଛି।

# ପରିବାରବାଦ ରାଜନୀତିରୁ ବାହାରିପାରେ ଅନୁଗୋଳ

**ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ**

ଅନୁଗୋଳ, ୬।୩ (ଅମିତ କୁମାର ସାମଲ)



ଏକ କାର୍ଯ୍ୟକ୍ରମରେ ପୁଅ ଅରୁଣାଭ ସିଂହଙ୍କ ସହ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ।

ଦୀର୍ଘ ୨୪ ବର୍ଷର ବିଜେଡି ନେତୃତ୍ୱାଧୀନ ସରକାରରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଛି ପରିବାରବାଦ ରାଜନୀତି। ୨୦୦୦ ମସିହାରୁ ଏହି ଆସନ ରଜନୀକାନ୍ତ ସିଂହଙ୍କ ପରିବାର ଅକ୍ତିଆରରେ ରହିଆସିଛି। ୨୦୦୦ ନିର୍ବାଚନରେ ରଜନୀକାନ୍ତଙ୍କ ପିତା ଅଦ୍ୱୈତ ପ୍ରସାଦ ସିଂହ ଅନୁଗୋଳରୁ ବିଜେଡି ଟିକେଟ୍‌ରେ ବିଧାୟକ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୪ରୁ ରଜନୀକାନ୍ତ ଲଗାତର ୪ଟି ନିର୍ବାଚନରେ ବିଜୟୀ ହୋଇଆସିଛନ୍ତି। ହେଲେ ୨୦୧୯ ନିର୍ବାଚନ ବେଳେ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷ ମୁହୂର୍ତ୍ତରେ ସେ ଯେଭଳି ଦଳୀୟ ଟିକେଟ୍ ହାସଲ କରି ବିଜୟୀ ହୋଇଥିଲେ, ତାହାକୁ ନେଇ ସେତେବେଳେ ବିଭିନ୍ନ ପ୍ରକାର ଆଲୋଚନା ହୋଇଥିଲା। ରଜନୀକାନ୍ତଙ୍କ ବିଜୟ ବ୍ୟବଧାନରେ ଘଟିଥିବା ବଡ଼ଧରଣର ହ୍ରାସ ସେହି ଆଲୋଚନାକୁ ଅଧିକ ଖୋରାକ ଯୋଗାଇଥିଲା। ତେଣୁ ସେସବୁକୁ ନଜରରେ ରଖି ଜିଲାର ରାଜନୈତିକ ସମୀକ୍ଷକମାନେ ୨୦୨୪ ନିର୍ବାଚନକୁ ନେଇ ଏକ ଭିନ୍ନ ସଂକେତ ଦେଉଛନ୍ତି। ଏପରି କି ପରିବାରବାଦ ରାଜନୀତିରୁ ଅନୁଗୋଳ ମୁକ୍ତି ପାଇପାରେ ବୋଲି ଚର୍ଚ୍ଚା ଲାଗି ରହିଛି।

ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ୨୦୦୪ରେ ପ୍ରଥମ କରି ନିର୍ବାଚନ ଜିତିଥିବା ରଜନୀକାନ୍ତଙ୍କ ବିଜୟ ବ୍ୟବଧାନ ଥିଲା ୧୮ ହଜାର ୪୪୯। ୨୦୦୯ରେ ବିଜେଡି ତାଙ୍କୁ ପୁନଃ ପ୍ରାର୍ଥୀ କରିଥିଲା ଓ ଗତ ବିଜୟ ବ୍ୟବଧାନ ଅପେକ୍ଷା ରଜନୀକାନ୍ତ ମାତ୍ର ୨ ହଜାରରୁ ଅଧିକ ଭୋଟ ପାଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇବାରେ ସଫଳ ହୋଇଥିଲେ। ହେଲେ ଏହା ପରଠାରୁ ଲଗାତର ୨ଟି ନିର୍ବାଚନରେ ରଜନୀକାନ୍ତ ଜୟଯୁକ୍ତ ହୋଇଥିଲେ ମଧ୍ୟ ବିଜୟ ବ୍ୟବଧାନ ହ୍ରାସ ପାଇଚାଲିଛି। ୨୦୧୪ରେ ୨୦ ହଜାର ୩୪୩ ଓ ୨୦୧୯ ନିର୍ବାଚନରେ ବିଜୟ ବ୍ୟବଧାନ ୮ ହଜାର ୮୨୨କୁ ଖସି ଆସିଛି। ରଜନୀକାନ୍ତଙ୍କ ଲୋକପ୍ରିୟତା କ୍ରମେ କମୁଥିବାରୁ ଅନୁଗୋଳକୁ ନେଇ ବିଜେଡି ରାଜ୍ୟ ନେତୃତ୍ୱ ଚିନ୍ତାରେ ପଡ଼ିଥିବା ବିଷୟ ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି କରିଛି। ତେବେ ଦୀର୍ଘବର୍ଷ ପରେ ପ୍ରଥମ ଥର ପାଇଁ ଅନୁଗୋଳ ପୌର ପରିଷଦକୁ ବିଜେଡି ନିଜ ହାତମୁଠାରେ ରଖିପାରିବା ଦଳ ପାଇଁ ଏକମାତ୍ର ଆଶ୍ୱାସନା ହୋଇପାରିଛି। ଏହା ସତ୍ତ୍ୱେ ରଜନୀକାନ୍ତଙ୍କ ୨୦୨୪ ଟିକେଟ୍ ପାଇବା ପଥ ଏତେ ସହଜ ହୋଇ ନ ପାରେ ବୋଲି କୁହାଯାଉଛି। କାରଣ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସେ ସମ୍ପୂର୍ଣ୍ଣ ସଫଳ ହୋଇପାରି ନାହାନ୍ତି। ବନ୍ତଲା ଅଞ୍ଚଳରେ ହିଣ୍ଡିସିଙ୍ଗ ଜଳସେଚନ ପ୍ରକଳ୍ପ, ହାତୀ ଉପଦ୍ରବରୁ ସୁରକ୍ଷା ଓ ଦମକଳକେନ୍ଦ୍ର ପ୍ରତିଷ୍ଠା ଦାବି ପୂରଣ ହୋଇପାରି ନାହିଁ। ମହାନଦୀରୁ ୨୪ ଘଣ୍ଟିଆ ପିଇବା ପାଣି ଯୋଗାଣ ପ୍ରତିଶ୍ରୁତି, ପ୍ରତିଶ୍ରୁତିରେ ରହିଯାଇଛି। ଭାବମୂର୍ତ୍ତି ସୁଧାରିବାକୁ ପୁଅ ଅରୁଣାଭ ସିଂହଙ୍କୁ ସେ ଢାଲ କରିଥିଲେ ମଧ୍ୟ ସେତେଟା ସଫଳତା ମିଳିନାହିଁ। ନିଜ ସ୍ଥାନରେ ପୁଅକୁ ନିର୍ବାଚନ ମଇଦାନକୁ ଆଣିବା ଯୋଜନା ଥିଲେ ମଧ୍ୟ ତାହା ନେତୃବର୍ଗ ଓ କର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁ ନ ଥିବା ଦେଖାଯାଉଛି।

ଅନ୍ୟପକ୍ଷରେ ଅନୁଗୋଳ ବିଜୁ ଯୁବ ଜନତା ଦଳର ୨ ଥର ସଭାପତି ପଦ ହାତେଇବା ସହ ବସୁଧାର ଉପଦେଷ୍ଟା ଥିବା ଦୀନେଶ ପ୍ରଧାନଙ୍କ ନାମ ଏବେ ରାଜ୍ୟ ବିଜେଡି କ୍ୟାମ୍ପରେ ଚର୍ଚ୍ଚାରେ ରହିଛି। ଏହି ଯୁବ ନେତା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କ ପାଖ ଲୋକ ବୋଲି କୁହାଯାଉଥିବା ବେଳେ ଯୁବଗୋଷ୍ଠୀ ମଧ୍ୟ ତାଙ୍କ ହାତରେ ରହିଛନ୍ତି। ବିଭିନ୍ନ ସ୍ଥାନରେ ସଙ୍ଗଠନ ଦାୟିତ୍ୱରେ ଥିବା ନେତାମାନେ ତାଙ୍କୁ ଗୁରୁତ୍ୱ ଦେଉଥିବାରୁ ୨୦୨୪ ଟିକେଟ୍ ପାଇଁ ସେ ବଡ଼ ଦାବିଦାର ବୋଲି କୁହାଯାଉଛି। ସେହିଭଳି ଆଦର୍ଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ମହେଶ ଧଳଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଛି। ତେବେ ତାଙ୍କ ପୋଷ୍ଟରରେ ବିଜେଡି ଦଳୀୟ ଚିହ୍ନ ନ ଥିବା ବେଳେ ନବୀନ ପଟ୍ଟନାୟକଙ୍କ ଫଟୋ ରହୁଥିବା ଦେଖିବାକୁ ମିଳୁଛି। ଯଦି ଅନୁଗୋଳ ଆସନ ପାଇଁ ବିଜେଡି ମହିଳା କାର୍ଡ ଖେଳେ, ତା'ହେଲେ ପ୍ରଥମ ପସନ୍ଦ ଭାବେ ଆସିବେ ପୂର୍ବତନ ଜିଲାପରିଷଦ ସଭାପତି ଗିରିଜା ନନ୍ଦିନୀ। ତେବେ ଅନୁଗୋଳରେ ବିଜେଡି କାହାକୁ ନବୀନଙ୍କ ବଳରେ ବଳିଆନ୍ କରିବ ତାହାକୁ ନେଇ ଏବେ ଆଲୋକଚନା ଜୋର୍ ଧରିଛି।

## ଶ୍ରେୟ ନେବାକୁ କେନ୍ଦ୍ର, ରାଜ୍ୟ ସରକାର ଆତ୍ମପ୍ରଚାର କରୁଛନ୍ତି: ଶରତ

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)



ଶରତ ପଟ୍ଟନାୟକ

ରାଜ୍ୟରେ ଦୀର୍ଘମିଆଦୀ ସୂତ୍ରରେ ଯାହାସବୁ ବିକାଶ ହୋଇଛି, ତାହା କଂଗ୍ରେସ ସମୟରେ ହୋଇଛି । ସେମିତି କିଛି ନ କରି କେବଳ ଶ୍ରେୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେପରି ମିଥ୍ୟାର ଆଶ୍ରୟ ନେଇ ଆତ୍ମପ୍ରଚାର କରୁଛନ୍ତି, ସେକଥା ଜନସାଧାରଣଙ୍କୁ ଅଛପା ନାହିଁ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି , ଭାଜପା ଓ ବିଜେଡିର ସମ୍ପର୍କ କ'ଣ ତାହା ରାଜ୍ୟବାସୀ ଜାଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ପାରାଦୀପ ତୈଳ ବିଶୋଧନାଗାର ରିଫାଇନେରି ପ୍ରକଳ୍ପ ପ୍ରସଙ୍ଗରେ ଯେଉଁସବୁ ଅସତ୍ୟ କଥା କହିଛନ୍ତି ତାହା ନିନ୍ଦନୀୟ। ଏହି ପ୍ରକଳ୍ପ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ସମୟରେ ଆରମ୍ଭ ହୋଇଥିଲା । ତେବେ ବର୍ତ୍ତମାନ ଏହି ପ୍ରକଳ୍ପର ଶ୍ରେୟ ଉଭୟ ଭାଜପା ଓ ବିଜେଡି ନେବାକୁ ଯେଉଁ କସରତ ଆରମ୍ଭ କରିଛନ୍ତି ତାହା ନିନ୍ଦନୀୟ। ରାଜ୍ୟରେ ବିଜେଡି ସରକାର ଚିଟ୍‌ଫଣ୍ଡ, ମାଇନିଂ ଓ ଜମି ଦୁର୍ନୀତିରେ ବୁଡ଼ି ରହିଥିବାବେଳେ ପ୍ରଧାନମନ୍ତ୍ରୀ କାହିଁକି ଘଣ୍ଟ ଘୋଡ଼ାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ପାରାଦୀପ ବିଶୋଧନାଗାର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ସମୟରେ ନିଷ୍ପତ୍ତି ହୋଇଥିଲା । ରାଜ୍ୟ ସରକାରଙ୍କୁ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ପ୍ରସ୍ତାବ ଦେଇଥିଲା। କଂଗ୍ରେସ ବସାଇଥିବା ପାରାଦୀପ ଫସ୍‌ଫେଟ୍‌କୁ ଘରୋଇ କମ୍ପାନୀକୁ ବିକିଦେବା, ଆଇଓସିଏଲ୍‌କୁ ନିଜର ବୋଲି କହିବା ଏହା ମୋଦିଙ୍କ କେଉଁ ପ୍ରକାର କଳା ବୋଲି ପ୍ରସାଦ କହିଛନ୍ତି।

## ମୁଖପାତ୍ର ନିଯୁକ୍ତିକଲା ପିସିସି

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ରିଚାର୍ଜ ୱିଙ୍ଗ୍ ଅଧ୍ୟକ୍ଷ ଭାବେ ରଜନୀ ମହାନ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିପରି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଅନୁମୋଦନକ୍ରମେ ପିସିସି ସଭାପତି କେତେଜଣ ନେତାଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ଦେଇଛନ୍ତି। ପଞ୍ଚାନନ ଦାସ, ସିଦ୍ଧାର୍ଥ ରାଉତରାୟ, ହାରାବତୀ ଗଣ୍ଡ, ଜୟଶ୍ରୀ ପାତ୍ର, ଆକାଶ ଭୂୟାଁ, ଜେ. ପଟ୍ଟନାୟକ ଓ ମଧୁସ୍ମିତା ଆଚାର୍ଯ୍ୟ ମୁଖପାତ୍ର ଭାବେ ନିଯୁକ୍ତି ପାଇଥିବା ପ୍ରଦେଶ କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଭାଜପାରେ ଯୋଗଦେଲେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତପନ ଚାନ୍ଦ

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ବିଶିଷ୍ଟ ଶିଳ୍ପ ବିଶାରଦ ଓ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ବେଦାନ୍ତର ଉପାଧ୍ୟକ୍ଷ ଏବଂ ପରାମର୍ଶଦାତା ତପନ କୁମାର ଚାନ୍ଦ ବୁଧବାର ନିଜ ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଚାନ୍ଦଙ୍କୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି। ସେବାନିବୃତ୍ତ ନୌସେନା ଅଧିକାରୀଗଣ ଯଥା ବିପିନ ମିଶ୍ର, ଦିନବନ୍ଧୁ ଷଡ଼ଙ୍ଗୀ, ଅଶୋକ ପଟ୍ଟନାୟକ, ରମେଶ ଲେଙ୍କା ଏବଂ ସେବାନିବୃତ୍ତ ବାୟୁସେନା ଅଧିକାରୀ କୃତ୍ତିବାସ ମିଶ୍ର ଏବଂ ଏନ୍.କେ. ମିଶ୍ର ମଧ୍ୟ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ଯୁବନେତା ବିଜେଡି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଋଷି କୁମାର ପଟେଲ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଜନସାଧାରଣ ଓ ରାଷ୍ଟ୍ରର ହିତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉତ୍ସର୍ଗ ତଥା ତ୍ୟାଗରେ ଚାନ୍ଦ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ମୋଦି ଶାସନରେ 'ସେବା, ସୁଶାସନ ଏବଂ ଗରିବ କଲ୍ୟାଣ' ମାଧ୍ୟମରେ ଏକ ନବ ଭାରତ ଗଠନ କରିବା ସହ ବିକଶିତ ଭାରତ ପଥରେ ଦେଶ ଅଗ୍ରଣୀ ହୋଇଛି। ମୋଦି ଗ୍ୟାରେଣ୍ଟି ଓ ବିକଶିତ ଭାରତ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ରାଜ୍ୟରେ ଶାସନ ପରିବର୍ତ୍ତନ କରିବାରେ ସମର୍ପିତ ଭାବେ କାର୍ଯ୍ୟ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଅଭିଯାନକୁ ଜନାଦୃତ କରିବା ପାଇଁ ମିଶ୍ରଣ ପର୍ବ ଅବସରରେ ଚାନ୍ଦ ଶପଥ ନେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ନାଲ୍‌କୋର ପୂର୍ବତନ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କୁ ଦଳକୁ ସ୍ୱାଗତ କରୁଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ।

## ଭାଜପାରେ ଦେବଗଡ଼ର ବିଜେଡି, କଂଗ୍ରେସ ନେତା-କର୍ମୀ



ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ନେତାଙ୍କ ସହ ଦଳରେ ନୂତନ ଭାବେ ଯୋଗଦେଇଥିବା ନେତା ଓ କର୍ମୀ।

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ଦେବଗଡ଼ ଜିଲା ସମେତ ସମଗ୍ର ଓଡ଼ିଶାରେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆସ୍ଥା କ୍ରମାଗତ ଭାବେ ବୃଦ୍ଧି ପାଉଛି। ତେଣୁ ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଦେବଗଡ଼ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି ଓ କଂଗ୍ରେସ ନେତା ଏବଂ ଶତାଧିକ ସମର୍ଥକଙ୍କୁ ଦଳରେ ସ୍ୱାଗତ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର ଏହି ମିଶ୍ରଣ ପର୍ବରେ ଦେବଗଡ଼ ବିଜେଡିର ପୂର୍ବତନ କାଉନସିଲର ସୁଜିତ କୁମାର ପ୍ରଧାନ(ଟିକନୁ), ଦେବଗଡ଼ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପ୍ରଣବ କୁମାର ପ୍ରଧାନ, କଂଗ୍ରେସର ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ, ଦେବଗଡ଼ ନଗର ପୂର୍ବତନ ବିଜେଡି ସଭାପତି ଦିଲୀପ କୁମାର ପାତ୍ର, ଦେବଗଡ଼ ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ନବୀନ କୁମାର ପାଣି, ସୁଦାମ ବୁଢ଼, କଂଗ୍ରେସର ପୂର୍ବତନ ସରପଞ୍ଚ କ୍ଷୀରସାଗର ପ୍ରଧାନଙ୍କ ସମେତ ଆଇନଜୀବୀ, ସାମାଜିକ କର୍ମୀ, ଚାଷୀ, ଶିକ୍ଷାବିତ, ଯୁବଶକ୍ତି, ସାମାଜିକ ନେତୃତ୍ୱଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟକରି ଦଳରେ ମିଶିଥିବା ନୂଆ କର୍ମକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଅପାର ସମ୍ଭାବନାର ଅଞ୍ଚଳ ଦେବଗଡ଼ ଏକ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, କ୍ରୀଡ଼ା ଓ ଚାଷୀଙ୍କ ଅଞ୍ଚଳ। ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଦିଗରେ ଦେବଗଡ଼ର ଅବଦାନ ଅକଳ୍ପନୀୟ। ଏହି ମିଶ୍ରଣ ପର୍ବ 'ମୋଦି ଗ୍ୟାରେଣ୍ଟି' ଉପରେ ଥିବା ଦୃଢ଼ ଆଶା ଓ ଭରସାର ଏକ ଉଦାହରଣ। ଦଳରେ ମିଶିଥିବା ଦେବଗଡ଼ ଜିଲାରୁ ଆସି ଭାଜପାରେ ଏହି ନେତାମାନଙ୍କ ଯୋଗଦାନ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## କଂଗ୍ରେସରେ ସାମାଜିକ ସଙ୍ଗଠନ ନେତା

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

କଂଗ୍ରେସ ଭବନଠାରେ ବୁଧବାର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ମାନବାଧିକାର ମଞ୍ଚ ଯାଜପୁରର ନେତା ମାଗୁଣି ଜେନା, ବିରଞ୍ଚି ମହାନ୍ତି, ଗୀତାଞ୍ଜଳି ମହାନ୍ତିଙ୍କ ସମେତ ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ପ୍ରଚାର କମିଟି ଅଧ୍ୟକ୍ଷ, ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ସମ୍ପାଦକ ଶରତ ରାଉତ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ।

## କଂଗ୍ରେସ ଛାଡ଼ିଲେ ରାଜନାରାୟଣ

ଚଣ୍ଡିଖୋଲ,୬।୩(ପ୍ରଦୀପ୍ତ କୁମାର ପୃଷ୍ଟି)



ରାଜନାରାୟଣ ମହାପାତ୍ର

ଯାଜପୁର ଜିଲା ବଡ଼ଚଣା କଂଗ୍ରେସର ବରିଷ୍ଠ ନେତା ତଥା ପିସିସି ସମ୍ପାଦକ କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ବୁଧବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିବାବେଳେ ତାହା ଗ୍ରହଣ କରାଯାଇ ନ ଥିବା କହିଛନ୍ତି। ପୂର୍ବରୁ ସେ କଂଗ୍ରେସ ଛାଡ଼ିବା ନେଇ ଚର୍ଚ୍ଚା ହେଉଥିଲା। ଫେବୃୟାରୀ ୨୯ରେ ବଡ଼ଚଣା ମହୋତ୍ସବ ପଡ଼ିଆରେ ସେ ବଡ଼ଚଣା ପ୍ରଗତି ମଞ୍ଚ ବ୍ୟାନରରେ ଏକ ସଭା କରିଥିଲେ। ଏହି କାର୍ଯ୍ୟକ୍ରମରେ କୌଣସି ଦଳୀୟ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାର ସପ୍ତାହ ପରେ ସେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ବିଜେଡିରେ ମିଶିବା ନେଇ ଆଲୋଚନା ହେଉଛି।

## ଇରାନୀ, ଲାଲା ଶଙ୍ଖ ଧରିବା ନେଇ ଚର୍ଚ୍ଚା

ନୟାଗଡ଼,୬।୩(ଲୋକନାଥ ମିଶ୍ର)

ଭାଜପା ନେତ୍ରୀ ଇରାନୀ ରାୟ ଓ ଭାଜପାର ପୂର୍ବତନ ନୟାଗଡ଼ ଜିଲା ସଭାପତି ଲାଲା ମନୋଜ ରାୟ ଦଳୀୟ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି। ଏନେଇ ନିର୍ବାଚନ ମଣ୍ଡଳୀସ୍ତରୀୟ ଓ ରାଜ୍ୟସ୍ତରରେ ପ୍ରସ୍ତୁତି ପର୍ବ ଚାଲିଥିବା ତାଙ୍କ ସମର୍ଥକଙ୍କଠାରୁ ଶୁଣିବାକୁ ମିଳୁଛି। ୨୦୧୪ରେ ଲାଲା ମନୋଜ ରାୟ କଂଗ୍ରେସରୁ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇ ବିଜେଡିର ଅରୁଣ ସାହୁଙ୍କ ଠାରୁ ପରାସ୍ତ ହୋଇଥିଲେ। ୨୦୧୭ ମେ' ୫ରେ ଲାଲା ସ୍ତ୍ରୀ ଇରାନୀ ରାୟଙ୍କ ସହ ଭାଜପାରେ ଯୋଗଦେଇଥିଲେ। ଏ ଦୁହେଁ ଭାଜପାକୁ ଆସିବା ପରେ ସଙ୍ଗଠନକୁ ବଢ଼ାଇଥିଲେ। ୨୦୧୯ ନିର୍ବାଚନରେ ଲାଲା ପ୍ରାର୍ଥୀ ନ ହୋଇ ସ୍ତ୍ରୀ ଇରାନୀଙ୍କୁ ନୟାଗଡ ନିର୍ବାଚନ ମଣ୍ଡଳୀ ଛାଡିଥିଲେ। ଇରାନୀ ଭାଜପାରୁ ପ୍ରାର୍ଥୀ ହୋଇ ୬୮ ହଜାର ଭୋଟ ପାଇଥିଲେ। ତେବେ ୨୦୧୯ ନିର୍ବାଚନ ପରେ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ନିଜର ସଙ୍ଗଠନକୁ ବୃଦ୍ଧି କରାଇଥିଲେ। ବିଭିନ୍ନ ସମୟରେ ଭାଜପାରେ ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ବଳ କଷାକଷି ଚାଲିଥିଲା। ଉଭୟ ନେତ୍ରୀ ଭାଜପା ଟିକେଟ ପାଇବେ ବୋଲି କହି ନିଜର ସଙ୍ଗଠନ ବଢ଼ାଇ ଚାଲିଥିଲେ। ଇରାନୀଙ୍କ ଉପରେ ଭାଜପାର କେନ୍ଦ୍ରୀୟ ଓ ରାଜ୍ୟ ନେତାଙ୍କ ଆଶୀର୍ବାଦ ଥିଲା। ହେଲେ ପ୍ରତ୍ୟୁଷାଙ୍କ ସ୍ୱାମୀ ତଥା ପୂର୍ବତନ କନ୍ଧମାଳ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ଶ୍ରାଦ୍ଧବାର୍ଷିକୀରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ଯୋଗ ଦେବା ପରେ ଭାଜପା ରାଜନୀତି ବଦଳି ଯାଇଥିଲା। ଏପରି କି ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଇରାନୀ କ୍ୟାମ୍ପ ଛାଡି ପ୍ରତ୍ୟୁଷାଙ୍କ କ୍ୟାମ୍ପକୁ ଗୁରୁତ୍ୱ ଦେଇଥିଲେ। କିଛି ମାସ ପରେ ଇରାନୀଙ୍କ ସ୍ୱାମୀ ଲାଲା ମନୋଜ ରାୟଙ୍କ ହାତରୁ ଜିଲା ସଭାପତି ପଦ କାଢ଼ି ନିଆଗଲା।

ଲାଲା ଓ ଇରାନୀଙ୍କ ସମର୍ଥକଙ୍କ ସୂଚନା ଅନୁଯାୟୀ ଉଭୟଙ୍କୁ ଭାଜପା ଅଣଦେଖା କରିଛି। ଏଣୁ ଆମେ ବିଜେଡିରେ ମିଶିବାକୁ ଉଦ୍ୟମ ଜାରି ରଖିଛୁ। ଆଗାମୀ ୧୫ ତାରିଖ ଭିତରେ ଆମେ ବିଜେଡିରେ ଯୋଗ ଦେବୁ ବୋଲି ସେମାନେ କହିଛନ୍ତି। ଲାଲା ଓ ଇରାନୀଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବାରୁ ଭାଜପାର ସଙ୍ଗଠନକୁ ଏଠାରେ ଆମେ ମଜଭୁତ କରିଛୁ। ହେଲେ ଦଳ ଆମକୁ ଅଣଦେଖା କରିଛି। ଏପରିସ୍ଥଳେ ଆମେ ଦଳ ଛାଡିବା ସ୍ଥିତିରେ ନାହୁଁ। ଦଳ ପକ୍ଷରୁ ଆମକୁ ବୁଝାଶୁଝା କରାଯାଉଛି। ଯଦି ଆମକୁ ଭାଜପାରୁ ନ୍ୟାୟ ନ ମିଳେ ତେବେ କ'ଣ କରିବୁ ସେ ନେଇ ବିଚାରିବୁ ବୋଲି ଉଭୟେ କହିଛନ୍ତି।



ଇରାନୀ ରାୟ ଓ ଲାଲା ମନୋଜ ରାୟ।

## ଆଜି ବିଜେଡିରେ ସାମିଲ ହୋଇପାରନ୍ତି ବିଜୟଙ୍କ ପୁଅ

**ସମାନ୍ତରାଳ ବିଜୁ ଜୟନ୍ତୀରେ ବିଜେଡିର ଶକ୍ତି ପ୍ରଦର୍ଶନ**

ଡେରାବିଶ,୬।୩(ବେବର୍ତ୍ତା ଅଜୟ ଦାସ)

ମଙ୍ଗଳବାର ଅର୍ଥାତ୍ ମାର୍ଚ୍ଚ ୫ ଥିଲା ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ। ପାଟକୁରାରେ ସମାନ୍ତରାଳ ଭାବେ ବିଜୁ ଜୟନ୍ତୀ କରାଯିବା ସହ ବିଜେଡି ନେତାମାନେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଏହା ପାଟକୁରା ରାଜନୀତିକୁ ସରଗରମ କରିଛି। ଅନ୍ୟପକ୍ଷେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଗୁରୁବାର ବିଜେଡିରେ ଯୋଗ ଦେବେ ବୋଲି ସୂଚନା ମିଳିଛି। ନବୀନ ନିବାସଠାରେ ଦଳୀୟ ନେତାଙ୍କ ଉପସ୍ଥିତିରେ ସେ ବିଜେଡିରେ ମିଶିବେ ବୋଲି ଜଣାପଡିବା ପରେ ପାଟକୁରାରେ ରାଜନୈତିକ ଉଷ୍ମତା ଜୋର ଧରିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତ ଚଁପୁର ହାଟପଡ଼ିଆରେ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ଉତ୍ସବ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ତାଙ୍କ ପୁଅ ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ସଞ୍ଜୟ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ପାଟକୁରାରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଧାୟିକା ଆହ୍ୱାନ କରିଥିଲେ। ଏଥିସହିତ ୨୦୦୯ରୁ ପୂର୍ବତନ ବିଧାୟକ ବେଦୁବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନିର୍ମାଣର ଯୁଗ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଓ ରାଜ୍ୟର ବିକାଶ ଧାରାରେ ପାଟକୁରାକୁ ସାମିଲ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ବିଧାୟିକା ଓ ତାଙ୍କ ପୁଅ ସଞ୍ଜୟ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷେ ପୂର୍ବତନ ବିଧାୟିକ ବେଦୁବାବୁଙ୍କ ଅତ୍ୟନ୍ତ ଅନୁଗତ ଭାବେ କାମ କରୁଥିବା ତଥା ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ବିଧାୟିକା ଅଗ୍ରୱାଲଙ୍କୁ ବିରୋଧ କରିଆସୁଛନ୍ତି। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଡେରାବିଶର ଅସ୍ମିତା ଓ ପାଟକୁରାର ସ୍ୱାଭିମାନ ମଞ୍ଚର ନେତୃତ୍ୱ ନେଉଥିବା ସରୋଜ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ କୃଷକ ଭବନରେ ବିଜୁବାବୁଙ୍କ ଜୟନ୍ତୀ ଆୟୋଜନ କରିଥିଲେ। ବହୁ ଅସନ୍ତୁଷ୍ଟ ବରିଷ୍ଠ ନେତାଙ୍କୁ ନେଇ ଆୟୋଜିତ ଏହି ସମାବେଶରେ ୫ହଜାରରୁ ଊର୍ଦ୍ଧ୍ୱ ତାଙ୍କ ସମର୍ଥକ ଯୋଗଦେଇଥିଲେ। ଏହି ସମାବେଶରେ ମହିଳାଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଜୁବାବୁଙ୍କ ସ୍ୱପ୍ନ ଥିଲା। ତାକୁ ସାକାର କରିବା ପାଇଁ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥଲେ। ଶାସକ ଦଳ ପକ୍ଷରୁ ଏପରି ସମାନ୍ତରାଳ ବିଜୁ ଜୟନ୍ତୀ ପାଳନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଜୟଙ୍କ ପୁଅ ଅରବିନ୍ଦଙ୍କ ବିଜେଡିରେ ଯୋଗଦାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦୀର୍ଘଦିନ ହେବ ଅରବିନ୍ଦଙ୍କ ବିଜେଡିରେ ଯୋଗଦାନକୁ ନେଇ ହେଉଥିବା ଆଲୋଚନା ବିଷୟରେ ବିଜୟ ସ୍ପଷ୍ଟ କରି ନ ଥିଲେ। ବୁଧବାର ପାଟକୁରା ନିର୍ବାଚନ ମଣ୍ଡଳୀରୁ ବିଜୟଙ୍କ ସମର୍ଥକମାନେ ଅରବିନ୍ଦଙ୍କ ନେତୃତ୍ୱରେ ଭୁବନେଶ୍ୱର ଯିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିବା ପରେ ସବୁଠି ସେହି ଆଲୋଚନା ଚାଲିଛି।



ଅରବିନ୍ଦ ମହାପାତ୍ର।

ସୂଚନାଯୋଗ୍ୟ, ପୂର୍ବରୁ ବିଜୁବାବୁଙ୍କ ଏକାନ୍ତ ଅନୁଗତ ଥିଲେ ବିଜୟ ମହାପାତ୍ର। ବିଜୁଙ୍କ ମନ୍ତ୍ରୀମଣ୍ଡଳରେ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଥିଲେ। ହେଲେ ୨୦୦୦ ମସିହାରେ ବିଜେଡି ପକ୍ଷରୁ ତାଙ୍କୁ ଦଳୀୟ ଟିକେଟ ଦିଆଯାଇଥିଲା। ବିଧାୟକ ପ୍ରାର୍ଥୀ ଭାବେ ସେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟ୍ ପ୍ରତ୍ୟାହାର କରି ନିଆଯାଇଥିଲା। ଏହାପରେ ସେ ବିଜେଡି ସହ ସମ୍ପର୍କ ଛିନ୍ନ କରିଥିଲେ। ୨୦୦୯ ଓ ୨୦୧୯ ରେ ସେ ପାଟକୁରାରୁ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇଥିଲେ। ହେଲେ ବିଜେଡି ପ୍ରାର୍ଥୀଙ୍କଠାରୁ ସେ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନ ପରଠାରୁ ବିଜୟ ରାଜନୈତିକ କ୍ଷେତ୍ରରେ ଏକ ପ୍ରକାର ନୀରବ ରହିଥିଲେ।



ଆଶାକର୍ମୀଙ୍କ ଭତ୍ତା ବୃଦ୍ଧି ଘୋଷଣା, ୱାର୍କର ମାନ୍ୟତା ଓ ସାମାଜିକ ନିରାପତ୍ତା ଦାବିରେ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ସମାବେଶ।

# ଧନଞ୍ଜୟ ସିଂଙ୍କୁ ୭ ବର୍ଷ ଜେଲ

**ବାରାଣସୀ,୬।୩**

ପୂର୍ବତନ ଏମ୍‌ପି ତଥା ବାହୁବଳୀ ନେତା ଧନଞ୍ଜୟ ସିଂଙ୍କୁ ଏକ ଅପହରଣ,ବଟି ଆଦାୟ ଓ ଆପରାଧିକ ଷଡ଼ଯନ୍ତ୍ର ମାମଲାରେ ବୁଧବାର ୭ ବର୍ଷ ଜେଲଦଣ୍ଡ ମିଳିଛି। ଉତ୍ତର ପ୍ରଦେଶର ଯୌନପୁରସ୍ଥିତ ଏଡିଜେ-ଚତୁର୍ଥ (ଏମ୍‌ପି-ଏମ୍‌ଏଲ୍‌ଏ) କୋର୍ଟ ବିଚାରପତି ଶରଦ କୁମାର ତ୍ରିପାଠୀ ଧନଞ୍ଜୟଙ୍କ ସହ ତାଙ୍କ ଘନିଷ୍ଠ ସହଯୋଗୀ ସତୀଶ ବିକ୍ରମ ସିଂଙ୍କୁ ମଧ୍ୟ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଜରିମାନା କରାଯାଇଛି।

୨୦୨୦ ମେ’ ୧୦ ବିଳମ୍ବିତ ରାତିରେ ଧନଞ୍ଜୟ ୟୁପି ଜଳ ନିଗମର ଏକ ପ୍ରକଳ୍ପରେ କାର୍ଯ୍ୟରତ ମ୍ୟାନେଜର ଅଭିନବ ସିଂହଲଙ୍କୁ ନିଜ ଏସ୍‌ୟୁଭିରେ ବଳପୂର୍ବକ ବସାଇ ଅପହରଣ କରିନେଇଥିଲେ। ଏନେଇ ଅଭିନବ ଓ ୨୦୧୪ରୁ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଯୌନପୁର ଲାଇନ୍ ବଜାର ଥାନାରେ ଅଭିଯୋଗ କରିଥିଲେ। ଏପରି କି ଧନଞ୍ଜୟ ନିମ୍ନମାନର ବାଲି ଯୋଗାଉଥିବା ସତ୍ତ୍ୱେ ତାକୁ ମଞ୍ଜୁର କରିବା ପାଇଁ ଜଳ ନିଗମର ଅଧିକାରୀମାନଙ୍କ ଉପରେ ଚାପ ପକାଉଥିଲେ। ମେ’ ୧୧ରେ ଯୌନପୁର ପୋଲିସ ଧନଞ୍ଜୟଙ୍କ ଶାସ୍ତ୍ରୀନଗର ବାସଭବନରୁ ଦୁହିଁଙ୍କୁ ଗିରଫ କରିଥିଲା। ପରେ ଉଭୟେ ହାଇକୋର୍ଟରୁ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ଏହି ମାମଲାରେ ମଙ୍ଗଳବାର ଉଭୟେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପୂର୍ବରୁ ମିଳିଥିବା ଜାମିନକୁ କୋର୍ଟ ଖାରଜ କରିଦେବା ପରେ ଦୁହିଁଙ୍କୁ ଜିଲା ଜେଲକୁ ପଠାଇ ଦିଆଯାଇଥିଲା। ଧନଞ୍ଜୟ ଓ ବିକ୍ରମଙ୍କୁ ଶୁଣାଣି ବେଳେ କୋର୍ଟକୁ ଅଣାଯାଇଥିଲା। ଏହି ସମୟରେ ଅଦାଲତ ପରିସରରେ ଧନଞ୍ଜୟ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଧନଞ୍ଜୟ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଟିକେଟରେ ରାରି ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିଲେ।



## ନୟାଗଡ଼ ପରୀ ହତ୍ୟା ମାମଲା

# ଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

**କଟକ,୬।୩ (କାର୍ତ୍ତିକ ସାହୁ)**

ବହୁ ଚର୍ଚ୍ଚିତ ନୟାଗଡ଼ ପରୀ ହତ୍ୟା ମାମଲାର ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ନାବାଳକ ଜଣଙ୍କ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୟାଗଡ଼ ଜିଲା ଚିଲ୍ଡ୍ରେନ ଅତିରିକ୍ତ ସେସନ କୋର୍ଟ ମାମଲାର ବିଚାର କରି ୨୦ ବର୍ଷ ଦଣ୍ଡାଦେଶ ରାୟ ପ୍ରଦାନ କରିଥିଲେ।

ସୂଚନାନୁସାରେ, ୨୦୨୦ ଜୁଲାଇ ୧୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଣେ ନାବାଳିକା ହଜିଯାଇଥିଲେ। ୭ ଦିନ ପରେ ନୟାଗଡ଼ ଥାନାରେ ଏନେଇ ଏତଲା ଦିଆଯାଇଥିଲା। ୨୧ ତାରିଖରେ ଅଖାବ୍ୟାଗ୍‌ରେ ମଣିଷ ଖପୁରି, ହାଡ଼, କେଶ, ପୋଷାକ ମିଳିଲା। ଏହାକୁ ଆଧାର କରି ଡିଏନ୍‌ଏ ପରୀକ୍ଷା କରାଗଲା। ରିପୋର୍ଟ ଆସିବା ପରେ ଜଣାପଡିଲା ଯେ ହଜିଥିବା ଉକ୍ତ ନାବାଳିକାଙ୍କ ଡିଏନ୍‌ଏ ସହିତ ଏହା ମେଳ ଖାଉଛି। ପୋଲିସ ତଦନ୍ତ ଚାଲିଲା। ବହୁତ ଲୋକଙ୍କୁ ପୋଲିସ ଜେରା କଲା। କେତେଜଣ ଲୋକଙ୍କ ଅଭିଯୋଗ ହେଲା ଶାସକ ଦଳର ଲୋକେ ସମ୍ପୃକ୍ତ ତ ଆଉ କେତେକ ଅଭିଯୋଗ କଲେ ଗାଁ ଲୋକେ ସମ୍ପୃକ୍ତ। ହେଲେ ମାମଲାର ଅଗ୍ରଗତି କିଛି ହେଲା ନାହିଁ। ଏନେଇ ଲୋକଙ୍କ ଚାପ ବଢ଼ିଲା, ସ୍ଥାନୀୟ ଜଣେ ନେତାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଉଠିବାରୁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ୨୦୨୦ ନଭେମ୍ବରରେ ଗଠନ କରାଗଲା। ମାସେ ପରେ ଅର୍ଥାତ୍ ୨୦୨୦ ଡିସେମ୍ବର ୨୦ରେ ସମ୍ପୃକ୍ତ ନାବାଳକଙ୍କୁ ଏସ୍‌ଆଇଟି ଧରି ସାବାଳକ ଦର୍ଶାଇଲା। ପରେ ସେ ନାବାଳକ ବୋଲି ଜଣାଯିବାରୁ ତାଙ୍କୁ ପୋକ୍‌ସୋ କୋର୍ଟରେ ହାଜର କରାଗଲା। ଚାର୍ଜସିଟ୍ ଦାଖଲ ପରେ ମାମଲାର ବିଚାର ଚାଲିଲା। ବିଚାର ଶେଷ ହେବା ପରେ କୋର୍ଟ ୨୦ ବର୍ଷ କାରାଦଣ୍ଡ ଆଦେଶର ରାୟ ଦେଲେ। ସାକ୍ଷୀମାନେ ମୃତ ପରୀର ଗାଁ ଲୋକ। ସେମାନଙ୍କ ସାକ୍ଷ୍ୟ ଅନୁଯାୟୀ, ପରୀ ଦାଣ୍ଡରେ ଖେଳୁଥିଲା ଓ ଚାଲିଚାଲି ଅଭିଯୁକ୍ତଙ୍କ ଘରକୁ ଯାଇଥିବା ସେମାନେ ଦେଖିଥିଲେ। ପରେ ସେମାନେ ସେସବୁ ଭୁଲି ଯାଇଥିଲେ। ପୋଲିସ ତଦନ୍ତବେଳେ ସେମାନେ ଏକଥା କାହାରିକୁ କହିଲେ ନାହିଁ। ମାତ୍ର ଘଟଣାର ୬ ମାସ ପରେ ପ୍ରଥମ ଥର ପାଇଁ ସେମାନେ ଆସି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ସାକ୍ଷ୍ୟ ଦେଲେ ୬ ମାସ ତଳେ ପରୀ ନାବାଳକଙ୍କ ଘରକୁ ଯାଇଥିବା ଆମେ ଦେଖିଥିଲୁ। ଅନ୍ୟ ଜଣେ ସାକ୍ଷୀ କହିଥିଲେ, ପରୀ ହଜିବାରେ ୭ ଦିନ ପରେ ନାବାଳକ ଏକ ଖୋଳଅଖାରେ କ’ଣ ଭର୍ତ୍ତି କରି ଟେକି ନେଇଯାଉଥିବା ଦେଖିଥିଲେ। ହେଲେ ଏ ବାବଦରେ ସେ ପୂର୍ବରୁ କାହାକୁ କହି ନ ଥିଲେ। ଏ ବାବଦରେ ଗାଁରେ ବୈଠକ ବସି ଆଲୋଚନା ହୋଇଥିଲା ବୋଲି ସେମାନେ କହିଥିଲେ। ଗାଁଲୋକମାନେ ଠାକୁରଙ୍କ ପ୍ରସାଦ ଛୁଇଁ କହିଥିଲେ, ଯାହା ଜାଣିଛନ୍ତି ସତ କହିବା। ଯଦି ଜଣେ ଜାଣିଥିଲା ୬ ମାସ ଧରି କାହିଁକି ଚୁପ୍ ରହିଲା, ସେ ସ୍ଥାନୀୟ ପୋଲିସ ନିକଟରେ କହିପାରିଥାନ୍ତା। ହେଲେ ତାହା ନ କରି ଏସ୍‌ଆଇଟି ଆଗରେ ସେ ବୟାନ କାହିଁକି ଦେଲେ ତାହା ମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଅସଲ ଅଭିଯୁକ୍ତଙ୍କ ବଞ୍ଚାଇବା ପାଇଁ ଏଭଳି ଏକ ନାଟକ ରଚନା କରିଥିଲା। ନାବାଳକଙ୍କ ନିକଟରୁ ଗାମୁଛା, ଜିଆଇ ପାଇପ, ଫୋନ୍ ଜବତ କରାଯାଇଥିଲା। ଏସବୁ ବିଭିନ୍ନ ଫରେନ୍‌ସିକ ଲାବରେଟୋରିରେ ପରୀକ୍ଷା କରାଯିବା ପରେ ବି କିଛି ଫଳ ମିଳି ନ ଥିଲା। ଏହା ବ୍ୟତୀତ କୁହାଯାଉଛି ନାବାଳକ ଜଣଙ୍କ ଦୋଷ ମାନିଛନ୍ତି। ପୋଲିସ ଆଗରେ ଦୋଷ ମାନିବା, ପଲିଗ୍ରାଫ ଟେଷ୍ଟ କରି ନାବାଳକଙ୍କୁ ଦୋଷୀ କରିବା ପାଇଁ ଯଥେଷ୍ଟ ନୁହଁ। ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା ଯେ ପରୀଙ୍କୁ ନାବାଳକ ଉଠାଇନେବାବେଳେ ମୂକବଧିର ପିଲା ଦେଖିଥିଲେ। ହେଲେ ସେହି ପିଲାକୁ ତଦନ୍ତ ପରିସରଭୁକ୍ତ କରାଗଲା ନାହିଁ କାହିଁକି ବୋଲି ହାଇକୋର୍ଟ ଅପିଲରେ ଦର୍ଶାଯାଇଛି। ସେ ଦିଗରେ ତଦନ୍ତ କରାଯାଇଥିଲେ ପରୀ ତାଙ୍କ ଘରକୁ ଯିବା କଥା ମିଛ ହୋଇଥାନ୍ତା। ମୂକବଧିର ପିଲାକୁ ନେଇ ପୋଲିସର ତ୍ରୁଟିପୂର୍ଣ୍ଣ ତଦନ୍ତକୁ କୋର୍ଟ ଗ୍ରହଣ କରିନାହାନ୍ତି। ଏସବୁ ଦୃଷ୍ଟିରୁ ନୟାଗଡ଼ ଜିଲା ଚିଲ୍ଡ୍ରେନ ଅତିରିକ୍ତ ସେସନ କୋର୍ଟଙ୍କ ରାୟ ବିରୋଧରେ ନାବାଳକଙ୍କ ପକ୍ଷରୁ ହାଇକୋର୍ଟରେ ମଙ୍ଗଳବାର ଆବେଦନ କରାଯାଇଥିବା ଆଇନଜୀବୀ ମାନସ ଚାନ୍ଦ ସୂଚନା ଦେଇଛନ୍ତି।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ବିଶେଷ ବିପର୍ଯ୍ୟୟ ଭାବେ ଘୋଷଣାକଲା କେରଳ

**ଥିରୁଭାନନ୍ତପୁରମ, ୬।୩**

କେରଳରେ ଲାଗି ରହିଥିବା ମଣିଷ-ବନ୍ୟପ୍ରାଣୀ ସଂଘର୍ଷକୁ ରାଜ୍ୟର ପିନାରାୟୀ ବିଜୟନ ସରକାର ବିଶେଷ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ନିକଟରେ ବିଭିନ୍ନ ଜନବସତି ଉପରକୁ ରାଜ୍ୟରେ ବନ୍ୟଜନ୍ତୁଙ୍କ ଆକ୍ରମଣ ଯୋଗୁ ଅନେକ ପ୍ରାଣହାନି ଘଟୁଥିବାରୁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଅଧ୍ୟକ୍ଷତାରେ ବସିଥିବା

**ବନ୍ୟଜନ୍ତୁ ଆକ୍ରମଣରେ ୨ ମାସରେ ଯାଇଛି ୯ ଜୀବନ**

ରାଜ୍ୟ କ୍ୟାବିନେଟ ବୈଠକରେ ଏହି ଘୋଷଣା କରାଯାଇଛି। ଏହା ଦ୍ୱାରା ମଣିଷ-ବନ୍ୟପ୍ରାଣୀ ସଂଘର୍ଷକୁ କମାଇବାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସକ୍ରିୟ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏଥିପାଇଁ ଜିଲା ଏବଂ ସ୍ଥାନୀୟ ସ୍ତରରେ ୪ଟି କମିଟି ଗଠନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ମନ୍ତ୍ରୀ ଓ ଅଧିକାରୀମାନେ ଏହି କମିଟିରେ ସଦସ୍ୟ ରହିବା ନେଇ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ମଣିଷ-ବନ୍ୟଜନ୍ତୁ ସଂଘର୍ଷରେ ଚଳିତ ବର୍ଷ କେରଳରେ ୯ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇସାରିଛି।

**boyanika**

**EXPRESSION OF INTEREST**

No. CAD-4491

**Name of the works:**

1. Face Lifting Work of Boyanika at Baripada
2. Face Lifting Work of Boyanika at Sundargarh
3. Face Lifting Work of Boyanika at Sambalpur
4. Painting Work of Boyan Bhawan, Bhubaneswar

Please refer website www.boyanika.com for details like last date & time for submission of offers. All the information regarding EOI notice will be available in the above website from **05.03.2024.**

The authority reserves the right to accept or reject any or all the tenders without assigning any reason thereof

Sd/-
Managing Director
Boyanika

OIPR-31004/11/0083/2324

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୭୧-ଜିଆରସି-ସିଇ-ସି-ଏଚକ୍ୟୁ-୧୮-୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର(ସିଓଏନ)/ଏଚକ୍ୟୁ/ଜିଆରସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖର **୧୨.୦୦ ଘଣ୍ଟିକାରେ** ବନ୍ଦ କରିଦିଆଯିବ। **କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ:** ଦ.ପୂ. ରେଳପଥ ପାଇଁ ନାରାୟଣଗଡ଼-ଭଦ୍ରକ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ଷ୍ଟାବଲିଂ ଲାଇନ୍ ସମେତ ଜଳେଶ୍ୱର ଷ୍ଟେଶନ ୟାର୍ଡରେ ଫର୍ମେଶନରେ ମାଟିକାମ, ଷ୍ଟେଶନ ପ୍ୟାନେଲ ବିଲ୍ଡିଂ, ଗୁମ୍ଟି, ପିଡବ୍ଲ୍ୟୁଆଇ ଅଫିସ୍, ପ୍ଲାଟ୍‌ଫର୍ମ, ପିଏଫ୍ ଶେଲ୍ଟରର ନିର୍ମାଣ ଓ ଅନ୍ୟାନ୍ୟ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ। **ଆନୁମାନିକ ମୂଲ୍ୟ:** ₹୩୪.୩୦ କୋଟି; **ବିଡ୍ ଅମାନତ:** ₹୧୮,୬୫,୧୦୦/-। **ସମାପ୍ତି ଅବଧି:** ୧୪ ମାସ। **ବନ୍ଦ ହେବା ତାରିଖ:** ୨୮।୦୩।୨୦୨୪। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।" (PR-1204)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-91-23

**କାର୍ଯ୍ୟର ବିବରଣୀ:** ତିନି ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କୋଚିଂ ରକ୍ଷଣାବେକ୍ଷଣ ଡିପୋ (ପୁରୀ, ଭୁବନେଶ୍ୱର) ଠାରେ ପାୱାର କାରଗୁଡ଼ିକରେ ସଜ୍ଜିତ KOEL ଦ୍ୱାରା ନିର୍ମିତ DA ସେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅର୍ଥାତ୍ B-ଯାଞ୍ଚ, C-ଯାଞ୍ଚ, D-ଯାଞ୍ଚ ଏବଂ D2 ଅନୁସୂଚୀ ସେଟ୍ ର ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 2,28,61,761.94, EMD (₹): 2,64,300/-, ଶେଷ ହେବା ଅବଧି: 03 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.03.2024 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ଼

PR-1152/O/23-24

# ଆଖଣ୍ଡଳମଣିଙ୍କ ବିଗ୍ରହରେ ରୁପା ଛାଉଣି

**ଚାନ୍ଦବାଲି,୬।୩ (କିଷାନ ପାତ୍ର)**

ଭଦ୍ରକ ଜିଲା ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ବିଗ୍ରହରେ ରୁପା ଛାଉଣି କରାଯାଇଛି। ଭଦ୍ରକ ଗୁଜରାଟୀ ମହାସଂଘ ପକ୍ଷରୁ ୧ କୁଇଣ୍ଟାଲ ୨୬ କିଲୋ ଓଜନର ରୁପା ଅଳଙ୍କାର ମଙ୍ଗଳବାର ଦାନ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। କୋଲକାତାର ଦୁର୍ଗାପୁରଠାରେ ୫ ମାସ ଧରି ରୁପା କାରିଗରଙ୍କ ଦ୍ୱାରା ନିର୍ମାଣ କରାଯିବା ପରେ ପୀଠରେ ପହଞ୍ଚିଥିଲା। ଆସନ୍ତା ଶୁକ୍ରବାର ଜାଗର ଯାତ୍ରା ଥିବାରୁ ମୁକ୍ତିମଣ୍ଡପରେ ବ୍ରାହ୍ମଣଙ୍କ ପକ୍ଷରୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମନ୍ଦିର ଗମ୍ଭୀରା ଗୃହକୁ ନିଆଯାଇ ବାବାଙ୍କ ପାଖରେ ଲାଗି କରାଯାଇଥିଲା।



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ମୈତ୍ରୀ ବିହାର ଶାଖାର** ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ମୈତ୍ରୀ ବିହାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ମଧୁସ୍ମିତା ପ୍ରିୟଦର୍ଶନୀ ପଣ୍ଡା,** ସା: ପ୍ଲଟ୍ ନଂ.: ୨୪, ନିଉ ଏୟାରପୋର୍ଟ ରୋଡ୍, ଭୀମପୁର, ଭୁବନେଶ୍ୱର-୭୫୧୦୦୧ **/ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଭାକର ପଣ୍ଡା,** ପିତା: ଗନ୍ଧର୍ବ ପଣ୍ଡା, ସା: ବାଲି ସାହି, ପଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା-୭୫୪୨୧୫ | ୩୦.୧୧.୨୦୨୩ ସୁଦ୍ଧା ଟ.୨୪,୭୬,୭୭୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ସମସ୍ତ ସମ୍ପତ୍ତି ଯଥା: ଚଳନ୍ତି ସମ୍ପତ୍ତି ସହିତ ଷ୍ଟକ୍, ବୁକ୍ ଡେବ୍ଟ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର ଓ ସ୍ପେୟାର୍ସ ଏବଂ ବନ୍ଧକପ୍ରାପ୍ତ କଳକବ୍ଜା ଓ ଯନ୍ତ୍ରପାତି ଆଦି ଅସ୍ଥାବର ସମ୍ପତ୍ତି, ୨) ଜମି ଏବଂ ଗୃହ ଯାହାର ହାଉସ୍ ନଂ.: ସି-୨୭, ଖତିଆନ ନଂ.: ୨୪୦/୮୪୯, ଆନନ୍ଦ ନଗର, ଜାଭିୟର ୟୁନିଭରସିଟି ନିକଟ, ନିଜଗଡ କୁରୁକି, ହରିରାଜପୁର, ପିପିଲି, ପୁରୀ, ଜମିର କ୍ଷେତ୍ର: ୧୨୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ହାଉସ୍ ନଂ.: ସି-୨୦, ଦକ୍ଷିଣ: ରାସ୍ତା, ପୂର୍ବ: ହାଉସ୍ ନଂ.: ସି-୨୬, ପଶ୍ଚିମ: ହାଉସ୍ ନଂ.: ସି-୨୮ | ୧୯.୧୨.୨୦୨୩ / ୧୫.୦୨.୨୦୨୪ |

ଆପଣ ଆମର **ମୈତ୍ରୀ ବିହାର ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଛି । ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ କୌଣସି ପ୍ରକାରରେ ବିକ୍ରି, ଲିଜ୍ ଆଦି ମାଧ୍ୟମରେ ବ୍ୟାଙ୍କର କୌଣସି ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏଣୁ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ ହେବ । ଏହି ନୋଟିସ୍ ବ୍ୟାଙ୍କ ତରଫରୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୬.୦୩.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ବେଙ୍ଗାଲୁରୁ ବିସ୍ଫୋରଣ: ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ

**ବେଙ୍ଗାଲୁରୁ, ୬।୩**

ଗତ ସପ୍ତାହରେ ବେଙ୍ଗାଲୁରୁର ରାମେଶ୍ୱର କାଫେରେ ହୋଇଥିବା ଆଇଇଡି ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତର ସୂଚନା ଦେବା ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଏହା ସହ ସାମାଜିକ ଗଣମାଧ୍ୟମରେ ଉକ୍ତ ଅଭିଯୁକ୍ତର ଫଟୋକୁ ଏନ୍‌ଆଇଏ ଜାରି କରିଛି। ତେବେ ଅଭିଯୁକ୍ତର ସୂଚନା ଦେଉଥିବା ବ୍ୟକ୍ତିର ପରିଚୟକୁ ଗୋପନ ରଖିବାକୁ ଏନ୍‌ଆଇଏ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଚଳିତ ଶୁକ୍ରବାର ଏହି ବିସ୍ଫୋରଣ ଘଟିବା ପରେ ବେଙ୍ଗାଲୁରୁ ପୋଲିସ ପକ୍ଷରୁ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ) ଓ ବିସ୍ଫୋରକ ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ତେବେ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ଆଇଜିପି ସନ୍ତୋଷ ରସ୍ତୋଗିଙ୍କ ନେତୃତ୍ୱରେ ଏନ୍‌ଆଇଏ ଏହି ବିସ୍ଫୋରଣର ତଦନ୍ତ କରୁଛି।

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**

always with U

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି
ସା/ପୋ.: ପିପିଲି, ଜିଲ୍ଲା: ପୁରୀ, ଫୋନ୍: ୦୬୭୫୮-୨୪୦୭୫୦ / ୨୪୦୪୫୩

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩(୧୨)ର ରୁଲ୍ ୩ ଅନୁଯାୟୀ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଓ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪)ର ରୁଲ୍ ୮ ଅନୁଯାୟୀ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସହମତି କ୍ରମେ ସେବାବଦ ସୁଧ ଓ ଦେୟ ଇତ୍ୟାଦି ଏବଂ ଡିମାଣ୍ଡ ନୋଟିସ୍ ଜାରି ପରେ ପରିଶୋଧ ରାଶି ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ଦଖଲ ତାରିଖ ସୁଦ୍ଧା ନିମ୍ନରେ ଦର୍ଶାଯାଇଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ ନଂ. / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ /ଦଖଲ ନୋଟିସ୍ ତାରିଖ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ |
|---|---|---|---|
| **ବାଲିଗୁଆଳି ଶାଖା/** ଆକାଉଣ୍ଟ ନଂ.: ଟର୍ମ ଲୋନ (ଏମ୍‌ଏଲ୍) ୦୦୦୮୧୩୦୦୮୦୦୦୦୦୪ / ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀମତୀ ଲକ୍ଷ୍ମୀ ଦେଇ,** ସ୍ୱାମୀ: ସ୍ୱ ଗଙ୍ଗାଧର ନାୟକ / ଋଣଗ୍ରହୀତା: **ଗଙ୍ଗାଧର ନାୟକ,** ପିତା: ସ୍ୱ ବାଞ୍ଛାନିଧୀ ନାୟକ / ଗ୍ୟାରେଣ୍ଟିଦାତା: ୧) **ଶ୍ରୀ ରଞ୍ଜିତ ନାୟକ,** ପିତା: ନଟବର ନାୟକ, ୨) **ଶ୍ରୀ ସୁଧାକର ସାହୁ,** ପିତା: ରତ୍ନାକର ସାହୁ, ସମସ୍ତଙ୍କ ଠିକଣା- ସା: କୁମୁଟିପାଟଣା, ପୋ: ସର୍ବୋଦୟ ନଗର, ଭାୟା: କୁମ୍ଭାରପଡା, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ | **ଶ୍ରୀମତୀ ଲକ୍ଷ୍ମୀ ଦେଇଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରୀ ଜମି ଯାହାର ମୌଜା: କୁମୁଟିପାଟଣା, ଖାତା ନଂ.: ୨୦୦/୩୦୪, ପ୍ଲଟ୍ ନଂ.: ୨୧୭/୩୨୧, କ୍ଷେତ୍ର: ଏକର୦.୦୧୬ ଡ଼ିସିମିଲି | ୨୬.୧୦.୨୦୨୩ ସୁଦ୍ଧା ଟ.୬,୪୦,୫୬୩/- / ୦୮.୦୨.୨୦୨୪ ସୁଦ୍ଧା ଟ. ୬,୫୧,୪୮୯.୭୯ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୩୧.୧୦.୨୦୨୩ / ୦୫.୦୩.୨୦୨୪ |
| **ପୁରୀ ଶାଖା/** ଆକାଉଣ୍ଟ ନଂ.: (ସିସି) ୦୦୮୫୧୪୦୦୧୦୦୦୦୦୧ / ଋଣଗ୍ରହୀତା: **ଅଜୟ କୁମାର ବିଶ୍ୱାଳ,** ପିତା: କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସା: କରାଟି ସାହି (ବ୍ୟାଙ୍କ ଲେନ୍), ଦୋଳମଣ୍ଡପ ସାହି, ପୋ: ପୁରୀ-୧, ଜିଲ୍ଲା: ପୁରୀ / ଗ୍ୟାରେଣ୍ଟିଦାତାମାନେ: ୧) **ପ୍ରଫୁଲ ଚନ୍ଦ୍ର ସ୍ୱାଇଁ,** ପିତା: କୁଳମଣି ସ୍ୱାଇଁ, ସା: ବାଲିପାଟଣା, ପୋ: ବାଲିଗୁଆଳି, ଜିଲ୍ଲା: ପୁରୀ, ୨) **କୃଷ୍ଣ ଚନ୍ଦ୍ର ବିଶ୍ୱାଳ,** ପିତା: ବାଞ୍ଛାନିଧି ବିଶ୍ୱାଳ, ସା: କରାଟି ସାହି (ବ୍ୟାଙ୍କ ଲେନ୍), ଦୋଳମଣ୍ଡପ ସାହି, ପୋ: ପୁରୀ-୧, ଜିଲ୍ଲା: ପୁରୀ, ୩) **ବାଞ୍ଛାନିଧି ବିଶ୍ୱାଳ,** ପିତା: ଗୋପି ବିଶ୍ୱାଳ, ସା: କରାଟି ସାହି (ବ୍ୟାଙ୍କ ଲେନ୍), ଦୋଳମଣ୍ଡପ ସାହି, ପୋ: ପୁରୀ-୧, ଜିଲ୍ଲା: ପୁରୀ | **ଅଜୟ କୁମାର ବିଶ୍ୱାଳଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁରୀ ଟାଉନ୍, ୟୁନିଟ୍ -୧୭, ଦୋଳମଣ୍ଡପ ସାହି, ଖାତା ନଂ.: ୪୭୨, ପ୍ଲଟ୍ ନଂ.: ୭୦୭, କ୍ଷେତ୍ର: ଏକର ୦.୦୦୯ ଡ଼ିସିମିଲି | ୩୧.୦୮.୨୦୧୮ ସୁଦ୍ଧା ଟ.୧,୫୨,୫୨୩/-/ ୦୨.୦୩.୨୦୨୪ ସୁଦ୍ଧା ଟ.୨,୬୦,୧୫୫/- / + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୦୩.୦୯.୨୦୧୮ / ୦୫.୦୩.୨୦୨୪ |

ସ୍ଥାନ: ପିପିଲି
ତାରିଖ: ୦୬.୦୩.୨୦୨୪

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



ସମସ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରିବା ସମେତ ବିଭିନ୍ନ ଦାବିରେ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ସଂକ୍ଷେପରେ**

## ବିଭିନ୍ନ ମାମଲାରେ ୪ କୋର୍ଟ ଚାଲାଣ

ନୟାହାଟ,୬।୩
(ମହମ୍ମଦ ସମସୁଲ ଆରଫିନ)

ନୟାହାଟ ଫାଣ୍ଡି ଅଞ୍ଚଳରେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବଣହରା ଗ୍ରାମର ଶମ୍ଭୁ ସେଠୀ, ମୁରୁଡ଼ା ଗ୍ରାମର ସୁଶାନ୍ତ ରାଉତ, କରମଙ୍ଗା ଗ୍ରାମର ବେଣୁଧର ବେହେରା ଓ କଦମ୍ବ ପାଟଣା ଗ୍ରାମର ଟୁକୁନା ପାତ୍ର। ଜମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଜଣେ ମହିଳାଙ୍କ ଘରେ ପଶି ଅଶ୍ଳୀଳ ଅଙ୍ଗିତ କରିବା ଅଭିଯୋଗରେ ପୋଲିସ ଶମ୍ଭୁଙ୍କ ନାମରେ ୨୬/୨୪ରେ ମାମଲା ରୁଜୁ କରିଥିଲା। ସୁଶାନ୍ତ ତାଙ୍କ ବୋହୂଙ୍କୁ ଅଶ୍ଳୀଳ ଅଙ୍ଗିତ କରିବା ଅଭିଯୋଗରେ ପୋଲିସ ୮୫/୨୪ରେ ମାମଲା ରୁଜୁ କରି ଗିରଫ କରିଥିଲା। ବେଣୁଧରଙ୍କ ଲଙ୍କାଗଛକୁ ଛେଳି ଖାଇଯିବାରୁ ସେ ତାଙ୍କ ଭାଉଜଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଟୁକୁନା ଗ୍ରାମର ଶିବ ସ୍ୱାଇଁଙ୍କଠାରୁ ୩ ହଜାର ଟଙ୍କା ଛଡ଼ାଇ ନେବା ଓ ତାଙ୍କ ମୋବାଇଲ ଭାଙ୍ଗିବା ଅଭିଯୋଗରେ ଗୋପ ପୋଲିସ ୯୫/୨୪ରେ ମାମଲା ରୁଜୁ କରିଥିଲା।

## ଖବରଦାତାଙ୍କୁ ପେନସନ ଦିଅନ୍ତୁ ସରକାର

ପୁରୀ, ୬।୩(ଅଜିତ୍ ମହାନ୍ତି)

ସିନିୟର ଜର୍ନାଲିଷ୍ଟ ଆସୋସିଏସନ ଓଡ଼ିଶା, ପୁରୀ ଶାଖା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖବରଦାତାଙ୍କୁ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ ତଥା ୬୦ବର୍ଷରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ ମାସିକ ପେନସନ ପାଇଁ ଦାବି କରାଯାଇଛି। ପୂର୍ବରୁ ସଂଘ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା। ପୂର୍ବରୁ ୨୧ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଖବରଦାତାଙ୍କ ନିମନ୍ତେ ପେନସନ ଲାଗୁ ହୋଇଥିବାବେଳେ ଖବରଦାତାଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଇଛି। ନିକଟରେ ମଧ୍ୟପ୍ରଦେଶ ସରକାର ଖବରଦାତାଙ୍କ ପେନସନ ବୃଦ୍ଧି କରିଛନ୍ତି। ଛତିଶଗଡ଼ ଓ ତେଲଙ୍ଗାନା ଭଳି ନବଗଠିତ ରାଜ୍ୟ ମଧ୍ୟ ଖବରଦାତାଙ୍କ ପାଇଁ ପେନସନ ଓ ସୁରକ୍ଷା ଆଇନ ଲାଗୁକରିଥିବା ବେଳେ ଓଡ଼ିଶା ସରକାର ଏଭଳି ସୁବିଧା ସୁଯୋଗ ଦେଇନାହାନ୍ତି। ମଜୁରୀ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ ବେତନ ମଧ୍ୟ ରାଜ୍ୟରେ କାର୍ଯ୍ୟକାରୀ ହୋଇନାହିଁ। ଫଳତଃ ଅଧିକାଂଶ ବରିଷ୍ଠ ଖବରଦାତା ପରିଣତ ବୟସରେ ଦୁଃଖଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ସରୋଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସଙ୍ଗଠକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଅଶୋକ କୁମାର ମିଶ୍ର, ପ୍ରଦୀପ କୁମାର ନାୟକ, ଜୁପିଟର ଦାସ ଓ ସଞ୍ଜୟ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାମାନେ ପ୍ରଗତିର କର୍ଣ୍ଣଧାର

ପୁରୀ, ୬।୩ (ଅଜିତ ମହାନ୍ତି)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ମହିଳାମାନେ ସମାଜ ପ୍ରଗତିର କର୍ଣ୍ଣଧାର। ଆଜିର ସମୟରେ ସାମାଜିକ, ଦେଶର ସୁରକ୍ଷା ଏବଂ ଅର୍ଥନୈତିକ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଓ ଯୋଗଦାନ ଉତ୍ସାହଜନକ ବୋଲି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା କହିଛନ୍ତି। ବୁଧବାର ସଂସ୍କୃତି ଭବନରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେହେରା ଯୋଗଦେଇ କହିଥିଲେ, ମହିଳାମାନେ ଦୁର୍ବଳ ବା ଅସହାୟ ନୁହନ୍ତି। ଆଜିର ସମୟରେ ମହିଳାମାନେ ଦେଶ ଶାସନଠାରୁ ଆରମ୍ଭକରି ଦେଶ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ପାରଦର୍ଶିତା ଦେଖାଇଛନ୍ତି। ଆମ ଓଡ଼ିଶା ମାଟିରେ ଝିଅ ରାଷ୍ଟ୍ରପତି ହେବା ଏହାର ଗୌରବକୁ ବୃଦ୍ଧି କରିଛି ବୋଲି ବେହେରା କହିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ୍‌ଓ ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିପିଏଚ୍‌ସିଓ ରବିନ୍ଦ୍ର କୁମାର ପ୍ରଧାନ ପ୍ରଧାନ ପ୍ରମୁଖଯୋଗ ଦେଇ କହିଥିଲେ, ମହିଳାଙ୍କୁ ଉପଯୁକ୍ତ ସମ୍ମାନ ନ ଦେଲେ ଓ ସେମାନଙ୍କ ପ୍ରତିଭାର ବିକାଶ ନ ଘଟିଲେ ସମାଜ ଦୁର୍ବଳ ହୋଇଯିବ। ସେମାନଙ୍କ ସାମଗ୍ରିକ ବିକାଶ ଆଜିର ଦିବସର ସଂକଳ୍ପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସଭାପତିତ୍ୱ କରିବା ସହ ଜିଲାରେ ମହିଳାମାନଙ୍କ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ, ବ୍ୟକ୍ତିବିଶେଷ, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ସହାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ। ପୋଷଣ ଜିଲା ସଂଯୋଜିକା ସସ୍ମିତା କର୍ମକାର ଏବଂ ଡିପିସି ସହଯୋଗ କରିଥିଲେ।


ବିଶ୍ୱମ୍ଭର ବିଦ୍ୟାପୀଠ ପକ୍ଷରୁ ବାହାରିଥିବା ପ୍ଲାଷ୍ଟିକମୁକ୍ତ ପରିକ୍ରମା ଶୋଭାଯାତ୍ରା।

## ପ୍ଲାଷ୍ଟିକମୁକ୍ତ ପରିକ୍ରମା ଶୋଭାଯାତ୍ରା

ପୁରୀ,୬।୩ (ଅଜିତ ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠର ଏନ୍‌ସିସି, ଇକୋ କ୍ଲବ, ଶକ୍ତି କ୍ଲବ, ସ୍କାଉଟ୍ ଏବଂ ଗାଇଡ ଛାତ୍ରୀଛାତ୍ରଙ୍କୁ ନେଇ 'ପ୍ଲାଷ୍ଟିକମୁକ୍ତ ପରିକ୍ରମା ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ପ୍ଲାଷ୍ଟିକର ବ୍ୟବହାର ବଢ଼ି ଚାଲିଛି, ଯାହା ଦ୍ୱାରା ଆମ ପରିବେଶ ଦୂଷିତ ହେବା ସହିତ ବିଭିନ୍ନ ରୋଗ ବ୍ୟାପୁଛି। ମାଟିରେ ପ୍ଲାଷ୍ଟିକ ସହଜରେ ମିଶି ପାରେନି। ତେଣୁ ପ୍ଲାଷ୍ଟିକ ବଦଳରେ ଆମେ କ'ଣ ସବୁ ବ୍ୟବହାର କରିପାରିବା ସେହି ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ଲାଷ୍ଟିକ ବ୍ୟବହାର ବିଷୟରେ ଜନସଚେତନତା ସୃଷ୍ଟି ସହ ଶ୍ରୀମନ୍ଦିର ପରିକ୍ରମାକୁ ପ୍ଲାଷ୍ଟିକମୁକ୍ତ ଓ ସ୍ୱଚ୍ଛ ରଖିବା। ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରତାପ କୁମାର ସାହୁ, ସୁଶାନ୍ତ କୁମାର ପ୍ରଧାନ, ଏସ୍.କେ.ସେରତୁଲ୍ଲା, ଅଭୟ ସାହୁ, ଆଶିଷ କୁମାର ଜେନା ଏବଂ ବିଶ୍ୱଜିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଡିଆ ଏକାଦଶକୁ ହରାଇଲା ମହାବୀର ଲିଜେଣ୍ଡସ୍

ପୁରୀ, ୬।୩(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲୁଥିବା ୧୧ତମ ମହାବୀର ଟ୍ରଫି ଟୁର୍ନାମେଣ୍ଟରେ ବୁଧବାର ଏକ ବନ୍ଧୁତାପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀ ମ୍ୟାଚ୍ ମହାବୀର ଲିଜେଣ୍ଡସ ବନାମ ମିଡ଼ିଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ମିଡ଼ିଆ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୬୦ ରନ କରିଥିଲା। ଦଳ ପକ୍ଷରୁ ସୁମନ୍ତ ପରିଡା ୩୩ ଏବଂ ଶିବପ୍ରସାଦ ୩୭ବଲରୁ ୭୨ରନ କରିଥିଲେ। ଜବାବରେ ମହାବୀର ଲିଜେଣ୍ଡ ୩ ୱିକେଟ ହରାଇ ୨୦ଓଭରରେ ବିଜୟଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ କ୍ଷୀରୋଦ ମିଶ୍ର ୬୨ ରନ ଏବଂ ତପନ ବାରିକ ୪୭ ରନ କରିଥିଲେ। କ୍ଷୀରୋଦ ମିଶ୍ର ଏବଂ ତପନ ବାରିକ ଯୁଗ୍ମ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମିଡ଼ିଆ ଏକାଦଶର ଶିବ ପ୍ରସାଦଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ସତ୍ୟସାଗର ଦାଶ ଏବଂ ସୌମ୍ୟ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିଲେ।

## ଆଇଟିଆଇ ପୁରୀ- ୟୁନାଇଟେଡ୍ ସ୍ପିରିଟ୍ ଲିମିଟେଡ୍ ମଧ୍ୟରେ ଏମ୍‌ଓୟୁ

ପୁରୀ, ୬।୩ (ଅଜିତ ମହାନ୍ତି)

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପୁରୀ ଏବଂ ୟୁନାଇଟେଡ୍ ସ୍ପିରିଟ୍ ଲିମିଟେଡ୍ ନିମାପଡା ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ବୁଧବାର ପୁରୀ ଜିଲା ଦକ୍ଷତା ଓ ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ସରକାରୀ ଆଇଟିଆଇ ପୁରୀର ଅଧକ୍ଷ ଇଂ. ଅରୋବିନ୍ଦ ଘୋଷ ଏବଂ ୟୁନାଇଟେଡ୍ ସ୍ପିରିଟ ଲିମିଟେଡ୍‌ର ମୁଖ୍ୟ ଅନିର୍ବାଣ ଚକ୍ରବର୍ତ୍ତୀ, ଏଚ.ଆର୍ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ହୋଇ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଏମ୍‌ଓୟୁ ବର୍ତ୍ତମାନର ଶିଳ୍ପ ଆବଶ୍ୟକତା ଅନୁଯାୟୀ, ଆଇଟିଆଇରେ ଦକ୍ଷତା ବିକାଶ କାର୍ଯ୍ୟକଳାପରେ ମିଳିତ ଭାବେ କାର୍ଯ୍ୟ କରିବା ଏବଂ ସହଯୋଗ କରିବା ପାଇଁ ଉଦ୍ଦିଷ୍ଟ। ଏହି ଏମଓୟୁ ଛାତ୍ରଙ୍କୁ ଅନସାଇଟ୍ ଟ୍ରେନିଂ, ଇଣ୍ଡଷ୍ଟ୍ରିଆଲ୍ ଭିଜିଟ୍, ଅନ୍-ଜବ୍ ଟ୍ରେନିଂ ଏବଂ ଆଇଟିଆଇ ପୁରୀର ଟ୍ରେନିଙ୍କ ପାଇଁ ଇଣ୍ଡଷ୍ଟ୍ରିଆଲ୍ ଆପ୍ରେଣ୍ଟିସିପ୍ କରିବାରେ ସାହାଯ୍ୟ କରିବ। ଅଧିକନ୍ତୁ, ଏହି ଏମ୍‌ଓୟୁ ପରିସରରେ ଇଲେକ୍ଟ୍ରିକାଲ୍ ଓ ଫିଟର୍ ଟ୍ରେଡ୍ କ୍ଷେତ୍ରରେ ସାମ୍ପ୍ରତିକ ଧାରା ଏବଂ ଭବିଷ୍ୟତର ଟେକ୍ନୋଲୋଜି ବିଷୟରେ ସେମିନାର୍, ୱେବିନାର୍ ଓ କର୍ମଶାଳା ଅନ୍ତର୍ଭୁକ୍ତ ରହିଛି। ଏହି ଏମ୍‌ଓୟୁ ଅଧୀନରେ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ପୁରୀ ଏବଂ ୟୁନାଇଟେଡ୍ ସ୍ପିରିଟ ଲିମିଟେଡ୍ ମାନବ ସମ୍ବଳ ଓ ବିକାଶଶୀଳ ଦକ୍ଷତା ଆବଶ୍ୟକତାକୁ ଚିହ୍ନଟ କରିବା ଏବଂ ପ୍ରଯୁକ୍ତି ତାଲିମ କାର୍ଯ୍ୟକ୍ରମର ବିକାଶ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ। ୟୁନାଇଟେଡ୍ ସ୍ପିରିଟ ଲିମିଟେଡ୍ ଉଲ୍ଲିଖିତ ପରିସର ଅନୁଯାୟୀ ବିଭିନ୍ନ ଇଭେଣ୍ଟ ସଂଗଠିତ କରିବ ଏବଂ ଟ୍ରେନିମାନଙ୍କ ଏକାଡେମିକ୍ ବିକାଶ ପାଇଁ ଅନୁଷ୍ଠାନ ସହିତ ଜଡ଼ିତ ହେବ।

## ମୁଖ୍ୟମନ୍ତ୍ରୀ ପ୍ରଶଂସାପତ୍ର ବଣ୍ଟନ

କଣାସ,୬।୩ (ବିଭୂତି ଭୂଷଣ ତ୍ରିପାଠୀ)/ପିପିଲି (ଦୁର୍ଗା ମାଧବ ମିଶ୍ର)

କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଆଲୁମ୍ନି ସଭାପତି ଇତିଶ୍ରୀ ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୁରାତନ ଛାତ୍ରୀ ଜ୍ୟୋସ୍ନାରାଣୀ ମାନସିଂ, ଭକ୍ତିପ୍ରିୟା ରଥ, କୁନି ପରିଡ଼ା, ମିନତି ପୃଷ୍ଟି, ଖୁକୁ ମାଝୀ, ପୂଜା ଭୁଜବଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ପ୍ରଶଂସାପତ୍ର ପୁରାତନ ଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମମତାରାଣୀ ସାହୁ, ଅର୍ଚ୍ଚନା ପୁରୋହିତ, ଚମ୍ପାମଣି ପ୍ରଧାନ, ଜ୍ୟୋସ୍ନାରାଣୀ ପ୍ରହରାଜ, ତନ୍ଦ୍ରାବତୀ ପଟ୍ଟନାୟକ, ବନଲତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପିପିଲି ବ୍ଲକ ଗୋବିନ୍ଦପୁର କ୍ଲଷ୍ଟର ସଙ୍ଗଠାଇ ଶାସନ ନୀଳକଣ୍ଠ, ଗୋବିନ୍ଦପୁର, ହରିଅନ୍ତା, ଆରୁହା, ଶିଉଳା, କଣ୍ଟାପଡ଼ା, ତଳଉ, କୁଞ୍ଜର, ଅଡଙ୍ଗପଡା ଆଦି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ସିସି ଚିନ୍ତାମଣି ଓଝା ତତ୍ତ୍ୱାବଧାନ କରିଥିଲେ। ଏଥିରେ ଆଲୁମ୍ନି, ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ପ୍ରଶଂସା ପତ୍ର ସମସ୍ତଙ୍କୁ ବିତରଣ କରାଯାଇଥିଲା।

## ସ୍ୱାମୀଙ୍କୁ ଆକ୍ରମଣ, ଝିଅଙ୍କୁ ଅସଦାଚରଣ ଅଭିଯୋଗ

ପିପିଲି,୬।୩(ପ୍ରଭାତ ମହାପାତ୍ର): ବିବାଦୀୟ ଜାଗାରୁ ନଡ଼ିଆ ତୋଳାକୁ କେନ୍ଦ୍ର କରି ଏକ ପରିବାରର ସ୍ୱାମୀଙ୍କୁ ଆକ୍ରମଣ ଓ ୨ ଝିଅଙ୍କୁ ଅସଦାଚରଣ ସହ ମରଣାନ୍ତକ ଆକ୍ରମଣ ହୋଇଥିବା ପିପିଲି ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଝିଅର ମୁଣ୍ଡ ଫାଟି ଯାଇଛି। ସେପଟେ ଅଭିଯୁକ୍ତଙ୍କ ପକ୍ଷରୁ ପାଲଟା ଅଭିଯୋଗର ଶିକାର ହୋଇଛନ୍ତି ପୀଡ଼ିତ ପରିବାର। ଏନେଇ ପୋଲିସ ଉଭୟ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ଦୀପକ ଖଣ୍ଡାୟତରାୟ କହିଛନ୍ତି। ଏହି ଘଟଣା ପିପିଲି ଦାଣ୍ଡମୁକୁନ୍ଦପୁର ନିକଟ ଦଶବାଟି ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ସରୋଜିନୀ ଦାସଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଜମି ଜାଲିଆତି ଓ ଜବରଦଖଲ ଅଭିଯୋଗରେ ଭୁବନେଶ୍ୱରରେ ରହୁଥିବା ମାନସୀ ପଟ୍ଟନାୟକଙ୍କ ସହ ତାଙ୍କର କଳହ ଲାଗି ରହିଥିଲା। ମାନସୀ ଉକ୍ତ ବିବାଦୀୟ ଜମିରେ କିଛି ଖଳ ପ୍ରକୃତିର ଲୋକଙ୍କୁ ନେଇ ସରୋଜିନୀଙ୍କ ଘର ପାଖରେ ପାଚେରି ନିର୍ମାଣ କରିଥିଲେ। ଗତ ସୋମବାର ସରୋଜିନୀଙ୍କ ଘର ପାଖ ନଡ଼ିଆ ଗଛରୁ ଉକ୍ତ ଖଳ ଲୋକେ ନଡ଼ିଆ ପାରୁଥିଲେ। ଏହି ସମୟରେ ଏକ ନଡ଼ିଆ ସରୋଜିନୀଙ୍କ ବେକ ପାଖରେ ପଡ଼ିବାରୁ ସେ ଗୁରୁତର ଆହତ ହେଇଥିଲେ। ଏହାକୁ ନେଇ ସରୋଜିନୀଙ୍କ ସହ ଉକ୍ତ ବ୍ୟକ୍ତିଙ୍କ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ଉକ୍ତ ଖଳ ପ୍ରକୃତିର ଲୋକେ ମଙ୍ଗଳବାର ସରୋଜିନୀଙ୍କ ଘରେ ପଶି ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା, ତାଙ୍କ ୨ ଝିଅଙ୍କୁ ଅସଦାଚରଣ ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଥାନାରୁ ନ୍ୟାୟ ନ ମିଳିଲେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବେ ବୋଲି ସରୋଜିନୀ କହିଛନ୍ତି।

## ଦ୍ୱିତୀୟ କଲ୍ୟାଣମଣ୍ଡପ ପାଇଁ ଶିଳାନ୍ୟାସ କଲେ ମନ୍ତ୍ରୀ


କଲ୍ୟାଣ ମଣ୍ଡପ ଶିଳାନ୍ୟାସ ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

କୋଣାର୍କ,୬।୩ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି ପକ୍ଷରୁ ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଦ୍ୱିତୀୟ ବହୁମୁଖୀ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ବୁଧବାର ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ହୋର ଶିଳାନ୍ୟାସ କରିଛନ୍ତି। ନିଷ୍ପତ୍ତି ନିଆଯାଇ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ପଶ୍ଚିମ ଓଡ଼ିଶାର ହାନସ ନାମକ ଏକ କମ୍ପାନୀକୁ ଠିକାଦାର ଭାବେ ନିଯୁକ୍ତି ଦିଆଯାଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମ ଧଳ, ଯୁବ କାଉନସିଲର ସମୟ ରଞ୍ଜନ ସାହୁ, ବରିଷ୍ଠ ସାମାଜିକ କର୍ମୀ ବିଜୟ ଦାସଙ୍କ ସମେତ ବିଜେଡି କାଉନସିଲର ଓ କର୍ମୀ ଉପସ୍ଥିତ ଥିଲେ। କୋଣାର୍କ ଏନ୍‌ଏସିକୁ ଖାତା ନଂ. ୪୧୫ ପ୍ଲଟ ନମ୍ବର ୧୬୦୪ ସମୁଦାୟ ୯୪ ଏକର-୫୦ ଡିସିମିଲରୁ ଏକର ୧. ୫୦ ଡିସିମିଲି କଲ୍ୟାଣମଣ୍ଡପ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି।

**ସଂକ୍ଷେପରେ**

## ରାତି ୩ରେ ଉଠିବ ମହାଦୀପ

ପୁରୀ, ୬।୩ (ଅଜିତ୍ ମହାନ୍ତି)

ଶ୍ରୀଲୋକନାଥ ପୀଠରେ ଗୁରୁବାର ରାତ୍ର ୧୨.୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟ ପୂଜା ହେବ। ଶୁକ୍ରବାର ଜାଗର ଅବସରରେ ଭୋର ୪ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର ୧୦ରୁ ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତିକାନ୍ତି, ରାତି ୩ଟାରେ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି। ପଙ୍କୋଦ୍ଧାର ଏକାଦଶୀ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ଜାଗର ଯାତ୍ରା ପାଇଁ ମଧ୍ୟ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ହେବ। ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ, ବ୍ୟାରିକେଡ, ପାର୍କିଂ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସୂଚନାକେନ୍ଦ୍ର ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

## ଦୁର୍ନୀତି ସଂଘର୍ଷ ମଞ୍ଚର ନୂତନ କର୍ମକର୍ତ୍ତା

ସାକ୍ଷୀଗୋପାଳ,୬।୩ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପୁରୀ ଜିଲା ସତ୍ୟବାଦୀ ଶାଖାର ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ ନିମନ୍ତେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିରେନ୍ଦ୍ର ଭୂଷଣ ହୋତା, ଉପସଭାପତି ବାଳକୃଷ୍ଣ ମହାପାତ୍ର ଓ ଦେବେନ୍ଦ୍ର ମହାପାତ୍ର, ସମ୍ପାଦକ ନଟବର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ବସନ୍ତ ରାଉତ ଓ କୋଷାଧକ୍ଷ ସୁରେନ୍ଦ୍ର ସାହୁ, ଯୁବମୋର୍ଚ୍ଚା ସଂଯୋଜକ ଶରତ ମାଝୀ, ମହିଳା ମୋର୍ଚ୍ଚା ସଂଯୋଜିକା ସ୍ୱର୍ଣ୍ଣଲତା ନାୟକ, କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ବିପିନ ପରିଡ଼ା, ଶେଖର ଗୁରୁ, ଛବି ପ୍ରଧାନ ମନୋନୀତ ହୋଇଛନ୍ତି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ଲକ ଅଫିସ ନୂତନ ଗୃହ ଉଦ୍‌ଘାଟିତ

ଗୋପ,୬।୩ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ପରିସରରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୃହକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବୁଧବାର ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ବ୍ଲକ ଅଧକ୍ଷା ଖୁନୁ ମଲ୍ଲିକ, ବିଡିଓ ଛବିରାଣୀ ସାହୁ, ଅତିରିକ୍ତ ବିଡିଓ ଦୀପକ ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ପୃଷ୍ଟି, ସହକାରୀ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ଗୋପ ବ୍ଲକ ଅଫିସର ଅବସ୍ଥା ଶୋଚନୀୟ ହୋଇଯାଇଥିଲା। ଲୋକ ପ୍ରତିନିଧିମାନେ ନୂତନ ବ୍ଲକ ଅଫିସ ନିର୍ମାଣ ପାଇଁ ଦାବି କରିବାରୁ ବିଧାୟକ ଦାଶଙ୍କ ନିର୍ଦ୍ଦେଶରେ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ହୋଇଥିଲା। ଏରବଙ୍ଗ ପଞ୍ଚାୟତ ସରପଞ୍ଚ ରଶ୍ମିରେଖା ଦାସ, ଉପେନ୍ଦ୍ର କାନୁନ୍‌ଗୋ, ମହେଶ୍ୱର ସ୍ୱାଇଁ, ଜଗବନ୍ଧୁ ବରାଳ, ଶୀର୍ଷ ରଞ୍ଜନ ନାୟକ, ଯୁବ ନେତୃତ୍ୱ କରୁଣାକର ସାହୁ, ବିଭୂତି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ନୀତି

- ଗମ୍ଭୀରାରୁ କଢ଼ାହେଲା ବର୍ଷଯାକର ଅର୍ପିତ ନୈବେଦ୍ୟ
- ଠାକୁରଙ୍କୁ ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ

ପୁରୀ, ୬।୩ (ଅଜିତ୍ ମହାନ୍ତି)


ଶ୍ରୀଲୋକନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ପୁରୀସ୍ଥିତ ଶ୍ରୀଲୋକନାଥ ମନ୍ଦିରରେ ବୁଧବାର ପଙ୍କୋଦ୍ଧାର ଏକାଦଶୀ ପାଳିତ ହୋଇଯାଇଛି। ଏହି ଅବସରରେ ପୀଠକୁ ଆଲୋକମାଳା ଓ ଫୁଲରେ ସଜ୍ଜିତ କରାଯିବା ସହ ମନ୍ଦିର ଗମ୍ଭୀରାରୁ ବର୍ଷତମାମ ସଞ୍ଚିତ ହୋଇ ରହିଥିବା ବେଲପତ୍ର, ପୁଷ୍ପ, ନୈବେଦ୍ୟ ଇତ୍ୟାଦିକୁ ପଙ୍କ ଭାବେ ପରମ୍ପରା ଅନୁଯାୟୀ କଢ଼ାଯାଇଛି। ଭକ୍ତମାନେ ଶ୍ରୀଲୋକନାଥ ଦେବଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଭାବେ ପରିଚିତ ଶ୍ରୀଲୋକନାଥ ଦେବଙ୍କ ପୀଠରେ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିର ବିଶେଷ ମହତ୍ତ୍ୱ ରହିଛି। ତେଣୁ ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରାତି ୨ଟାରେ ଦ୍ୱାରଫିଟା ହୋଇ ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ପରେ ରାତ୍ର ୩ଟାରୁ ମନ୍ଦିର ଗମ୍ଭୀରାରୁ ପଙ୍କୋଦ୍ଧାର କରାଯାଇଥିଲା। ଏହି କାର୍ଯ୍ୟରେ ସେବାୟତ ଓ ଭକ୍ତମାନେ ସାମିଲ ହୋଇଥିଲେ। ଶ୍ରୀଲୋକନାଥଙ୍କୁ ମହାସ୍ନାନ କରାଯିବା ପରେ ବୁଧବାର ସକାଳ ୭ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ବ୍ୟାରିକେଡ୍ ମଧ୍ୟରେ ଭକ୍ତମାନେ ନୈବେଦ୍ୟ ଧରି ଶୃଙ୍ଖଳିତ ଭାବେ ଧାଡ଼ିରେ ଠିଆ ହୋଇ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଶିବଲିଙ୍ଗ ଦର୍ଶନ କରିବା ସହ ନିର୍ଗତ ପଙ୍କକୁ ଦେହରେ ବୋଳି ହୋଇଥିଲେ। ଏହାଦ୍ୱାରା ସକଳ ରୋଗ ଦୂର ହେବାର ବିଶ୍ୱାସ ରହିଥିବା ଭକ୍ତ କହିଛନ୍ତି। ସେବାୟତ ରାମଚନ୍ଦ୍ର ପଣ୍ଡା କହିଛନ୍ତି, ରାତ୍ର ୧୨ଟା ୩୦ରେ ଦ୍ୱାରଫିଟା ହୋଇ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ପଙ୍କୋଦ୍ଧାର ନୀତି ଆରମ୍ଭ କରାଯାଇଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ନୀତି ନିର୍ଘଣ୍ଟଠାରୁ ୫ ଘଣ୍ଟା ଆଗୁଆ ନୀତି ଚାଲିଥିଲା। ସକାଳ ୭ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ସେହିପରି ଦିନକ ପରେ ମହାଶିବରାତ୍ରି ବା ଜାଗର ଯାତ୍ରା ଅନୁଷ୍ଠିତ ହେବ। କିମ୍ବଦନ୍ତୀ ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ପ୍ରଭୁ ଶ୍ରୀଲୋକନାଥ ଦେବଙ୍କୁ ପ୍ରତିଷ୍ଠା କରିଥିବା ଜଣାଯାଏ। ଲକ୍ଷେ ଶିବଲିଙ୍ଗ ପୂଜାକଲେ ଯେଉଁ ଫଳ ପ୍ରାପ୍ତି ମିଳିଥାଏ, ଆଜିର ଦିନରେ ଶ୍ରୀଲୋକନାଥଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କଲେ ସମପରିମାଣର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷରେ କେତେଜଣ ସେବାୟତ ଗଳାବାଟ ଦେଇ ସେମାନଙ୍କ ଯାତ୍ରୀ ଓ ସମ୍ପର୍କୀୟଙ୍କୁ ନେଇ ଦର୍ଶନ କରାଉଥିବାବେଳେ ସାଧାରଣ ଭକ୍ତ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ବିଭିନ୍ନ ଦାବି ନେଇ ପୁରୀ ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ବିସ୍ଫୋରକ ସାମଗ୍ରୀ ଜବତ: ଜଣେ ଗିରଫ

ପିପିଲି,୬।୩ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ପୋଲିସ ଚଢ଼ାଉ କରି ବୁଧବାର ବେଆଇନ ବାରୁଦ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିରେ ପୋଲିସ ମୁକୁନ୍ଦପୁର ଅଧୀନ କୋଠବାଡ଼ ଗ୍ରାମର ପ୍ରଶାନ୍ତ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ପାଖରୁ ୬୦ଟି ବଡ଼ ବିସ୍ଫୋରକ ଗୋଳା, ୫୦ଟି ଛୋଟ ବିସ୍ଫୋରକ ଗୋଳା, ୨୦ କିଗ୍ରା ଗନ୍ ପାଉଡର, ୮ ବଣ୍ଡଲ ଝୋଟ, ପାଇପ୍, କାଚ, ୧୬ ଝୁମଇ ଓ ଅନ୍ୟ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏନେଇ ପୋଲିସ ୧୧୭/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବରପାଇ ପୋଲିସ ବାରିପଟେ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ପ୍ରଶାନ୍ତଙ୍କୁ କାବୁ କରିଥିଲା।

## ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ, ଭିତ୍ତିପ୍ରସ୍ତର

ଡେଲାଙ୍ଗ,୬।୩(ରଶ୍ମିରଞ୍ଜନ ପ୍ରଧାନ)

ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ବୁଧବାର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଉପସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ମୁନିନ୍ଦା ପଞ୍ଚାୟତର ବରକେରା ଗ୍ରାମରେ ଉପସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଳାନ୍ୟାସ କରିଥିବାବେଳେ ଅଭୟମୁଖୀ ପଞ୍ଚାୟତରେ କଲ୍ୟାଣମଣ୍ଡପ ଓ ମିଶନ ଶକ୍ତିଗୃହର ଲୋକାର୍ପଣ କରିଥିଲେ। ଏଥିପାଇଁ ଗ୍ରାମବାସୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ଦ୍ୱାରା ଗ୍ରାମବାସୀ ସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଗ୍ରାମ କମିଟି ସଭାପତି ଗୋବିନ୍ଦ୍ର ମାହୁନ୍ତ ମତବ୍ୟକ୍ତ କରିଛନ୍ତି। ସେହିପରି ଅଭୟମୁଖୀ ପଞ୍ଚାୟତରେ କୌଣସି କଲ୍ୟାଣ ମଣ୍ଡପ ନ ଥିବାବେଳେ ବିବାହ ବ୍ରତ କରିବାକୁ ସ୍ଥାନୀୟ ଲୋକେ ସାକ୍ଷୀଗୋପାଳ ଓ ପିପିଲି ଯାଉଥିଲେ। ସ୍ଥାନୀୟ ପଞ୍ଚାୟତବାସୀଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି କଲ୍ୟାଣ ମଣ୍ଡପ ଲୋକାର୍ପିତ ହୋଇଯାଇଛି। ସେହିପରି ଇନ୍ଦିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସନ୍ନିକଟରେ ମିଶନ ଶକ୍ତି ଗୃହ ଲୋକାର୍ପିତ ହୋଇଛି। ସମାବେଶରେ ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଯୁବନେତା ପ୍ରଭାସ ପରିଡ଼ା, ଶିକ୍ଷାବିତ୍ ମୁଟୁ କିଶୋର ପ୍ରଧାନ, ବରକେରା ଗ୍ରାମ୍ୟ କମିଟି ସମ୍ପାଦକ ବିମ୍ବାଧର ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ଆମ୍ବା ଅଧକ୍ଷା ମିନତି ସେନାପତି, ପୂର୍ବତନ ସରପଞ୍ଚ ପ୍ରସନ୍ନ ପରିଡ଼ା, ସମିତି ସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ବୁଟୁ ସେନାପତି ପ୍ରମୁଖଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

## ପ୍ରଜ୍ୱଳିତ ହେଲା ବୃହତ୍ ଜଗତମଙ୍ଗଳ ଜାଗର ଦୀପ


ଏସ୍‌ପି ପିନାକ ମିଶ୍ର ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ କରୁଛନ୍ତି।

ପୁରୀ,୬।୩ (ଅଜିତ୍ ମହାନ୍ତି)

- ଅଢ଼େଇ କୁଇଣ୍ଟାଲ ଅଷ୍ଟଧାତୁରେ ନିର୍ମିତ
- ଏକାଥରେ ୩ କୁଇଣ୍ଟାଲ ଘିଅ ଜଳାଯିବ

ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ବୁଧବାର ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳିତ ହୋଇଛି ଦ୍ୱାଦଶ ବାର୍ଷିକ ସର୍ବବୃହତ ଜଗତ ମଙ୍ଗଳ ଜାଗର ଦୀପ। ସନ୍ଧ୍ୟାରେ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀଲୋକନାଥଙ୍କ ପୀଠରେ ଏହି ଜଗତ ମଙ୍ଗଳ ଜାଗର ଦୀପକୁ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା ଅତିଥିଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୨ଫୁଟ ଗଭୀର ବିଶିଷ୍ଟ ଏହି ଅଷ୍ଟଧାତୁରେ ନିର୍ମିତ ଦ୍ୱୀପରେ ଏକାଥରେ ୩ କୁଇଣ୍ଟାଲ ଘିଅ ଜଳାଯିବ। ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଅର୍ଥାତ୍ ୯ତାରିଖ ପ୍ରତ୍ୟୁଷ ପର୍ଯ୍ୟନ୍ତ ଏହି ଦ୍ୱୀପ ଜଳାଜିବ। ପୂର୍ବରୁ ମାଟିରେ ଦୀପ ପ୍ରସ୍ତୁତ ହେଉଥିବା ବେଳେ ଚଳିତବର୍ଷ ପ୍ରାୟ ଅଢ଼େଇ କୁଇଣ୍ଟାଲ ଅଷ୍ଟଧାତୁରେ ଏହା ନିର୍ମାଣ କରାଯାଇଛି। ପ୍ରାୟ ୧ମାସ ଧରି ବାଲକାଟୀର ପ୍ରସିଦ୍ଧ କାରିଗର ଭାଗିରଥି ମହାରଣା ଏହି ଦୀପକୁ ପ୍ରସ୍ତୁତ କରିଛନ୍ତି। ବିଶ୍ୱ କଲ୍ୟାଣ ନିମନ୍ତେ ଏହି ଦୀପ ପ୍ରଜ୍ୱଳନ କରାଯାଉଥିବା ହୋତା କହିଛନ୍ତି।

## ୩୩୦ ଛାତ୍ରୀଛାତ୍ରଙ୍କୁ ନୂଆ-ଓ ଛାତ୍ରବୃତ୍ତି

ଅସ୍ତରଙ୍ଗ,୬।୩ (ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରଙ୍କୁ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଅସ୍ତରଙ୍ଗ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷା କୁନି ଲତା ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଅସ୍ତରଙ୍ଗ ଯୁକ୍ତ ୨ କଲେଜ ଅଧକ୍ଷ ଡ. ଜିତେନ୍ଦ୍ର ସାମଲ, ମୁଖ୍ୟବକ୍ତା ନୂଆ-ଓ ଛାତ୍ରବୃତ୍ତି ନୋଡାଲ ଅଧିକାରିଣୀ ନିର୍ମଳା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୌରହରି ପାତ୍ର, ଅଧ୍ୟାପିକା କବିତା ମହାନ୍ତି, ସରସ୍ୱତୀ ପରିଡ଼ା, ତୃପ୍ତିମୟୀ ଦାସ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ମୋନାଲିସା ଶ୍ରୀଚନ୍ଦନସିଂ ସଭା ପରିଚାଳନା କରିଥିଲେ। ୩୩୦ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ଏହି ଟଙ୍କା ଦିଆଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିବି ସ୍ପୋର୍ଟିଂକୁ ହରାଇ ସେମିରେ ମୁକ୍ତେଶ୍ୱର ସ୍ପୋର୍ଟ୍ସ

ଗୋପ,୬।୩ (ଭାରତୀ ଭୂଷଣ ଉପାଧ୍ୟାୟ)

ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଗୋପ ଆଥଲେଟିକ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିବି ସ୍ପୋର୍ଟିଂ ଡମାଣ୍ଡୋକୁ ହରାଇ ମୁକ୍ତେଶ୍ୱର ସ୍ପୋର୍ଟ୍ସ କ୍ଲବ ସେମିରେ ପ୍ରବେଶ କରିଛି। ଟସ୍ ଜିତି ବିବି ସ୍ପୋର୍ଟିଂ ୨୫ ଓଭର ମ୍ୟାଚ୍‌ରେ ୮ ଉଇକେଟ ହରାଇ ୨୨୧ ରନ କରିଥିଲା। ଜବାବରେ ମୁକ୍ତେଶ୍ୱର ସ୍ପୋର୍ଟ୍ସ ୨୪.୩ ଓଭରରେ ୭ ଉଇକେଟ ହରାଇ ୨୨୨ କରି ବିଜୟୀ ହୋଇଥିଲା। ଶତକ ହାସଲ କରିଥିବା ଅନୁରାଗ ଷଡ଼ଙ୍ଗୀ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମୁଖ୍ୟ ଅତିଥି ବିଶଭାନୁ ପାଣିଗ୍ରାହୀ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରମୋଦ ସିହ୍ନା, ଦେବଦତ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ଘୋଷକ ଭାବରେ ମନୋଜ ପାତ୍ର ଓ ଗୁଣାକର ଭୋଇ ଥିଲେ।

## ଶତାଧିକ ହିତାଧିକାରୀ ପାଇଲେ ବିଏସ୍‌କେୱାଇ ନବୀନ କାର୍ଡ

ଅସ୍ତରଙ୍ଗ,୬।୩ (ପ୍ରଦୀପ୍ତ ଦୀକ୍ଷିତ)/କଣାସ (ବିଭୂତି ଭୂଷଣ ତ୍ରିପାଠୀ)/ସାକ୍ଷୀଗୋପାଳ(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)/ଗୋପ, (ଭାରତୀ ଭୂଷଣ ଉପାଧ୍ୟାୟ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ କରିଥିବାବେଳେ ଅସ୍ତରଙ୍ଗ ବ୍ଲକ ପରିସରରେ ବୁଧବାର ଏହି କାର୍ଡ ବଣ୍ଟାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁଶ୍ରୀ ସସ୍ମିତା ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଆରତି ନାୟକ, ମୁଖ୍ୟବକ୍ତା ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ଦୁର୍ଜୟ ମିଶ୍ର, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼, ଝାଡଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବାବେଳେ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି। କାର୍ଯ୍ୟକ୍ରମରେ ୧୫ ପଞ୍ଚାୟତରୁ ଶତାଧିକ ହିତାଧିକାରୀ ସ୍ୱାସ୍ଥ୍ୟ ସଞ୍ଜୀବନୀ ବିଏସ୍‌କେୱାଇ କାର୍ଡ ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଏଥିରେ ଜିପିଓ ରାଧାକାନ୍ତ ହାତୀ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମସେବକ ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। ସେହିପରି କଣାସ ବ୍ଲକ ଦୟାବିହାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ୨୮ ଗ୍ରାମପଞ୍ଚାୟତର ୯୫୫ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟାଯାଇଛି। ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ କର୍ମଚାରୀ କୃଷ୍ଣଚନ୍ଦ୍ର ନିଶଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣାସ ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ୍, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ବ୍ଲକ ପରିସରରେ ଆୟୋଜିତ ନୂତନ ସ୍ୱାସ୍ଥ୍ୟ କାର୍ଡ ବିତରଣ ଉତ୍ସବରେ ପ୍ରଥମ ପର୍ଯ୍ୟାୟରେ ୧୮୩ ହିତାଧିକାରୀଙ୍କୁ କାର୍ଡ ବଣ୍ଟାଯାଇଛି। ଉତ୍ସବରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନିଲ ପଣ୍ଡା, ବିଡିଓ ଲିପ୍ସା ରାୟ, ଅତିରିକ୍ତ ବିଡିଓ ସଲୀଳ ଦାସ, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀରେ ଏହି କାର୍ଡ ନିମନ୍ତେ ୧୬୦୦ ହିତାଧିକାରୀ ଅନଲାଇନ ପୋର୍ଟାଲରେ ଆବେଦନ କରିଥିଲେ। ଜିଆର୍‌ଏସ୍ ଲକ୍ଷ୍ମୀପ୍ରିୟା ମିଶ୍ର, ରଶ୍ମିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପ ବ୍ଲକରେ ଆୟୋଜିତ ବିଜୁ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୬୨୯ ହିତାଧିକାରୀଙ୍କୁ କାର୍ଡ ବଣ୍ଟାଯାଇଛି। ବିଜୁ କଲ୍ୟାଣ ସ୍ୱାସ୍ଥ୍ୟ କାର୍ଡ ପାଇବାକୁ ୨୭୩୪ ଜଣ ଆବେଦନ କରିଥିବାବେଳେ ୧୫୦୯ ଗୋଟି କାର୍ଡ ବ୍ଲକ ପାଇ ଆସିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଗଞ୍ଜେଇ ସହ ଧରାପଡିଲେ ମହିଳା

ଭୁବନେଶ୍ୱର,୬।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରୁ ପୁଣି ଜଣେ ମହିଳା ନିଶା ବେପାରୀ ଧରାପଡିଛନ୍ତି। ବେଆଇନ ଭାବେ ଗଞ୍ଜେଇ ରଖି ବେପାର କରୁଥିବା ଅଭିଯୋଗରେ ଅବକାରୀ ବିଭାଗର ମୋବାଇଲ ୟୁନିଟ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଚଢାଉ କରି ବିମଳା ସାହୁ ନାମୀ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ତାଙ୍କଠାରୁ ୮ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ମହିଳା ଜଣକ ଗଞ୍ଜେଇ କେଉଁଠାରୁ ଆଣି କାହାକୁ ଯୋଗାଉଥିଲେ ତାହାର ଅଧିକ ତଦନ୍ତ ଜାରି ରଖିଛି ଅବକାରୀ ଟିମ।

### ସ୍ତ୍ରୀଙ୍କୁ ଇଟାରେ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୬।୩ (ସୂର୍ଯ୍ୟକାନ୍ତ ବେହେରା)

### ସ୍କୁଲ ଭୋଟର ସଚେତନତା କର୍ମଶାଳା

# ଗୀତାଞ୍ଜଳିଙ୍କୁ ବଟାଳି ଭୁସି ହତ୍ୟା କରିଥିଲେ

## ଖୋର୍ଦ୍ଧାରୁ ଅଭିଯୁକ୍ତ କାମିସ୍କି କାହ୍ନୁ ଗିରଫ



### ଏସ୍‌ସିବିରେ ହେବ ଟ୍ରିପଲ-ଓ ସମ୍ମିଳନୀ

# 'ପୂର୍ବଘାଟ ପର୍ବତମାଳାର ସୁରକ୍ଷା ଜରୁରୀ'

### ବୁଣାକାର, କାରିଗରଙ୍କ ପାଇଁ ଉତ୍କଳିକାରେ ଅତିଥି ଗୃହ



## ଉଦ୍‌ଘାଟନକଲେ ମନ୍ତ୍ରୀ

# ପ୍ରଥମ ନାଟକ 'କାହାର ସେ ଜନ୍ମ'



## ବୃନ୍ଦାବନ ନାଟ୍ୟ ସଂସଦ ଗଠିତ

# ଖରାଛୁଟିରେ 'ସାଇ ରେପଡ୍ସ' ଓ 'ସାଇ କଲାଇଡୋସ୍କୋପ୍'

## ରାଜ୍ୟର ସମସ୍ତ ସ୍କୁଲ ଭାଗନେଇପାରିବେ

# ବିଏମ୍‌ସି କାର୍ଯ୍ୟାଳୟରେ 'ମିଲେଟ ଶକ୍ତି କାଫେ' ଉଦ୍‌ଘାଟିତ




### ମଦ ବୋଝେଇ ଅଟୋ ଜବତ: ଜଣେ ଗିରଫ




ସଂଖ୍ୟାଲଘୁ କମିଶନ ଗଠନ ସମେତ ବିଭିନ୍ନ ଦାବି ନେଇ ଆମ୍ବେଦକରାଇଟ୍ ସଲିଡାରିଟି ଫୋରମ୍ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ, ପୁରୁଣା ପେନ୍‌ଶନ ବ୍ୟବସ୍ଥା ଲାଗୁ କରିବା ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଆଲୋକ, ଫୁଲରେ ଝଲସିବ ଲିଙ୍ଗରାଜ ମନ୍ଦିର

## ମହାଶିବରାତ୍ରି ପାଇଁ ବିଏମ୍‌ସିର ପ୍ରସ୍ତୁତି

### ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଜାତୀୟସ୍ତରୀୟ ଭଜନ ସମାରୋହ

# କାନ୍‌ଭାସ୍‌ରେ ଆଙ୍କିଲେ ନାରୀ ପ୍ରଗତିର ଗାଥା

## ରାଜ୍ୟସ୍ତରୀୟ ମହିଳା ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟିତ





# 'ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରସ୍ତୁତ ରୁହ'

କଟକ,୬।୩(କାର୍ତ୍ତିକ ସାହୁ)



ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ଅଧିକାରୀ।

**ଜିଲ୍ଲା ପ୍ରଶାସନର ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ**
- ସକାଳ ୬ଟାରୁ ୧୧ଟା ବିଦ୍ୟାଳୟ ନିର୍ଦ୍ଦେଶ
- ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ମଧ୍ୟରେ ଶ୍ରମିକଙ୍କ କାର୍ଯ୍ୟ ବନ୍ଦ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

କଟକ,୬।୩(ଶିକ୍ଷା ପ୍ରିୟଦର୍ଶିନୀ)

**ଡିଜିପିଙ୍କୁ ଦାବିପତ୍ର**



ପରମ୍ପରା ବଜାୟ ରଖିବାକୁ ଲୋକ ବାଦ୍ୟଯନ୍ତ୍ର ପ୍ରସ୍ତୁତ କରୁଥିବା କାରିଗର ଓ ଅନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି।

# ସାଲେପୁର ଫାର୍ମାସୀ କଲେଜରେ ଜାତୀୟ ଫାର୍ମାସୀ ଶିକ୍ଷା ଦିବସ

ସାଲେପୁର,୬।୩ (ଅରବିନ୍ଦ ଭୂୟାଁ)

# ଜାଗର ପାଇଁ ମାଟିଦୀପ



କଟକ,୬।୩(ଶିକ୍ଷା ପ୍ରିୟଦର୍ଶିନୀ)



ବିଭିନ୍ନ ଶୈଳୀରେ ଦୀପ ତିଆରି କରୁଛନ୍ତି କାରିଗର

**ଏମାନେ କ'ଣ କୁହନ୍ତି...**



ସୁରେନ୍ଦ୍ର ବେହେରା, ଦୀପ କାରିଗର



କ୍ଷୀରୋଦ ସେନାପତି, ଦୀପ କାରିଗର

# ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା

ସାଲେପୁର,୬।୩(ଅରବିନ୍ଦ ଭୂୟାଁ)



ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ମଦ ଜବତ: ଜଣେ ଗିରଫ

ବାରଙ୍ଗ,୬।୩(ଲିଙ୍ଗରାଜ ରାଉତ)

### ନୂଆ-ଓ ଛାତ୍ରବୃତ୍ତି ଅନୁଦାନପତ୍ର ବଣ୍ଟନ

କଟକ,୬।୩(ଶିକ୍ଷା ପ୍ରିୟଦର୍ଶିନୀ)



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ବାହାରିଥିବା ଶୋଭାଯାତ୍ରାକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ୧୮୦ ନକଲି ସୁରକ୍ଷା ବେଲ୍ଟ ଜବତ, ୨ ଭାଇ ଅଟକ

କଟକ,୬।୩ (କାର୍ତ୍ତିକ ସାହୁ)

# 'ଉଦ୍ୟମ ଅବ୍ୟାହତ ରହିଲେ ସଫଳତା ସହଜ ହେବ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୬।୩ (କାର୍ତ୍ତିକ ସାହୁ)

**ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ଦିବସ**

# ଛାତ୍ରୀଛାତ୍ର ଅର୍ଥ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ

ସାଲେପୁର,୬।୩(ଅରବିନ୍ଦ ଭୂୟାଁ)



ଅତିଥିଙ୍କ ହାତରେ ଛାତ୍ରବୃତ୍ତି ପ୍ରମାଣପତ୍ର ପାଉଥିବା ଛାତ୍ରୀମାନେ।

# ଆଠଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ଗୃହଭିତ୍ତି ଶିଳାନ୍ୟାସ

ଆଠଗଡ଼,୬।୩(ସତ୍ୟ ପ୍ରକାଶ ରଥ)

# ଆଠଗଡ଼ ପାଲା ସମ୍ମେଳନ ଉଦ୍‌ଯାପିତ

ଆଠଗଡ଼, (ସତ୍ୟ ପ୍ରକାଶ ରଥ)



# ରେଭେନ୍‌ଶାରେ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ

କଟକ,୬।୩ (କାର୍ତ୍ତିକ ସାହୁ)



ଛାତ୍ରୀମାନେ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଏସ୍‌ସିବିରେ ହେବ ଟ୍ରିପଲ-ଓ ସମ୍ମିଳନୀ

କଟକ,୬।୩(ଶିକ୍ଷା ପ୍ରିୟଦର୍ଶିନୀ)

# ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକାକୁ ନେଇ ଆଲୋଚନା

ଟିଗିରିଆ,୬।୩(ଜାଫର ଖାଁ)

**ମେରା ପେହଲା ଭୋଟ ଦେଶ କେ ଲିଏ ପାଇଁ ସଚେତନତା**



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬।୦୩।୨୦୨୪

| | |
|---|---|
| ୫,୩୧, ୬୯୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୬୦.୬୦୦ ଗ୍ରାମ |

## ସଂକ୍ଷେପରେ

### ହାଇୱା ପଛରେ ପିଟିହେଲା ବସ୍‌:୭ ଆହତ




ଖୁଣ୍ଟୁଣୀ, ୬।୩(ସଚ୍ଚିଦାନନ୍ଦ ପଣ୍ଡା)

କଟକ-ନରସିଂହପୁର ରାସ୍ତାର ଭୋଗରାଠାରେ ବୁଧବାର ସକାଳ ପ୍ରାୟ ୮ଟାରେ ଏକ ହାଇୱା ପଛରେ ସାରସ୍ୱତ ନାମକ ଯାତ୍ରୀବାହୀ ବସ୍ ପିଟି ହୋଇଯାଇଛି। ଫଳରେ ବସ୍‌ରେ ଥିବା ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ଚିକିତ୍ସା ଲାଗି ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ଖୁଣ୍ଟୁଣୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବସ୍‌ଟି ଖୁଣ୍ଟୁଣୀ ବଜାରରୁ ଆଠଗଡ଼ ରାସ୍ତାରେ ଯାଉଥିଲା। ବାଟରେ ଏକ ବାଲି ବୋଝେଇ ହାଇୱାକୁ ଅତିକ୍ରମ ପାଇଁ ଉଦ୍ୟମ କରିବାବେଳେ ଭାରସାମ୍ୟ ହରାଇ ତାହା ପଛରେ ପିଟିହୋଇଯାଇଥିଲା।

### ବସ୍ ଧକ୍କାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

କଟକ ସଦର, ୬।୩
(ସୁଶାନ୍ତ କୁମାର ଜେନା)



ବସ୍ ଧକ୍କାରେ କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାଥ ବେହେରା(୭୨)ଙ୍କର ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ବେହେରା ନିଜ ସ୍କୁଟରରେ ଯାଉଥିବାବେଳେ ବିରିବାଟୀ ନିକଟରେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ଜିଲା ବିଜେଡି ଉପ ସଭାପତି ସମର ବେହେରା ଓ ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପରେ ଗୁରୁବାର ମୃତଦେହ ସତ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

### ୬ ମୋବାଇଲ ଜବତ, ଜଣେ ଗିରଫ

ଭୁବନେଶ୍ୱର,୬।୩ (ସୂର୍ଯ୍ୟକାନ୍ତ ବେହେରା)

ମେଳାରେ ଭିଡ଼ର ସୁଯୋଗ ନେଇ କେତେବେଳେ ଛିନତାଇ କରୁଥିଲେ ତ ଆଉ କେଉଁଠି ଚୋରି କରୁଥିଲେ। ପରେ ଚୋରି ସାମଗ୍ରୀକୁ କମ୍ ଟଙ୍କାରେ ବିକ୍ରି କରୁଥିଲେ। ଏହି ଗ୍ୟାଙ୍ଗ୍‌ର ଜଣେ ସଦସ୍ୟଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ସେ ହେଲେ ଡେଲଟା ଛକ ଅଞ୍ଚଳର ଅମିତ ଗୌଡ। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୬ଟି ଚୋରା ମୋବାଇଲ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କମ୍ ଦାମରେ ଲୋକଙ୍କୁ ବିକ୍ରି କରିବା ଲାଗି ଜାଗମରା ଛକ ନିକଟରେ ଗ୍ରାହକ ସନ୍ଧାନରେ ଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଜଣଙ୍କ ପଛରୁ ଆସି ଜଣେ ମହିଳାଙ୍କୁ ଧକ୍କା ପକାଇ ତାଙ୍କଠାରୁ ମୋବାଇଲ ଛଡାଇ ନେବା ମାମଲାରେ ପୋଲିସ ତଦନ୍ତ କରି ଏଭଳି ପଦକ୍ଷେପ ନେଇଛି।

# ସାପକାମୁଡ଼ା ମୃତ୍ୟୁରେ ଭିସେରା ସାମ୍ପଲ ବାଧ୍ୟତାମୂଳକ

## ଲାଗୁ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଓସ୍‌ଡମାକୁ ଚିଠି

ଭୁବନେଶ୍ୱର, ୬।୩(ଅସମାପିକା ସାହୁ)

କେନ୍ଦ୍ର ସରକାରଙ୍କ ମେଡିକୋ ଲିଗାଲ ଗାଇଡ୍‌ଲାଇନ୍‌ରେ ସାପ କାମୁଡ଼ା ମାମଲାରେ ପୋଷ୍ଟମର୍ଟମ କରୁଥିବା ମେଡିକାଲ ଅଫିସର ଭିସେରା ସାମ୍ପଲ ସଂଗ୍ରହ କରିବା ବାଧ୍ୟତାମୂଳକ କରାଯାଇଛି। ସେହିଭଳି ଭିସେରା ସାମ୍ପଲ ସଂଗ୍ରହରେ ବିଫଳ ହୋଇଥିଲେ ଆଇପିସିର ଧାରା ୨୦୧ ଅନୁଯାୟୀ ୭ ବର୍ଷ ଯାଏ ଜେଲ ଦଣ୍ଡର ପ୍ରାବଧାନ ରହିଛି। ମାତ୍ର ଅନେକ ସମୟରେ ରାଜ୍ୟର ସମ୍ପୃକ୍ତ ମେଡିକାଲ ଅଫିସରମାନେ ଭିସେରା ସାମ୍ପଲ ରଖୁନାହାନ୍ତି। ପରବର୍ତ୍ତୀ ସମୟରେ କୌଣସି ଅପରାଧ ସାମ୍ନାକୁ ଆସିଲା ବେଳକୁ ଆଉ ପ୍ରମାଣ ନ ଥାଏ। ତେଣୁ ସାପ ବା ବିଷ ପ୍ରୟୋଗ କରି ଅପରାଧ ରୋକିବା ପାଇଁ ପୋଷ୍ଟମର୍ଟମ ବେଳେ ରାଜ୍ୟର ମେଡିକାଲ ଅଫିସରମାନେ ଭିସେରା ସାମ୍ପଲ ସଂଗ୍ରହ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ରଙ୍କୁ ଇମେଲ ଜରିଆରେ ପତ୍ର ଲେଖିଛନ୍ତି। ଗତବର୍ଷ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ନାଗ ସାପ କାମୁଡ଼େଇ ନିଜ ସ୍ତ୍ରୀ ଓ ଝିଅକୁ ହତ୍ୟା କରିଥିଲେ। ଏଭଳି ଏକ ସଙ୍ଗିନ ମାମଲାରେ



କିନ୍ତୁ ଭିସେରା ସାମ୍ପଲ ସଂଗ୍ରହ ରଖାଯାଇ ନ ଥିଲା। ଫଳରେ ପ୍ରମାଣ ଅଭାବରୁ ମାମଲା ଦୁର୍ବଳ ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ସାପ କାମୁଡ଼ା ମୃତ୍ୟୁ ପାଇଁ ରାଜ୍ୟ ସରକାର ଓସ୍‌ଡମା ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମଧ୍ୟ ପ୍ରଦାନ କରିଥାଏ। ତେଣୁ ଶୁଭେନ୍ଦୁ ଓସଡମାର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ରାଜ୍ୟର ସ୍ନେକ ବାଇଟ ନୋଡାଲ ଅଫିସର ଡା. ସୁରଜିତ ଗରାବଡୁଙ୍କୁ ମଧ୍ୟ ଏନେଇ ଅବଗତ କରାଇଛନ୍ତି। ଶୁଭେନ୍ଦୁ କହିଛନ୍ତି, ପୋଷ୍ଟମର୍ଟମ ବେଳେ ଭିସେରା ସାମ୍ପଲ ରଖିବାରେ ଡାକ୍ତର ବିଫଳ ହେଲେ କୋର୍ଟରେ ମାମଲା ଦୁର୍ବଳ ହେଇଯିବାର ଯଥେଷ୍ଟ ସମ୍ଭାବନା ଥାଏ। ତେଣୁ ରାଜ୍ୟ ସରକାର ଭିସେରା ସାମ୍ପଲ ରଖିବା ବାଧ୍ୟ ନ କଲେ ଆଗକୁ ସାପ କାମୁଡେଇ ହତ୍ୟା କରି ୪ ଲକ୍ଷ ଟଙ୍କା ହାତେଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗିଯିବାର ସମ୍ଭାବନା ରହିଛି। ରାଜ୍ୟ ଫୋରେନସିକ ଲାବୋରେଟୋରିରେ ସାପକାମୁଡ଼ା ମୃତ୍ୟୁ ମାମଲାର ଭିସେରା ସାମ୍ପଲର ଆବଶ୍ୟକ ପରୀକ୍ଷା ନିରୀକ୍ଷା ସୁନିଶ୍ଚିତ କରିବା ପାଇଁ ମଧ୍ୟ ଶୁଭେନ୍ଦୁ ସେହି ପତ୍ରରେ ଅନୁରୋଧ କରିଛନ୍ତି।



କଳିଙ୍ଗ କଲେଜ ଅଫ୍ ଆର୍ଟ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ଆର୍ଟ ଗ୍ୟାଲେରିଠାରେ ବୁଧବାର ଆରମ୍ଭ ହୋଇଥିବା ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଏକ କଳାକୃତିକୁ ଛାତ୍ରୀଛାତ୍ର ଦେଖୁଛନ୍ତି।

# ପ୍ରତିପକ୍ଷଙ୍କୁ ଜବାବ ଦାଖଲ ନୋଟିସ

## ତାଳଚେର ପ୍ରଦୂଷଣକୁ ନେଇ ଏନ୍‌ଜିଟିରେ ମାମଲା

## ଏପ୍ରିଲ ୧୦ରେ ପରବର୍ତ୍ତୀ ଶୁଣାଣି

କଟକ,୬।୩ (କାର୍ତ୍ତିକ ସାହୁ)

ତାଳଚେର ସହରରେ କୋଇଲା ପରିବହନଜନିତ ପ୍ରଦୂଷଣ ବଢ଼ିବାରେ ଲାଗିଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ବୁଧବାର ମାମଲାର ଶୁଣାଣି କରାଯାଇ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, କୋଇଲା ଉତ୍ତୋଳନ ଓ ପରିବହନ କ୍ଷେତ୍ରରେ ମହାନଦୀ କୋଲ୍ ଫିଲ୍ଡ୍ସ ଦ୍ୱାରା ପରିବେଶ ବହୁ ଭାବେ ପ୍ରଦୂଷିତ ହେଉଛି। ଦେଶର ପ୍ରମୁଖ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବେ ମହାନଦୀ କୋଲ୍ ଫିଲ୍ଡ୍ସଅନ୍ତର୍ଗତ ତାଳଚେର କୋଲ୍‌ଫିଲ୍ଡ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୩୮.୬୫ ବିଲିୟନ୍ ଟନ୍ କୋଇଲା ଗଚ୍ଛିତ ରଖିଛି। ପ୍ରତିଦିନ ପ୍ରାୟ ୫୦୦୦-୧୦୦୦୦ ଟ୍ରକ୍ କୋଇଲା ବୋଝେଇ କରି ତାଳଚେର କୋଇଲା ଖଣିରୁ ଦେଶର ବିଭିନ୍ନ ଅଞ୍ଚଳକୁ ଯାଉଛି। ଏହି ଟ୍ରକଗୁଡ଼ିକ ସହର ମଧ୍ୟରେ ଗତି କରି ଜାତୀୟ ରାଜପଥ ୧୪୯ରେ ଯାଉଛି। ଟ୍ରକ୍‌ରେ କୋଇଲା ପରିବହନବେଳେ ସେଥିରୁ ଯେପରି କୋଇଲା ଗୁଣ୍ଡ ବାହାରକୁ ନ ଆସିବ, ସେନେଇ କୌଣସି ପ୍ରତିଷେଧମୂଳକ ବା ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। କୋଇଲା କଣିକାଗୁଡ଼ିକ ଏତେ କ୍ଷୁଦ୍ର ଯେ ସେଗୁଡ଼ିକ ଦୃଶ୍ୟମାନ ହେଉନାହିଁ। ଅପରପକ୍ଷରେ କ୍ଷୁଦ୍ର କୋଇଲାଗୁଣ୍ଡଗୁଡ଼ିକ ଲୋକଙ୍କ ଘର ଭିତରେ ବା ଯେକୌଣସି ପଦାର୍ଥରେ ଏକ କଳା ଆସ୍ତରଣ ସୃଷ୍ଟି କରୁଛି। ଏହି କୋଇଲାଗୁଣ୍ଡ ଦ୍ୱାରା ବଳହାର, ଲିଙ୍ଗରାଜ, ନନ୍ଦିରା, ବି ଆଳନ୍ଦା, ଥର୍ମାଲ ଅଞ୍ଚଳ, ତେନ୍ତୁଳେଇ, ବଡ଼ଦାଣ୍ଡ ସାହି, ବାଘମରା ଓ ଦିଆଝରନ୍ ଆଦି ଗ୍ରାମରେ ବାୟୁ ପ୍ରଦୂଷିତ ହେଉଛି। ପୁଣି କୋଇଲା ଗୁଣ୍ଡ ସହିତ ପାଉଁଶ ଚାଷଜମି ଓ ଜଳାଶୟଗୁଡ଼ିକୁ ପ୍ରଦୂଷିତ କରୁଛି। ବିଶେଷକରି ତେନ୍ତୁଳେଇ, ବଡ଼ଦାଣ୍ଡସାହି, ବାଘମରା ଓ ଦିଆଝରନ୍ ଗ୍ରାମର ପ୍ରଦୂଷଣ ସର୍ବାଧିକ ହୋଇଛି। ତାଳଚେର ମ୍ୟୁନିସିପାଲିଟିରେ ୨୦୨୧ ଜୁଲାଇରୁ ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ ଆନ୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ସେଲ୍ ଗଠନ କରାଯାଇଛି। ତାଳଚେର ସହରରେ ବାୟୁ ପ୍ରଦୂଷଣ ହ୍ରାସ ଓ ନିୟନ୍ତ୍ରଣ କରିବା ଏହି ସେଲ୍‌ର ଲକ୍ଷ୍ୟ ହୋଇଥିଲେ ବି ତାହା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏସବୁ ସମସ୍ୟାକୁ ନେଇ ଏନ୍‌ଜିଟି ପକ୍ଷରୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ସରକାର, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ ଜିଲାପାଳ ଆଦିଙ୍କୁ ନୋଟିସ୍ ଜାରି କରାଯାଇଛି। ଆବେଦନକାରୀ ଶ୍ରୀଧର ସାମଲଙ୍କ ପକ୍ଷରୁ ଆଇନଜୀବୀ ଅଫ୍ରାଜ୍ ସୁହାଇଲ ମାମଲା ପରିଚାଳନା କରୁଛନ୍ତି।

# ରାଜପଥରେ ସିରିଜ୍ ଦୁର୍ଘଟଣା: ୪ ଆହତ

ଝାଁଲା,୬।୩(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ୧୬ନଂ. ଜାତୀୟ ରାଜପଥ ଗୋହିରା ଓଭରବ୍ରିଜ ଉପରେ ବୁଧବାର ରାତି ପ୍ରାୟ ୧୦ଟାରେ ସିରିଜ୍ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସ୍କର୍ପିଓଟି ଗୋହିରା ଓଭରବ୍ରିଜ ଉପରେ ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ମୋଟରସାଇକେଲକୁ ଧକ୍କା ଦେଇ ଇନୋଭା କାରରେ ପିଟି ହୋଇଥିଲା। ଫଳରେ ମୋଟରସାଇକେଲ ଚାଳକ, ଇନୋଭା ଚାଳକ ଓ ଅନ୍ୟ ୨ ଜଣଙ୍କ ସମେତ ୪ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାଜପଥରୁ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ଆନ୍ଧ୍ରରେ ୭୮ ଓଡ଼ିଆ ଶ୍ରମିକ ଠକେଇର ଶିକାର

## ବିଦେଶରେ ନିଯୁକ୍ତି ନାଁରେ ଲକ୍ଷାଧିକ ଟଙ୍କା ଲୁଟି ସଂସ୍ଥା ଉଭାନ୍

ବାଲୁଗାଁ, ୬।୩(ସଂଗ୍ରାମ ପାଇକରାୟ )

ସମ୍ପ୍ରତି ଗ୍ରାମାଞ୍ଚଳରେ ବେକାରି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପରିବାର ପ୍ରତିପୋଷଣ ନିମନ୍ତେ ଶିକ୍ଷିତ ବେକାର ଯୁବକମାନେ ବିଦେଶ ଯାଇ ଅର୍ଥ ଉପାର୍ଜନ କରିବା ପାଇଁ ମନ ବଳାଉଛନ୍ତି। ଏଥିପାଇଁ ବହୁ ବେନାମୀ ସଂସ୍ଥା ମଧ୍ୟ ବିଭିନ୍ନ ରାଜ୍ୟରେ ଅଫିସ ଖୋଲି ବସିଛନ୍ତି। ଧାରକରଜ କିମ୍ବା ଜମିବାଡ଼ି ବିକ୍ରି କରି ବିଦେଶରେ କୌଣସି କମ୍ପାନୀରେ ନିଯୁକ୍ତି ନିମନ୍ତେ ଶ୍ରମିକମାନେ ଲକ୍ଷ ଲକ୍ଷ ଟଙ୍କା ଏଭଳି ସଂସ୍ଥା ହାତରେ ଟେକି ଦେଉଛନ୍ତି। ତେବେ ଶେଷରେ ଠକାମିର ଶିକାର ହେବାକୁ ପଡୁଛି। ଏପରି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଖୋର୍ଦ୍ଧା ଜିଲା ବାଲୁଗାଁ ଓ ବାଣପୁର ଅଞ୍ଚଳର ୭୮ଜଣ ଓଡ଼ିଆ ଶ୍ରମିକ ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ସ୍ଥିତ ଏକ ସଂସ୍ଥାକୁ ଲକ୍ଷାଧିକ ଟଙ୍କା ଦେଇ ଠକାମିର ଶିକାର ହୋଇଥିବାବେଳେ ରାତାରାତି ଉକ୍ତ କମ୍ପାନୀ ଉଭାନ୍ ହୋଇଯାଇଥିବା ଜଣାପଡ଼ିଛି।




ସୂଚନା ଅନୁଯାୟୀ, ବିଜୟନଗରମ୍‌ସ୍ଥିତ ଲାଇଫ୍ ଲାଇନ୍ ଟ୍ରାଭେଲ ନାମକ ସଂସ୍ଥା ଆବୁଧାବିରେ ଏକ କମ୍ପାନୀରେ ଅଧିକ ଦରମାରେ ନିଯୁକ୍ତି ଦେବାକୁ ପ୍ରଲୋଭିତ କରି ବାଲୁଗାଁ ଓ ବାଣପୁର ଅଞ୍ଚଳର ୭୮ଜଣ ଯୁବକଙ୍କଠାରୁ ଜଣକ ପିଛା ୬୦ ହଜାର ଟଙ୍କା ଲେଖାଏ ନେଇଥିଲା। ଚଳିତ ମାସ ୭ତାରିଖରେ ଚେନ୍ନାଇରୁ ଆବୁଧାବି ଯିବା ସକାଶେ ସମସ୍ତ ଶ୍ରମିକଙ୍କ ପାଖକୁ ବିମାନ ଟିକେଟ ଓ ଭିସା ଆସିଥିଲା। ଏଥିସହ ୫ ତାରିଖରେ ବିଜୟନଗରମ୍‌ରେ ଆସି ପହଞ୍ଚିବା ପାଇଁ ସମସ୍ତ ଶ୍ରମିକଙ୍କୁ କୁହାଯାଇଥିଲା। ସେହି ଅନୁଯାୟୀ ଶ୍ରମିକମାନେ ପ୍ରସ୍ତୁତ ହୋଇ ସେମାନଙ୍କ ଜିନିଷପତ୍ର ଧରି ୫ତାରିଖରେ ବିଜୟନଗରମ୍‌ରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ଦେଖିବାବେଳକୁ ଉକ୍ତ ଟ୍ରାଭେଲ ସଂସ୍ଥା ରାତାରାତି ଉଭାନ ହୋଇଯାଇଥିଲା। ସଂସ୍ଥା ପରିଚାଳକଙ୍କ ଫୋନ ସୁଇଚ୍ ଅଫ୍ ଥିଲା। ସେପଟେ ଟିକେଟ ମଧ୍ୟ କ୍ୟାନ୍‌ସଲ ହୋଇଯାଇଥିବା ଶ୍ରମିକମାନେ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ। ଠକାମିର ଶିକାର ହୋଇଥିବା ନିଶ୍ଚିତ ହେବା ପରେ ଶ୍ରମିକମାନେ ଏକାଠି ହୋଇ ସେଠାକାର ପୋଲିସ ପ୍ରଶାସନ ନିକଟରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବିଜୟନଗରମ୍ ଗ୍ରାମାଞ୍ଚଳ ଥାନା ପୋଲିସ ଉକ୍ତ ସଂସ୍ଥା କାର୍ଯ୍ୟାଳୟର ତାଲା ଭାଙ୍ଗି ତଦନ୍ତ ଜାରି ରଖିଥିବା ନେଇ ଠକେଇର ଶିକାର ହୋଇଥିବା ବାଣପୁର ଅଞ୍ଚଳର ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଖୋର୍ଦ୍ଧା ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କୁ ପଚାରିବାରେ କହିଛନ୍ତି, ସେ ଉକ୍ତ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ଯଦି ଏଭଳି କିଛି ଘଟଣା ଘଟିଥାଏ, ତା’ହେଲେ ଲିଖିତ ଭାବେ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନରେଶ



@ ଶୁଭକାନ୍ତ



@ ସୁନୀଲ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫ ଦିନ ପରେ ବି ଇନ୍‌ସାସ୍ ରାଇଫଲ, ଗୁଳି ମିଳୁନି

## ସପ୍ତମ ବାଟାଲିଅନ କ୍ୟାମ୍ପ୍ ପରିସରରୁ ଚୋରି ଅଭିଯୋଗ

ଭୁବନେଶ୍ୱର,୬।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିଅନ କ୍ୟାମ୍ପ ପରିସରରୁ ଜଣେ ଏସ୍‌ଆଇଙ୍କ ଇନ୍‌ସାସ୍ ରାଇଫଲ ଓ ଗୁଳି ଚୋରି ହୋଇଯାଇଥିବା ନେଇ ମୈତ୍ରିବିହାର ଥାନାରେ ଅଭିଯୋଗ ହୋଇଛି। ଘଟଣାର ୫ଦିନ ପରେ ବି ଏହାର ପତ୍ତା ମିଳୁ ନ ଥିବାରୁ ନାନା ଆଶଙ୍କା ପ୍ରକାଶ ପାଇଛି। ତେବେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇବା ସହ ସନ୍ଦିଗ୍ଧ ଲୋକଙ୍କୁ ପଚରାଉଚରା କରୁଛି। କେମିତି ଶୀଘ୍ର ରାଇଫଲ ମିଳିବ ସେନେଇ ପ୍ରୟାସ ଚାଲିଥିବା ଡିସିପି ପ୍ରତୀକ ସିଂ ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗଞ୍ଜାମ ଭଞ୍ଜନଗର ଅଷ୍ଟମ ସ୍ପେଶାଲ ଆଇଆର୍‌ବିଏନ୍‌ରେ କାମ କରୁଥିବା ଏସ୍‌ଆଇ ପି. ଲଛମୟ ଭୁବନେଶ୍ୱର ସପ୍ତମ ବାଟାଲିଅନର ସତ୍ୟାନନ୍ଦ ପଣ୍ଡା ବାରାକରେ କ୍ୟାମ୍ପ କରି ରହୁଛନ୍ତି। ଗତ ୨ ତାରିଖରେ ରାଷ୍ଟ୍ରପତିଙ୍କ ଡ୍ୟୁଟି ସାରି ପ୍ଲାଟୁନ ହାବିଲଦାର ଓ ଯବାନ କ୍ୟାମ୍ପକୁ ଫେରିଥିଲେ। ଏହାପରେ ସବୁଦିନ ଭଳି ସେଦିନ ସନ୍ଧ୍ୟାରେ ରୋଲ୍‌କଲ୍ କରାଯାଇଥିଲା। ଏହି ସମୟରେ ଗୋଟିଏ ଇନ୍‌ସାସ୍ ରାଇଫଲ ମିଳି ନ ଥିଲା। ଉକ୍ତ ବନ୍ଧୁକଟି ହାବିଲଦାର ସନାତନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଥିଲା। ବହୁ ଖୋଜାଖୋଜି ପରେ ନ ମିଳିବାରୁ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏଥିସହ ପରଦିନ ଅର୍ଥାତ୍ ୩ ତାରିଖରେ ଏସ୍‌ଆଇ ଲଛମୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୧୧ରୁ ଜାତୀୟ ବହୁଭାଷୀ କଳିଙ୍ଗ ନାଟ୍ୟ ମହୋତ୍ସବ

## ବଂଶୀଧରଙ୍କୁ ‘ସୁମିତ୍ରା ସମ୍ମାନ’, ଚାରୁଚନ୍ଦ୍ର ପାଇବେ ‘ଜୀବନବ୍ୟାପୀ ସାଧନା ସମ୍ମାନ’

ଭୁବନେଶ୍ୱର,୬।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ ବହୁଭାଷୀ ‘୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ’ ଆସନ୍ତା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରବୀନ୍ଦ୍ର ମଣ୍ଡପରେ ୫ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ତିନିଟି ଭାଷାର ୫ଟି ନାଟକ ପରିବେଷଣ କରାଯିବ। ଏହାସହିତ ୧୩ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ବିଜୁ ନାଟ୍ୟ କେନ୍ଦ୍ରଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଧୀର ମଲ୍ଲିକ ସୂଚନା ଦେଇଛନ୍ତି। ନାଟକ ଦେଖିବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ସଭାପତି ଡ. ଗୌରହରି ଦାସ କହିଛନ୍ତି। ଏଥିରେ ଓଡ଼ିଆ ନାଟକ ‘ନିଷ୍ପତ୍ତି’, ବେଙ୍ଗଲି ନାଟକ ‘ନୱାଜ ୱାଜିଦ ଅଲ୍ଲି ଶାହା’, ଓଡ଼ିଆ ନାଟକ ‘ଶେଷ ସାକ୍ଷତ’, ହନୁର ଲାଞ୍ଜ’ ଏବଂ ହିନ୍ଦୀ ନାଟକ ‘ଯଯାତୀ’ ମଞ୍ଚସ୍ଥ ହେବ। ଚଳିତ ବର୍ଷ ମଞ୍ଚ ସଜାକାର ବଂଶୀଧର ମହାରଣାଙ୍କୁ ‘ସୁମିତ୍ରା ସମ୍ମାନ’ ପ୍ରଦାନ କରାଯିବ। ଲେଖକ ଓ ନିର୍ଦ୍ଦେଶକ ରାଜୀବ ପାଣିଙ୍କୁ ‘ଗୟାଧର ସମ୍ମାନ’, ନିର୍ଦ୍ଦେଶକ ଅନିଲ ପାତ୍ରଙ୍କୁ ‘ପ୍ରମିଳା ପ୍ରତିଭା ସମ୍ମାନ’ ଏବଂ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଚାରୁଚନ୍ଦ୍ର ମହାନ୍ତିଙ୍କୁ ‘ଜୀବନବ୍ୟାପୀ ସାଧନା ସମ୍ମାନ’ ମିଳିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଗୁରୁ ପ୍ରଫେସର ରତିକାନ୍ତ ମହାପାତ୍ର, ଶତ୍ରୁଘ୍ନ ସାମଲ, ସୁଶାନ୍ତ କୁମାର ସାହୁ, ସ୍ୱଦେଶ କୁମାର ମହାନ୍ତି, ସୋମନାଥ ପରିଡା, ସୀମା ସାହୁ, ସତ୍ୟ ଜେନା, ପ୍ରଦୀପ ବିଶ୍ୱାଳ ଓ ଡ. ପ୍ରସନ୍ନ ମିଶ୍ରଙ୍କୁ ‘ଶତାବ୍ଦୀର କଳାକାର ସମ୍ମାନ’ ପ୍ରଦାନ କରାଯିବ। ସମ୍ମିଳନୀରେ ଉପ-ସଭାପତି ଇଂ. ବିଘ୍ନରାଜ ଜେନା ଓ ବିଭୂତି ମହାନ୍ତି ଉପସ୍ଥିତ ଥିଲେ।

# ସ୍ପୋର୍ଟ୍ସ ଇକୋସିଷ୍ଟମ, ଏଚ୍‌ପିସି ମଡେଲ ଅନୁଧ୍ୟାନ

**ଓଡ଼ିଶାରେ ଗୋଆ କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତିନିଧି ଦଳ**

ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)

ଓଡ଼ିଶାର ସ୍ପୋର୍ଟ୍ସ ଇକୋସିଷ୍ଟମ ଏବଂ କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ହାଇପରଫର୍ମାନ୍ସ ସେଣ୍ଟର ମଡେଲ ସମ୍ପର୍କରେ ଅନୁଧ୍ୟାନ ପାଇଁ ଗୋଆ କ୍ରୀଡ଼ା ମନ୍ତ୍ରଣାଳୟର ଏକ ପ୍ରତିନିଧି ଦଳ ୫ ଦିନିଆ ଗସ୍ତରେ ବୁଧବାର ଏଠାରେ ପହଞ୍ଚିଛନ୍ତି। ଗୋଆ ସରକାରଙ୍କ କ୍ରୀଡ଼ା ଓ ଶିଳ୍ପ ସଚିବ ସ୍ୱେତିକା ସଚନଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ଗୋଆ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜିସିଏସ) ଗୀତା ଏସ. ନାଗଭେଙ୍କର, ପବ୍ଲିକ ୱର୍କ ଡିପାର୍ଟମେଣ୍ଟର ସହକାରୀ ଇଞ୍ଜିନିୟର ସନ୍ତୋଷ ଭୀମଗୋଭଡା ଓ ଅନ୍ୟ ଅଧିକାରୀମାନେ ସାମିଲ ଅଛନ୍ତି। ପ୍ରତିନିଧି ଦଳ କଳିଙ୍ଗ ଷ୍ଟାଡିୟମ ଯାଇ ଇନ୍‌ଡୋର ଆଥଲେଟିକ୍ସ ସେଣ୍ଟର, ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର, ଆକ୍ୱାଟିକ ସେଣ୍ଟର, ଟେନିସ ସେଣ୍ଟର, ଜିମ୍ନାଷ୍ଟିକ୍ସ ସେଣ୍ଟର, ହକି ହାଇ ପରଫର୍ମାନ୍ସ ସେଣ୍ଟର ଏବଂ ଏଆଇଏଫଏଫ ଫିଫା ଟ୍ୟାଲେଣ୍ଟ ଏକାଡେମୀ ପରିଦର୍ଶନ କରିଛନ୍ତି। ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା, କର୍ପୋରେଟ ପାର୍ଟନରଶିପ୍ ପ୍ରକ୍ରିୟା, କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ପରିଚାଳନା ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଗୁଡ଼ିକ ଆୟୋଜନ ସମ୍ପର୍କରେ ଜ୍ଞାନ ଆହରଣ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଷ୍ଟାଡିୟମ ପରିଭ୍ରମଣ ଅବସରରେ ପ୍ରତିନିଧି ଦଳ କୋଚ୍ ଓ ରାଜ୍ୟ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଓ କ୍ରୀଡ଼ାକୁ ପ୍ରୋତ୍ସାହନ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପକୁ ପ୍ରତିନିଧି ଦଳ ଭୂୟସି ପ୍ରଶଂସା କରିଛନ୍ତି। ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ସିଇଓ ଦୀପଙ୍କର ମହାପାତ୍ର ଗୋଆ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ।



ଭୁବନେଶ୍ୱର ଆସିଥିବା ଗୋଆ କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତିନିଧିଦଳଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଓ ଅନ୍ୟମାନେ।



ବୁଧବାର ଇଷ୍ଟବେଙ୍ଗଲ ବିପକ୍ଷରେ ଗୋଲ୍ ଦେବା ପରେ ଗୋଆର ନୋଆ ସାଦାଉ।

# ସାଦାଉଙ୍କ ଗୋଲରେ ଏଫ୍‌ସି ଗୋଆ ବିଜୟୀ

**ଇଣ୍ଡିଆନ ସୁପର ଲିଗ୍**

ଫତୋର୍ଦା, ୬।୩

ତାରକା ଷ୍ଟ୍ରାଇକର ନୋଆ ସାଦାଉଙ୍କ ଗୋଲ ବଳରେ ଏଫ୍‌ସି ଗୋଆ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ୧-୦ ଗୋଲରେ ପରାସ୍ତ କରିଛି। ଫତୋର୍ଦା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସାଦାଉ ୪୨ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହି ବିଜୟ ଫଳରେ ଗୋଆ ୧୭ ମ୍ୟାଚରୁ ୩୨ ପଏଣ୍ଟ ସହିତ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଟେବୁଲ ଟପ୍ପର ଓଡ଼ିଶା ଏଫ୍‌ସିଠାରୁ ଏହି ଦଳ ଆଉ ମାତ୍ର ୩ ପଏଣ୍ଟ ପଛରେ ରହିଛି। ତେବେ ଓଡ଼ିଶା ଏଫ୍‌ସି ୧୮ଟି ମ୍ୟାଚ ଖେଳି ସାରିଛି। ମୁମ୍ବାଇ ସିଟି ଏଫ୍‌ସି ୧୭ ମ୍ୟାଚରୁ ୩୫ ଓ ମୋହନ ବାଗାନ ସୁପର ଜାଏଣ୍ଟ ୧୬ ମ୍ୟାଚରୁ ୩୩ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟରେ ରହିଛନ୍ତି।

# ଭିଜି ଟ୍ରଫି ଦଳରେ କିଟ୍‌ର ୫ ଖେଳାଳି

**ସମ୍ବଲପୁରରୁ ୨, ଉତ୍କଳ ଓ ରେଭେନ୍‌ଶାରୁ ଜଣେ ଲେଖାଏ ସାମିଲ**

ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଭିଜି ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୦ରୁ ୧୬ ପର୍ଯ୍ୟନ୍ତ ଆସାମର ଗୁଆହାଟୀରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଘୋଷିତ ପୂର୍ବାଞ୍ଚଳ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୫, ସମ୍ବଲପୁର ବିଶ୍ୱବିଦ୍ୟାଳୟର ୨ ଏବଂ ଉତ୍କଳ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏ ଖେଳାଳି ସାମିଲ ହୋଇଛନ୍ତି। କିଟ୍‌ର ଏମ୍. ପ୍ରଶାନ୍ତ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେବେ। ସେହିପରି ଏହି ବିଶ୍ୱବିଦ୍ୟାଳୟର ସନ୍ତୋଷ କୁମାର ଜେନା କୋଚ୍ ନିଯୁକ୍ତ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଫିଜିକାଲ ଏଜୁକେଶନ ଅଫିସର ଅବିନାଶ କର ଟିମ୍ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ପୂର୍ବାଞ୍ଚଳ ଦଳ ଗୁରୁବାର ଅପରାହ୍ନରେ ଭୁବନେଶ୍ୱରରୁ ଗୁଆହାଟୀ ଯାତ୍ରା କରିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ପୂର୍ବାଞ୍ଚଳ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ପୂର୍ବାଞ୍ଚଳ ଦଳ: ମାରୋଜୁ ପ୍ରଶାନ୍ତ(ଅଧିନାୟକ), ପାର୍ଥ ସାରଥି ନାୟକ, ନୀତୀଶ ନିରଞ୍ଜନ ସାମନ୍ତରାୟ, ସୂର୍ଯ୍ୟକାନ୍ତ ଭୂତିଆ, ଶିବାଶିଷ ସାହୁ(ସମସ୍ତେ କିଟ୍ ବିଶ୍ୱବିଦ୍ୟାଳୟ), ସୂଜାଲ ସିଂ, ଶ୍ରେଷ୍ଠ ସିଂ(ଉଭୟେ ସମ୍ବଲପୁର), ସୌରଭ ଗୌଡ଼ା (ଉତ୍କଳ), ରମଣ ଦାସ (ରେଭେନ୍‌ଶା), ରାଜନ ରାଜ, ଗୌରବ କୁମାର (ଉଭୟେ ମଗଧ), ପ୍ରଦୀପ ଦାସ (ବର୍ଦ୍ଧମାନ), ସଭାବ ଅଗ୍ରୱାଲ (ଡିବ୍ରୁଗଡ଼), ଗୌରବ ସାଇକିଆ (ଗୁଆହାଟୀ) ଓ ଅରକଜିତ ରୟ (ତ୍ରିପୁରା ବିଶ୍ୱବିଦ୍ୟାଳୟ)।



ଭିଜିଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ସାମିଲ କିଟ୍ ଖେଳାଳି ଓ କୋଚ୍।

# ଖେଲୋ ଇଣ୍ଡିଆ ପଦକ ବିଜେତାଙ୍କୁ ସରକାରୀ ଚାକିରି ସୁଯୋଗ

ନୂଆଦିଲ୍ଲୀ,୬।୩(ପି.ଟି.)

ଖେଲୋ ଇଣ୍ଡିଆ ପଦକ ବିଜେତାଙ୍କ ପାଇଁ କେନ୍ଦ୍ର ସରକାର ବଡ ଘୋଷଣା କରିଛନ୍ତି। ଏଣିକି ଖେଲୋ ଇଣ୍ଡିଆରେ ପଦକ ଜିତିଥିବା ଆଥ୍‌ଲେଟମାନେ ସରକାରୀ ଚାକିରି ପାଇଁ ଆବେଦନ କରିପାରିବେ। ବୁଧବାର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଏହାର ନିୟମରେ ସଂଶୋଧନ ଅଣାଯିବା ସହ ଏହି ଘୋଷଣା କରାଯାଇଛି। ଦେଶରେ ଏକ ଶକ୍ତିଶାଳୀ କ୍ରୀଡା ଭିତ୍ତିଭୂମି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ପୂରଣ ଲାଗି ଏହି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର। ଏହା ଦ୍ୱାରା କ୍ରୀଡାକୁ କ୍ୟାରିୟର କରୁଥିବା ଆଶାୟୀଙ୍କ ସଂଖ୍ୟା ବଢିବ ବୋଲି ସେ କହିଛନ୍ତି। ତେବେ କେବଳ ଖେଲୋ ଇଣ୍ଡିଆ ଗେମ୍ସ ନୁହେଁ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଗେମ୍ସ, ୟୁଥ୍ ଗେମ୍ସ, ପାରା ଓ ୱିଣ୍ଟର ଗେମ୍ସ ବିଜେତାଙ୍କୁ ମଧ୍ୟ ସରକାରୀ ଚାକିରି ପାଇଁ ଯୋଗ୍ୟ ମନେକରାଯିବ। ଏହା ସହ ସମସ୍ତ ଖେଳ ପାଇଁ ବିସ୍ତୃତ ନିୟମ ଖୁବ୍ ଶୀଘ୍ର ଘୋଷଣା କରାଯିବା ନେଇ 'ଏକ୍ସ'ରେ ପୋଷ୍ଟ କରିଛନ୍ତି ଠାକୁର। ଭାରତକୁ କ୍ରୀଡାର ପାୱାର ହାଉସ୍ କରିବାରେ ଏହା ଏକ ଉଲ୍ଲେଖନୀୟ ଘୋଷଣା ବୋଲି ସେ କହିଛନ୍ତି। ପ୍ରଥମ ଥର ପାଇଁ ୨୦୧୮ରେ ମୋଦି ସରକାର ଖେଲୋ ଇଣ୍ଡିଆ ଗେମ୍ସ ଆରମ୍ଭ କରିଥିଲେ। ତୃଣମୂଳ ସ୍ତରରୁ କ୍ରୀଡା ପ୍ରତିଭାଙ୍କୁ ବିକଶିତ କରିବା ପାଇଁ ଏହା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଗେମ୍ସ, ୟୁଥ୍ ଗେମ୍ସ, ପାରା ଓ ୱିଣ୍ଟର ଗେମ୍ସ ମଧ୍ୟ ପ୍ରଚଳନ କରାଯାଇଥିଲା। ଏପରିକି ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ମଧ୍ୟ ଆରମ୍ଭ ହୋଇଛି। ପୂର୍ବରୁ ସରକାରୀ ଚାକିରି ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ମେଡାଲ ବିଜେତାଙ୍କୁ ପ୍ରାଧାନ୍ୟ ମିଳୁଥିବା ବେଳେ ଏଣିକି ଖେଲୋ ଇଣ୍ଡିଆ ପଦକ ବିଜେତାଙ୍କୁ ମଧ୍ୟ ଯୋଗ୍ୟ ବିବେଚନା କରାଯିବ।

# ଡବଲ ବିଜୟ ସହ କ୍ୱାର୍ଟରରେ ସୁବ୍ରତ

ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)

**ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର**

■ ଆକାଶ, ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ବୁଧବାର ଡବଲ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ତାରକା ଖେଳାଳି ସୁବ୍ରତ ଦାସ। ସୁବ୍ରତ ପ୍ରଥମେ ଅନ୍ତିମ ଲିଗ୍ ମ୍ୟାଚରେ ଶାରଦା ବେହେରାଙ୍କୁ ୪-୨ରେ ହରାଇବା ପରେ ପ୍ରି-କ୍ୱାର୍ଟର ଫାଇନାଲରେ ଚିରଞ୍ଜୀବ ସିଂଙ୍କୁ ୪-୦ରେ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ଆକାଶ ମହାପାତ୍ର ଓ ଉଭାସ ମହାପାତ୍ର ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ଯଥାକ୍ରମେ ଗୋବିନ୍ଦ ରାଓଙ୍କୁ ୪-୨ ଓ ଶୁଭାଶିଷ ଶେଠୀଙ୍କୁ ୪-୨ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚଗୁଡ଼ିକ ମଧ୍ୟରେ ବିବେକ ପି.ଙ୍କୁ କୁନାଲ ଅଗ୍ରୱାଲ ୪-୧, ଆକ୍ରମ ଖାଁଙ୍କୁ ଆଶୁତୋଷ ପାଢ଼ୀ ୪-୦, ଗୋବିନ୍ଦ ଶର୍ମାଙ୍କୁ ସୌଭାଗ୍ୟ ବେହେରା ୪-୦ ଓ ଅମିୟ ରଞ୍ଜନ ନାୟକଙ୍କୁ ରାକେଶ ରୋଶନ ପ୍ରଧାନ ୪-୨ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସୁବ୍ରତ-ଆକାଶ, ଉଭାସ-କୁନାଲ, ସିଦ୍ଧାର୍ଥ-ଆଶୁତୋଷ ଏବଂ ସୌଭାଗ୍ୟ-ରାକେଶଙ୍କ ମଧ୍ୟରେ ମୁକାବିଲା ହେବ।




ଆକାଶ ମହାପାତ୍ର ଓ ଉଭାସ ମହାପାତ୍ର।

# ଟ୍ରାଏଲ୍ସ ନିୟମ ପରିବର୍ତ୍ତନ କଲା ଡବ୍ଲ୍ୟୁଏଫ୍ଆଇ

ନୂଆଦିଲ୍ଲୀ,୬।୩(ପି.ଟି.)

ରେସ୍‌ଲିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ପକ୍ଷରୁ ଏହାର ଟ୍ରାଏଲ୍ସ ନିୟମରେ ବଡ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଜଣେ ରେସ୍‌ଲର ଯେ କୌଣସି ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଏଣିକି କେବଳ ଖେଳାଳି ନିଜ ରାଜ୍ୟରୁ ହିଁ ଅଂଶଗ୍ରହଣ କରିପାରିବେ। ଜଣେ ଖେଳାଳି ଚାହିଁଲେ ଏକାଧିକ ଇଭେଣ୍ଟରେ ଅଂଶଗ୍ରହଣ କରି ପାରିବେ, ମାତ୍ର କେବଳ ନିଜ ରାଜ୍ୟରୁ ହିଁ ଖେଳିବାକୁ ପଡିବ। ଜୟପୁରରେ ମାର୍ଚ୍ଚ ୧୦ରେ ହେବାକୁ ଥିବା ଏହି ଇଭେଣ୍ଟ ପାଇଁ ଖେଳାଳିଙ୍କୁ ନିଜର ଡବ୍ଲ୍ୟୁଏଫ୍ଆଇ ଲାଇସେନ୍ସ ବୁକ୍, ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ହରିୟାଣା ପରି ରାଜ୍ୟର ପ୍ରତିଯୋଗୀମାନେ ଅନ୍ୟ ରାଜ୍ୟର ପ୍ରତିନିଧିତ୍ୱ କରୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସିକ୍କିମ ଓ ଅରୁଣାଚଳ ପ୍ରଦେଶ ଭଳି ରାଜ୍ୟରେ ଏକ ରାଜ୍ୟ ସଂଘ ମଧ୍ୟ ନାହିଁ। ତେବେ ଏଠିକାର ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରଣୀୟ ପ୍ରତିଯୋଗୀ ଭାବରେ ଅଂଶଗ୍ରହଣର ସୁଯୋଗ ମିଳିବ। ଏହି ରାଜ୍ୟମାନଙ୍କର ଅସଲି ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ଦିଆଯିବ। ଜାତୀୟ ଟ୍ରାଏଲ୍ସରେ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଅଲିମ୍ପିକ୍ସ ଗେମ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଦଳ ଘୋଷଣା କରାଯିବ। ରେସ୍‌ଲିଂ ଦଳକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ପ୍ରତିଯୋଗୀମାନଙ୍କୁ ଏକାଧିକ ଓଜନ ବର୍ଗରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ ବୋଲି ଡବ୍ଲ୍ୟୁଏଫ୍ଆଇ କହିଛି। ତେବେ ପୂର୍ବରୁ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ଅନ୍ତିମ ପଙ୍ଘାଲଙ୍କୁ ଏହି ଟ୍ରାଏଲ୍ସରେ ଅଂଶଗ୍ରହଣ ନ କରିବା ପାଇଁ ଅନୁମତି ମିଳିଛି।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)

ପ୍ରତି ବର୍ଷ ମାର୍ଚ୍ଚ ୮କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି। ଏହାକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ସେକ୍ରେଟାରିଏଟ ଆସୋସିଏଶନ ପକ୍ଷରୁ ସେକ୍ରେଟାରିଏଟରେ କାର୍ଯ୍ୟରତ ମହିଳାମାନଙ୍କୁ ନେଇ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଆସନ୍ତା ୭ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏଥିରେ ବରିଷ୍ଠ ମହିଳା ପ୍ରଶାସନିକ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଏଜି ଆନ୍ତଃ ବିଭାଗୀୟ କ୍ରିକେଟ: ବୁଢ଼ାବଳଙ୍ଗ ଚାମ୍ପିୟନ

ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ)

ମହାଲେଖାକାର କାର୍ଯ୍ୟାଳୟ ଅଡିଟ ଓ ଆକାଉଣ୍ଟସ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ତିନିଦିନିଆ ଏଜି ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପୁରୁଣା ଏଜି କଲୋନୀ ଖେଳ ପଡିଆରେ ବୁଧବାର ଉଦଯାପିତ ହୋଇଛି। ଏଥିରେ ଏଜି କାର୍ଯ୍ୟାଳୟର ବିଭିନ୍ନ ବିଭାଗର ୮ ଦଳ ଭାଗ ନେଇଥିଲେ। ଓଡ଼ିଶାର ପ୍ରମୁଖ ନଦୀ ଅନୁସାରେ ଦଳଗୁଡିକ ନାମିତ କରା ଯାଇଥିଲା। ଫାଇନାଲରେ ବୁଢ଼ାବଳଙ୍ଗ ଦଳ ସୁବର୍ଣ୍ଣରେଖା ଦଳକୁ ଭେଟିଥିଲା। ବୁଢ଼ାବଳଙ୍ଗ ଦଳ ୧୫ ଓଭରରେ ୩ ଉଇକେଟ ହରାଇ ୯୮ ରନ କରିଥିବାବେଳେ ସୁବର୍ଣ୍ଣରେଖା ଦଳ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରି ପରାଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କଲ୍ୟାଣ ଅଧିକାରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଏଜି ରିକ୍ରିଏଶନ କ୍ଲବର ସାଧାରଣ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଉପ ମହାଲେଖାକାର ସୁଶ୍ରୀ ତାନ୍ୟା ଆମ୍ବସ୍ତା, ସଚିନ କ୍ରିଷ୍ଣା କୌଶିକ ଓ ବିମଳେଶ କୁମାର ଅତିଥିଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଦଳକୁ କପ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସରୋଜ କୁମାର ବାରିକ, ଦୀପ୍ତିରଞ୍ଜନ ଜେନା, ସୁମିତୋଷ ପ୍ରହରାଜ, ଜଗନ୍ନାଥ ଦାସ, ସୌଭାଗ୍ୟ ମହାନ୍ତି, ଶିବନାଥ ମହାପାତ୍ର ଓ ସୁରେଶ ମହାନ୍ତି ପରିଚାଳନା କରିଥିଲେ।

## ଫୁର୍‌ସତ୍

# ସ୍ୱାଦିଷ୍ଟ ଷ୍ଟ୍ରିଟ୍ ଫୁଡ୍ 'ପିଟାଇ ପରଟା'

**କୋଲକାତା :** ରାସ୍ତାଘାଟରେ ମିଳୁଥିବା ଷ୍ଟ୍ରିଟ୍ ଫୁଡ୍‌କୁ ଖାଇବାକୁ ଭାରତୀୟମାନେ ବେଶ୍ ପସନ୍ଦ କରିଥାନ୍ତି। ଏହି ସୁସ୍ୱାଦୁ ଷ୍ଟ୍ରିଟ୍ ଫୁଡ୍ ବିନା ବିଭିନ୍ନ ଜନଗହଳିପୂର୍ଣ୍ଣ ବଜାରକୁ ଅନେକ ଲୋକ ଅସମ୍ପୂର୍ଣ୍ଣ ଦର୍ଶାଇଥାନ୍ତି। ପଶ୍ଚିମବଙ୍ଗ ରାଜଧାନୀ କୋଲକାତାର ବିଭିନ୍ନ ଜନଗହଳିପୂର୍ଣ୍ଣ ବଜାରରେ ଷ୍ଟ୍ରିଟ୍ ଫୁଡ୍‌ର ବହୁ ଚାହିଦା ରହିଛି। ଏଠାକାର ଜଣେ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀଙ୍କର ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସମ୍ପୃକ୍ତ ଦୋକାନୀ ଜଣକ ଏକ ନୂଆ ପ୍ରକାରର ପରଟା 'ପିଟାଇ ପରଟା' ତିଆରି କରୁଥିବା ଦେଖାଯାଉଛି, ଯାହାକୁ ସ୍ଥାନୀୟ ଲୋକେ ବେଶ୍ ପସନ୍ଦ କରୁଛନ୍ତି।



ଭାଇରାଲ୍ ଭିଡିଓରେ ଦେଖାଯାଉଛି ଯେ, ଜଣେ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀ ଏକ ନୂଆ ଉପାୟରେ ପରଟାକୁ ଥାଳିରେ ପରଷି ଗ୍ରାହକଙ୍କୁ ଦେଉଛନ୍ତି। ପରଟା ତିଆରି ହେବା ପରେ ସେ ଏହାକୁ ନିର୍ମମ ଭାବେ ପିଟୁଥିବା ଭିଡିଓରେ ଲକ୍ଷ୍ୟ କରାଯାଉଛି। କିଛି ସମୟରେ ପରଟା ଏକ ନିର୍ଦ୍ଦିଷ୍ଟ ଆକାରରେ ପହଞ୍ଚିବା ପରେ ସମ୍ପୃକ୍ତ ଦୋକାନୀ ଜଣକ ଏହାକୁ ଓଜନ କରି ତରକାରି ସହ ଗ୍ରାହକଙ୍କୁ ଥାଳିରେ ପରଷୁଛନ୍ତି। କୋଲକାତାର ବିହନ ଶର୍ମା ନାମକ ଜଣେ ଫୁଡ୍ ବ୍ଲଗର ନିଜ ଇନଷ୍ଟାଗ୍ରାମ ଆଇଡିରେ ଏହି ଭିଡିଓ ଶେୟାର କରି କ୍ୟାପସନରେ ଲେଖିଛନ୍ତି 'କୋଲକାତାର ପ୍ରସିଦ୍ଧ ପିଟାଇ ପରଟା'। ତେବେ ଏହି ନିଆରା ଡିସ୍‌କୁ ନେଇ ୟୁଜର୍ସଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି 'ପିଟାଇ ପରଟା' ଏକ ସ୍ୱାଦିଷ୍ଟ ବ୍ୟଞ୍ଜନ ହୋଇଥିବା କହି ଅନେକ ବ୍ୟକ୍ତି ଭିଡିଓରେ ସକାରାତ୍ମକ କମେଣ୍ଟ କରିଛନ୍ତି। ସେହିପରି କିଛି ୟୁଜର୍ସ ଏହି ଭିଡିଓରେ ଖାଦ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ୟୁରୋପା ଉପଗ୍ରହରେ କମ୍ ଅମ୍ଳଜାନ

**ଲଣ୍ଡନ:** ବୃହସ୍ପତିର ଚତୁର୍ଥ ବୃହତ୍ତମ ଉପଗ୍ରହ ୟୁରୋପା ସୌର ଜଗତରେ ସବୁଠାରୁ ବାସୋପଯୋଗୀ ବୋଲି ପୂର୍ବରୁ ବୈଜ୍ଞାନିକମାନେ ଅନୁମାନ କରୁଥିଲେ। କିନ୍ତୁ ୟୁରୋପାରେ ଅନୁମାନଠାରୁ କମ୍ ଅମ୍ଳଜାନ ଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଫଳରେ ଉପଗ୍ରହରେ ଜୀବସତ୍ତା ସନ୍ଧାନ ନେଇ ଚାଲିଥିବା ପ୍ରୟାସକୁ ଶକ୍ତ ଝଟକା ଲାଗିଛି। ୟୁରୋପାର ବରଫପୃଷ୍ଠରେ ଜଳୀୟ ଅଂଶ ଥିବା ସହ ଜୀବନ ଧାରଣର ସମ୍ଭାବନା ରହିଥିବା ଆଶା କରାଯାଉଥିଲା। ଏଠାରେ ଜଳୀୟ ଅଂଶ ପଥରଖଣ୍ଡ ସଂସ୍ପର୍ଶରେ ଆସି ଏକ ରସାୟନିକ ପାରସ୍ପରିକ କ୍ରିୟା ସୃଷ୍ଟି କରିଥାଏ। ଜୀବସତ୍ତା ପାଇଁ ଏହା ଅନୁକୂଳ ବୋଲି ପୂର୍ବରୁ ଗବେଷକମାନେ ମତ ଦେଇଥିଲେ। ତେବେ ପ୍ରଥମ ଥର ପାଇଁ ଜୁନୋ ମିଶନ ଦ୍ୱାରା ବୃହସ୍ପତି ଗ୍ରହରେ ଥିବା ପରିବେଶର ଏକ ନମୁନା ପରୀକ୍ଷା କରାଯାଇଥିଲା। ଏହାର ଫଳାଫଳକୁ 'ନେଚର୍ ଆଷ୍ଟ୍ରୋନୋମି' ଅଧ୍ୟୟନ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି।

# ବଲିଉଡ୍‌ରେ ନେପୋଟିଜମ୍ ନାହିଁ



ଇମ୍ରାନ୍ ହାଶ୍‌ମୀ

**ମୁମ୍ବାଇ:** ବଲିଉଡ୍ ତାରକା ଇମ୍ରାନ୍ ହାଶ୍‌ମୀ ନିଜର ରୋମାଣ୍ଟିକ୍ ଶୈଳୀ ପାଇଁ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ନିକଟରେ ସଲ୍‌ମାନ ଖାନ୍‌ଙ୍କ ଅଭିନୀତ 'ଟାଇଗର ୩'ରେ ଜଣେ ଖଳନାୟକ ଭୂମିକାରେ ଦମଦାର ଅଭିନୟ କରି ସେ ପ୍ରଶଂସକଙ୍କ ହୃଦୟ ଜିତିବାରେ ସଫଳ ହୋଇଥିଲେ। ତେବେ ଇମ୍ରାନ୍ ନିଜର ପରବର୍ତ୍ତୀ ଚଳଚ୍ଚିତ୍ର ଏବଂ ଧାରାବାହିକ ପାଇଁ ବର୍ତ୍ତମାନ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ବଲିଉଡ୍‌ରେ ନେପୋଟିଜିମ୍ ଚାଲିଥିବା ନେଇ ଅଭିନେତ୍ରୀ କଙ୍ଗନା ରନାୱତ୍ ଆଣିଥିବା ଅଭିଯୋଗ ଉପରେ ଇମ୍ରାନ୍ ନିଜ ପ୍ରତିକ୍ରିୟା ରଖିଛନ୍ତି। ଏହି ସାକ୍ଷାତ୍‌କାରରେ ଇମ୍ରାନ୍ କଙ୍ଗନାଙ୍କ କାର୍ଯ୍ୟ ଏବଂ ବ୍ୟକ୍ତିତ୍ୱକୁ ପ୍ରଶଂସା କରିଛନ୍ତି। ମହିଳା କେନ୍ଦ୍ରୀକ ଚଳଚ୍ଚିତ୍ର 'ଗ୍ୟାଙ୍ଗଷ୍ଟର୍'ରେ କଙ୍ଗନାଙ୍କ ସହ ତାଙ୍କର କାର୍ଯ୍ୟ ଅଭିଜ୍ଞତା ବିଷୟରେ ମଧ୍ୟ ସେ ଏହି ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ତେବେ ବଲିଉଡ୍‌ରେ ନେପୋଟିଜିମ୍ ବଢୁଥିବା ନେଇ କଙ୍ଗନାଙ୍କ ଅଭିଯୋଗକୁ ଇମ୍ରାନ୍ ଖଣ୍ଡନ କରିଛନ୍ତି। ଏହି ଅଭିଯୋଗ ସତ୍ୟ ହୋଇ ନ ଥିବା କହି ଅନ୍ୟ ସମସ୍ତ ଇଣ୍ଡଷ୍ଟ୍ରି ପରି ବଲିଉଡ୍‌ରେ ମଧ୍ୟ କିଛି ମାତ୍ରାରେ ନେପୋଟିଜିମ୍ ରହିଥିବା ସେ ପ୍ରକାଶ କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ବଲିଉଡରେ ବହୁ ମାତ୍ରାରେ ନୂତନ ଟ୍ୟାଲେଣ୍ଟକୁ ସୁଯୋଗ ମିଳୁଥିବା ନେଇ ସେ ଏହି ସାକ୍ଷାତକାରରେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮୫% ୱାଲେଟଧାରୀଙ୍କ ସମସ୍ୟା ନାହିଁ

## ପେଟିଏମ୍ ସଙ୍କଟ

**ମୁମ୍ବାଇ,୬।୩**

ଦେଶର ପ୍ରମୁଖ ଘରୋଇ ତଥା ଇ-ଫାଇନାନ୍ସ ସଂସ୍ଥା ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଲିମିଟେଡ୍ (ପିପିବିଏଲ)ର ଗ୍ରାହକ ଗତ କିଛି ସପ୍ତାହ ହେଲା ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏପରିକି ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକ ବ୍ୟବହାର କରୁଥିବା ପେଟିଏମ୍ ୱାଲେଟ ଓ ଉକ୍ତ ପେଟିଏମ୍ ୱାଲେଟରେ ଥିବା ଅର୍ଥର ବିନିଯୋଗକୁ ନେଇ ନାନା ଆଶଙ୍କା ରହିଥିଲା। ଏ ନେଇ ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ପିପିବିଏଲ୍ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଯୋଗୁ ସମ୍ପୃକ୍ତ ବ୍ୟାଙ୍କର ଗ୍ରାହକମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଏପରିକି ୮୦ରୁ ୮୫% ପେଟିଏମ୍ ୱାଲେଟ୍ ବ୍ୟବହାରକାରୀ ଗ୍ରାହକ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଏପରିକି ବ୍ୟାଙ୍କର ଅବଶିଷ୍ଟ ଗ୍ରାହକଙ୍କୁ କିଛିଟା ସମସ୍ୟାରେ ସମ୍ମୁଖୀନ ହେବା ସହ ସେମାନଙ୍କ ଆପ୍ ଅନ୍ୟ ବ୍ୟାଙ୍କ ସହିତ ଲିଙ୍କ୍ କରିବାକୁ ଦାସ ବିସ୍ତୃତ ଭାବେ ପରାମର୍ଶ ଦେଇଛନ୍ତି। ବିଶେଷକରି ୮୦ ରୁ ୮୫% ପେଟିଏମ୍ ୟୁଜରଙ୍କୁ ନିୟାମକୀୟ କାର୍ଯ୍ୟାନୁଷ୍ଠାନ ଯୋଗୁ କୌଣସି ପ୍ରକାର ଅସୁବିଧା ହୋଇନାହିଁ କିମ୍ବା ସେମାନଙ୍କୁ କୌଣସି ପ୍ରକାର ବ୍ୟବଧାନର ସମ୍ମୁଖୀନ ହେବାକୁ ପଡୁନାହିଁ। ତେବେ ବଳକା ଗ୍ରାହକଙ୍କୁ ସେମାନଙ୍କ ଆପ୍‌କୁ ନେଇ ଅନ୍ୟ ବ୍ୟାଙ୍କ ସହ ସଂଯୁକ୍ତ କରିବା ପାଇଁ ଆର୍‌ବିଆଇ ଗଭର୍ନର ମତ ଦେଇଛନ୍ତି। ସେହିଭଳି ୨୦୨୪ଜାନୁଆରୀ ୩୧ରୁ ଗ୍ରାହକଙ୍କ ଖାତାରେ ଜମା,କ୍ରେଡିଟ୍ ଅଥବା ଟପ୍‌ଅପ୍ ସ୍ୱୀକାର କରିବାକୁ ପିପିବିଏଲ୍ ଉପରେ ଆର୍‌ବିଆଇ ରୋକ ଲଗାଇଛନ୍ତି। ଏଥିପାଇଁ ଆଗକୁ ଅଧିକ ସମୟ ମିଳିବାର ଆଶଙ୍କାକୁ ଆର୍‌ବିଆଇ ଗଭର୍ନର ଅସ୍ୱୀକାର କରିଛନ୍ତି। ଏପରିକି ସେ କହିଛନ୍ତି, ପିପିବିଏଲ୍ ସମ୍ପର୍କିତ ୱାଲେଟଙ୍କୁ ମାର୍ଚ୍ଚ ୧୫ ସୁଦ୍ଧା ଅନ୍ୟ ବ୍ୟାଙ୍କ ସହ ଯୋଡନ୍ତୁ। ଏଥିପାଇଁ ୨୦୨୪ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୮୦ରୁ ୮୫% ୟୁଜର ଅନ୍ୟ ବ୍ୟାଙ୍କ ସହ ସଂଯୁକ୍ତ ଅଛନ୍ତି। ଏଣୁ ବାକି ୧୫%ଙ୍କୁ ଅନ୍ୟ ବ୍ୟାଙ୍କକୁ ଯିବା ଲାଗି ପରାମର୍ଶ ଦିଆଯାଇଛି। ଶକ୍ତିକାନ୍ତ କହିଛନ୍ତି, ଆର୍‌ବିଆଇ ଏକ ରେଗୁଲେଟେଡ୍ ୟୁନିଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିଛନ୍ତି, ଯାହା ଏହି ମାମଲାରେ ପିପିବିଏଲ୍ ସାମିଲ ହୋଇଛି। ଓ ଫିନ୍‌ଟେକ୍ କମ୍ପାନୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ଆର୍‌ବିଆଇ ଫିନ୍‌ଟେକ୍‌କୁ ସମ୍ପୂର୍ଣ୍ଣ ସମର୍ଥନ କରୁଥିବା ଓ ସେମାନଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ସେ କହିଛନ୍ତି।



ଶକ୍ତିକାନ୍ତ ଦାସ

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୬।୩**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୦୯ (୪୦୮.୮୬) ପଏଣ୍ଟ ବଢି ୭୪,୦୮୬(୭୪,୦୮୫.୯୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୮(୧୧୭.୭୫) ପଏଣ୍ଟ ବୃଦ୍ଧି ଘଟି ୨୨,୪୭୪ (୨୨,୪୭୪.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଜେଏଭିଏଲ୍‌ର ପ୍ରଥମ ଶିଖର ସମ୍ମିଳନୀ

**ଭୁବନେଶ୍ୱର,୬।୩**

ଗୋଦ୍‌ରେଜ୍ ଆଗ୍ରୋଭେଟ୍ ଲିମିଟେଡ୍ (ଜିଏଭିଏଲ୍) ପକ୍ଷରୁ 'କୃଷିରେ ମହିଳା' ଶୀର୍ଷକ ଶିଖର ସମ୍ମିଳନୀର ପ୍ରଥମ ସଂସ୍କରଣକୁ ସଫଳତାର ସହ ଆୟୋଜନ କରାଯାଇଛି। ଏହି କ୍ଷେତ୍ରର ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଏହା ଏକ ନିଆରା ପଦକ୍ଷେପ ହୋଇଥିବାବେଳେ ସେମାନଙ୍କର ବ୍ୟାପକ ଉପସ୍ଥିତି ଏବଂ ବିପୁଳ ଅବଦାନକୁ ମଧ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଜିଏଭିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ବଳରାମ ସିଂହ ଯାଦବ କହିଛନ୍ତି, ଭାରତୀୟ ମହିଳା ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ସେମାନଙ୍କର ବ୍ୟାପକ ଉପସ୍ଥିତି ଏବଂ ବିପୁଳ ଅବଦାନ ସତ୍ତ୍ୱେ ଅତ୍ୟାବଶ୍ୟକ ସମ୍ବଳର ଅଭାବ ରହିଛି। ତେଣୁ ଯେଉଁ ଦେଶରେ ଆମକୁ କୋଟି କୋଟିରୁ ଅଧିକ ଲୋକଙ୍କୁ ଖାଇବାକୁ ଦେବାକୁ ପଡିବ, ସେଠାରେ ଆମକୁ ଏକ ବ୍ୟବସ୍ଥା ସୃଷ୍ଟି କରିବାକୁ ପଡିବ ଯାହା କେବଳ ଚାଷ ଜମିରେ ନୁହେଁ ବରଂ କୃଷି ବ୍ୟବସାୟରେ ମହିଳାମାନଙ୍କୁ ପ୍ରୋତ୍ସାହିତ କରିପାରିବ। ବିଶେଷ କରି ସେମାନଙ୍କୁ ଆବଶ୍ୟକ ଜ୍ଞାନ, ଭିତ୍ତିଭୂମି ଏବଂ ସହାୟତା ପ୍ରଦାନ କରିବା ନିଶ୍ଚିତ ଭାବେ ଦେଶର ସାମଗ୍ରିକ କୃଷି ଉତ୍ପାଦନକୁ ବୃଦ୍ଧି କରିବାରେ ସହାୟକ ହେବ।

## ମହେଶ ପୂର୍ବତଟ ରେଳପଥର ନୂତନ ଅତିରିକ୍ତ ମହାପ୍ରବନ୍ଧକ



ମହେଶ କୁମାର ବେହେରା

**ଭୁବନେଶ୍ୱର,୬।୩**

ଭାରତୀୟ ରେଳର ପ୍ରମୁଖ ଜୋନ୍ ତଥା ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ମହେଶ କୁମାର ବେହେରା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭାରତୀୟ ରେଳ ଇଞ୍ଜିନିୟର୍ସ ସେବାର ବରିଷ୍ଠ ଅଧିକାରୀ ମହେଶ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ପୂର୍ବତଟ ରେଳପଥର ମୁଖ୍ୟ ଯୋଜନା ଏବଂ ଡିଜାଇନ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ବେହେରା ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ ବୁର୍ଲା (ସମ୍ବଲପୁର)ରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଶେଷ କରିବା ପରେ ଆଇଆଇଟି ମାଡ୍ରାସରୁ ସାମୁଦ୍ରିକ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲକରି ୧୯୯୧ରେ ଭାରତୀୟ ରେଳରେ ଯୋଗଦେଇଥିଲେ। ଏପରିକି ବେହେରା ପୂର୍ବତଟ ରେଳପଥର ଚିଫ୍ ବ୍ରିଜ୍ ଇଞ୍ଜିନିୟର, ଚିଫ୍ ଇଞ୍ଜିନିୟର (ବ୍ରିଜ୍ ପୁନର୍ବାସ), ଭୁବନେଶ୍ୱର ସ୍ଥିତ ରାଇଟ୍ସର ଗ୍ରୁପ୍ ଜେନେରାଲ ମ୍ୟାନେଜର ପାଟନା ଏବଂ ମୁଙ୍ଗେରର ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ୍‌ର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ସହିତ ସମ୍ବଲପୁରଠାରେ ସିନିୟର ଡିଭିଜନାଲ ଇଞ୍ଜିନିୟର (କୋ-ଅର୍ଡିନେଶନ) ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଉପମୁଖ୍ୟ ଭିଜିଲାନ୍ସ ଅଧିକାରୀ ଏବଂ ଉତ୍ତର ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଭାବେ କାର୍ଯ୍ୟ କରିଛନ୍ତି।



ପତଞ୍ଜଳି ଯୋଗପୀଠର ଗବେଷଣା ପ୍ରତିଷ୍ଠାନ ପରିସରରେ ପ୍ରାକୃତିକ ଉପାୟରେ ଔଷଧୀୟ ଉପାଦାନଗୁଡିକ ପ୍ରସ୍ତୁତି କରାଯାଉଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ଗବେଷଣା କେନ୍ଦ୍ରର ଜଡିବୁଟି କେନ୍ଦ୍ର ପରିଦର୍ଶନରେ ପତଞ୍ଜଳି ସମୂହର ମୁଖ୍ୟ ତଥା ସ୍ୱାମୀ ରାମଦେବଙ୍କ ସମେତ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।


CLASSIFIED DISPLAY

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| MORE SPACE ' SAME PRICE | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଲାଲ୍‌ଚାନ୍ଦ୍‌ର ଏଣ୍ଡ ଅଫ୍ ସିଜନ୍ ସେଲ୍ ଅଫର

**ଭୁବନେଶ୍ୱର,୬।୩**





ଲାଲ୍‌ଚାନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା 'ଏଣ୍ଡ ଅଫ୍ ସିଜନ୍ ସେଲ୍ 'ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ସୁନା, ରୁପା ଏବଂ ହୀରା ଅଳଙ୍କାରର ସ୍ୱତନ୍ତ୍ର ସଂଗ୍ରହକୁ ଗ୍ରାହକମାନେ କ୍ରୟ କରିପାରିବେ। ବିଶେଷକରି ଚଳିତ ବର୍ଷର ବିବାହ ଋତୁକୁ ନଜରରେ ରଖି ଲାଲ୍‌ଚାନ୍ଦ୍‌ର ସମସ୍ତ ଟ୍ରେଣ୍ଡି ଏବଂ ଏକ୍ସକ୍ଲୁସିଭ୍ ଡିଜାଇନ ଗହଣା ଉପରେ ଅନେକ ଆକର୍ଷଣୀୟ ଅଫର ରଖାଯାଇଛି। ସେହିଭଳି ଏହି 'ଏଣ୍ଡ ଅଫ୍ ସିଜନ୍ ସେଲ୍' ଅଫରରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ାମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୯୯ ଟଙ୍କା ଏବଂ ହୀରା ମୂଲ୍ୟର ପ୍ରତି କ୍ୟାରେଟ୍ ଉପରେ ଫ୍ଲାଟ୍ ୨୭,୫୦୦ଟଙ୍କାର ରିହାତି ପ୍ରଦାନ କରାଯାଉଛି। ଏହା ସହ ନିର୍ଦ୍ଦିଷ୍ଟ ଅନ୍ତର୍ଜାତୀୟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦% ଏବଂ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଓ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫% ରିହାତି ସହ ଲାଲ୍‌ଚାନ୍ଦ୍‌ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ଲାଲ୍‌ଚାନ୍ଦ୍ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଲାଲ୍‌ଚାନ୍ଦ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ କହିଛନ୍ତି, ଗ୍ରାହକମାନଙ୍କ ପସନ୍ଦ ଏବଂ ଚାହିଦାକୁ ଦୃଷ୍ଟିରେ ରଖି ଏହି 'ଏଣ୍ଡ ଅଫ୍ ସିଜନ୍ ସେଲ୍' ଅଫରର ଘୋଷଣା କରାଯାଇଛି। ଏପରିକି ଏହି ସୀମିତ ସମୟ ଅଫର ମାଧ୍ୟମରେ ସର୍ବୋତ୍କୃଷ୍ଟ ସଂଗ୍ରହର ଲାଭ ଉଠାଇବା ସୁଯୋଗ ଦିଆଯାଉଛି। ସେହିଭଳି ଲାଲ୍‌ଚାନ୍ଦ୍‌ର ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାର ଗଢ଼ାମୂଲ୍ୟ ସର୍ବନିମ୍ନ ରଖାଯାଇଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଓଡ଼ିଶା ଅଳଙ୍କାର ଶିଳ୍ପ ବଜାରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତକୁ ଗୁରୁତ୍ୱ ଦେଇଆସୁଛି। ଗ୍ରାହକମାନେ ଠକାମିର ଶିକାର ନ ହେବା ପାଇଁ ଲାଲ୍‌ଚାନ୍ଦ୍ ପ୍ରାରମ୍ଭରୁ ଆଜିଯାଏଁ ମିଡିଆ ସଚେତନତା ଅଭିଯାନ ଚଳାଇ ଆସୁଛି। ଏପରିକି ସୁନାର ଗୁଣବତ୍ତା ସହ 'ଅପ୍ ଟୁ' ସ୍କାମ୍, ସର୍ତ୍ତମୂଳକ କିମ୍ବା ବିଭ୍ରାନ୍ତିକର ଅଫରରୁ ଦୂରେଇ ରହିବା ଏବଂ ଅଳଙ୍କାର କ୍ରୟ ସମୟରେ ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ପାଇଁ ଗ୍ରାହକଙ୍କୁ ପରାମର୍ଶ ଦେଇଆସୁଛି। କେବଳ ସେତିକି ନୁହେଁ, କେବଳ ଗ୍ରାହକଙ୍କ ସୁବିଧା ପାଇଁ ଜନଗହଳିପୂର୍ଣ୍ଣ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନରେ ଥିବା ଶୋ'ରୁମ୍‌ର ପଛ ପାର୍ଶ୍ୱସ୍ଥ ନୂତନ ଦ୍ୱାରରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂର ବ୍ୟବସ୍ଥା ରହିଛି।

## ନଥିଂର ନୂତନ ଉତ୍ପାଦ

**ଭୁବନେଶ୍ୱର,୬।୩**

ସ୍ମାର୍ଟଫୋନ୍ ବ୍ରାଣ୍ଡ ନଥିଂର ନୂତନ ଉତ୍ପାଦ 'ଅଲ୍ ନ୍ୟୁ ଫୋନ୍ (୨ଏ)'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫୋନ୍ (୨ଏ)ରେ ସମସ୍ତ ଦକ୍ଷତା, ଇଞ୍ଜିନିୟରିଂ ଏବଂ କାରିଗରିତ୍ୱ ସହ ମୁଖ୍ୟ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦ୍ୱିଗୁଣିତ କରିଥାଏ। ଏକ ଶକ୍ତିଶାଳୀ ଅନନ୍ୟ ପ୍ରୋସେସର, ଅସାଧାରଣ ୫୦ଏମ୍‌ପି ଡୁଆଲ ରିୟର କ୍ୟାମେରା, ଅତିରିକ୍ତ ଉଜ୍ଜ୍ୱଳ ନମନୀୟ ଆମୋଲେଡ୍ ଡିସ୍‌ପ୍ଲେ ଏବଂ ସହଜ ଓଏସ୍ ଅନ୍ତର୍ଭୁକ୍ତ ରହିଛି, ଯାହା ପ୍ରତ୍ୟେକ ବାର୍ତ୍ତାଳାପ ସହ ଏକ ଦ୍ରୁତ ଏବଂ ସହଜ ଅନୁଭୂତି ପ୍ରଦାନ କରିଥାଏ। ଏ ସମ୍ପର୍କରେ ନଥିଂର ସିଇଓ ଏବଂ ସହ-ପ୍ରତିଷ୍ଠାତା କାର୍ଲ ପେଇ କହିଛନ୍ତି, ଚଳିତ ବର୍ଷ ଆମର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଫୋନ୍ (୨ଏ)ର ପ୍ରଥମ ବଡ଼ ପଦକ୍ଷେପ ହୋଇଥିବାବେଳେ ଏହାକୁ ଅନେକ ଲୋକ ପସନ୍ଦ କରୁଥିବା କିଛି ଉଦ୍ଭାବନକୁ ଅନୁଭବ କରିବାକୁ ସକ୍ଷମ କରିବ ଏବଂ ଆମେ ନିଶ୍ଚିତ ଯେ ଏହା ଆମର ସର୍ବଶ୍ରେଷ୍ଠ ବିକ୍ରି ହେଉଥିବା ଉତ୍ପାଦରେ ପରିଣତ ହେବ।


# Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

Schedule Caste G+2plan approval 2800sqft plot 70lakh Kalingavihar near k4 LIG and TATA Aryan. 8249086912. D-2695



CONSTRUCTION

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469. D-75917

GENERAL

SALE

ଗାଈ ଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675





Newly open health benefits spa special offer@999 Bapujinagar, 8018429809. D-76105

Relax, refresh your body, mind by expert therapist. Contact: 9938843929. D-76104

Relax, Refresh your body, Mind at Saikrupa Spa with best therapies. 8984068077. D-2600

Body massage by experience good looking therapist @ 999/- (Bhubaneswar). 9078484455. D-2688

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



୰ ପ୍ରସନ୍ନ କୁମାର ଆଚାର୍ଯ୍ୟ

ଅବସରପ୍ରାପ୍ତ ଶିକ୍ଷକ
ଆବିର୍ଭାବ- ୨୫।୦୭।୧୯୪୦
ତିରୋଧାନ- ୨୫।୦୨।୨୦୨୪

ଚାହୁଁ ଚାହୁଁ ବାରଦିନ ହୋଇଗଲା, ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କର ନୀତି ଆଦର୍ଶରେ ଗଢ଼ା ଆମେ, ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ ଅନୁଭବ କରୁଛୁ। ଆଜି ଦ୍ୱାଦଶାହ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶେଷରେ ଆପଣଙ୍କଠାରୁ ଆଶୀର୍ବାଦ କାମନା କରିରହୁଛୁ।

ଶୋକସନ୍ତପ୍ତ ପୁତ୍ର- ସତ୍ୟବ୍ରତ, ପୁତ୍ରବଧୂ- ମଉମିତା, କନ୍ୟା- ମଧୁମିତା ଓ ପ୍ରଶାନ୍ତି, ଜାମାତା- ଗଣେଶ୍ୱର ଓ ସତ୍ୟନାରାୟଣ, ନାତିନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।

ଧ-୨୬୯୪

ଦ୍ୱାଦଶାହ ଉପଲକ୍ଷେ



୰ସୀତାଦେବୀ ମିଶ୍ର

ଜନ୍ମ- ୧୫।୦୧।୧୯୩୨
ତିରୋଧାନ- ୨୫।୦୨।୨୦୨୪

ବୋଉ, ତୋ ଅମର ଆତ୍ମାର ଅନନ୍ତ ଯାତ୍ରାକୁ ଈଶ୍ୱର ସହଜ ଓ ସୁଗମ କରନ୍ତୁ, ଏତିକି ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ ତୋର
ଶୋକସନ୍ତପ୍ତ ପରିବାରବର୍ଗ

ଧ-୨୬୯୬


## ଡା. ଶିତିକଣ୍ଠ ଦାଶଙ୍କୁ ବିଜୁରତ୍ନ ସମ୍ମାନ

**ଭୁବନେଶ୍ୱର,୬।୩**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଅଧ୍ୟକ୍ଷ ଡା. ଶିତିକଣ୍ଠ ଦାଶଙ୍କୁ ନିକଟରେ ବିଜୁରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ଦୀର୍ଘଦିନର ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଦି ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଉଦ୍ୟୋଗୀଙ୍କର ଉଦ୍ୟମକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ-୨୦୨୪ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ଭି. ଭି. ଯାଦବ, ଓଟିଡିସି ଚେୟାରମ୍ୟାନ୍ ଲେନିନ୍ ମହାନ୍ତି, ବିଧାୟକ ସୁରେଶ କୁମାର ରାଉତରାୟ, ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ, ଏସ୍‌ବିଆଇର ସିଜିଏମ୍ ଦିନେଶ ପ୍ରୁଥୀ, ଟିପି ମାଇନ୍ସର ମୁଖ୍ୟ ତାରିଣୀ ପ୍ରସାଦ ମହାନ୍ତିଙ୍କ ସମେତ ଆଇଟି ମିଡିଆ ନେଟ୍‌ୱର୍କର ଅଧ୍ୟକ୍ଷ ଶୁବାଶିଷ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏପରିକି ମୁଖ୍ୟବକ୍ତା ଭାବେ ଓମ୍‌କାର ମହାନ୍ତି ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। ସେହିଭଳି କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସମୂହ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ରଖିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏପରିକି ପ୍ରାରମ୍ଭିକ ଅଧିବେଶନପରେ ଡା. ବି. କେ. ଦାସ (ଡିଜି, ଇସିଏସ୍, ଡିଆର୍‌ଡିଓ), ପ୍ରଫେସର୍ ମାଧବାନନ୍ଦ କର (ନିର୍ଦ୍ଦେଶକ ଏଆଇଏମ୍ସ, ମଙ୍ଗଳଗିରି), ଡା. ଶିତିକଣ୍ଠ ଦାଶ(ପରିଚାଳନା ନିର୍ଦ୍ଦେଶକ, କଳିଙ୍ଗ ହସ୍ପିଟାଲ), କାର୍ତ୍ତିକେଶ୍ୱର ପାତ୍ର (ଅଧ୍ୟକ୍ଷ, ଜିସିଏମ୍‌ଏଲ୍), ଶିବପ୍ରସାଦ ମହାନ୍ତି (ମୁଖ୍ୟ ନିର୍ଦ୍ଦେଶକ, ଏଚ୍‌ୟୁଆର୍‌ଏଲ୍) ଙ୍କୁ ସମ୍ମାନଜନକ ବିଜୁରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ସୁନୀଲ କାୟଲ୍(ପରିଚାଳନା ନିର୍ଦ୍ଦେଶକ, ରାଉରକେଲା ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍), ଏସ୍. ବି. ଗୁପ୍ତା (ପରିଚାଳନା ନିର୍ଦ୍ଦେଶକ, ଆର୍ ବି କନ୍‌ଷ୍ଟ୍ରକ୍ସନ)ଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲାବେଳେ ବାଣିଜ୍ୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ୩୪ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ- ୨୦୨୪' ପ୍ରଦାନ କରାଯାଇଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାଣ୍ଡକୁ ସୁନ୍ଦର ଗୋରୁ**
**ଘରକୁ ସୁନ୍ଦର ଜୋରୁ ।**

ଆଧ୍ୟାତ୍ମିକ ଦୃଷ୍ଟିରୁ ଗାଈଗୋରୁଙ୍କୁ ଶୁଭ ବୋଲି ବିଚାର କରାଯାଏ । ପୂର୍ବ କାଳରେ ଗୋରୁ ହିଁ ଥିଲା ସମ୍ପଦ ଓ ସୌଭାଗ୍ୟର କାରଣ । ଯାହା ଘରେ ଗୋରୁ ଥିଲା ସେ ସୁଖ ଓ ସମୃଦ୍ଧିର ଅଧିକାରୀ ହୋଇପାରୁଥିଲା । ସେହିପରି ଉତ୍ତମ ଘରଣୀ ଥିଲେ ଘରର ସମ୍ପଦ ଓ ସୌଭାଗ୍ୟ ବୃଦ୍ଧି ପାଏ । ଘର ଧନଧାନ୍ୟରେ ପୂରିଯାଏ ଯେବେ ଘରଣୀ ସୁଲକ୍ଷଣା ହୁଏ । ଉତ୍ତମ ଘରଣୀ ଘରକୁ ସୁବ୍ୟବସ୍ଥିତ ଢଙ୍ଗରେ ଚଳେଇନେଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଦେଖିବ ଶୁଣିବ କହିବ ନାହିଁ**
**ଯାଚିଲା ଭାତ ଛାଡ଼ିବ ନାହିଁ ।**

ଯାହା ଦେଖିବ ଓ ଶୁଣିବ ତାକୁ ଅନ୍ତରରେ ଗୋପନ ରଖିବା ଉଚିତ । କାରଣ ଏଭଳି ଗୋପନୀୟତା କଥା ଅନ୍ୟ ଆଗରେ ପ୍ରକାଶ କରିଦେଲେ ଅପ୍ରିୟତା ସୃଷ୍ଟି ହେବାର ସମ୍ଭାବନା ରହିଥାଏ । ସେହିପରି କିଏ ଖାଇବାକୁ ଯାଚିଲେ ମନା କରିବା ଉଚିତ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ**


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

**ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା**

## ପ୍ରୟାସକାନ୍ତିଙ୍କୁ ୧୮ ଘଣ୍ଟା ଇଡି ଜେରା

**ଭୁବନେଶ୍ୱର,୬।୩(ସତ୍ୟଜିତ୍ ରାଉତ)**

ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ଓରଫ ଲୁଲୁଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା କରିଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରୁ ପ୍ରୟାସକାନ୍ତି ନୟାପଲ୍ଲୀସ୍ଥିତ ଇଡିର ଆଞ୍ଚଳିକ କାର୍ଯ୍ୟାଳୟରେ ହାଜର ହେବା ପରେ ତାଙ୍କୁ ମାରାଥନ ଜେରା କରାଯାଇଥିଲା । ବୁଧବାର ଭୋର ପ୍ରାୟ ୪ଟା ୩୦ ବେଳେ ପ୍ରୟାସକାନ୍ତି ଇଡି ଅଫିସରୁ ବାହାରିଥିଲେ । ତେବେ ତାଙ୍କୁ ସେଠାରେ କିଛି ପଚରାଯାଇନାହିଁ ବୋଲି ପ୍ରୟାସକାନ୍ତି ଗଣମାଧ୍ୟମକୁ କହିଛନ୍ତି ।

ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ୧୫ରେ ଇଡି ପକ୍ଷରୁ ପ୍ରଫୁଲ୍ଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନ ସମେତ ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା । ଏହି ଚଢ଼ାଉବେଳେ ବିଭିନ୍ନ ଦସ୍ତାବିଜ୍, ୯ ଲକ୍ଷ ଟଙ୍କା, ୪୦ ଲକ୍ଷ ଟଙ୍କାର ଏକ ଟୟୋଟା ଫର୍ଚ୍ୟୁନର କାର୍, ତାରିଖ ନ ଥିବା କିଛି ଚେକ୍, ଜମି ଚୁକ୍ତିପତ୍ର, ଡିଜିଟାଲ ଡିଭାଇସ୍ ଜବତ କରିଥିଲା । ଏନେଇ ଇଡି ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ତେବେ ପୂର୍ବରୁ ଗତ ଫେବୃଆରୀ ୨୮ରେ ପ୍ରଫୁଲ୍ଲ ସାମଲଙ୍କୁ ମଧ୍ୟ ଇଡି ୮ ଘଣ୍ଟା ଧରି ଜେରା କରିଥିଲା ।

# ଦମ୍ପତି ଗିରଫ, ୪.୫ ଲକ୍ଷ ଟଙ୍କା ଜବତ

**ସାଇବର ଠକେଇର ପର୍ଦ୍ଦାଫାଶ**

**ବଡ଼ବିଲ,୬।୩(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କଳିଙ୍ଗନଗରରେ ଭଡ଼ା ଘରେ ରହୁଥିବା ପୂର୍ଣ୍ଣମାସୀ ଦଲେଇ ନାମ୍ନୀ ଅବସରପ୍ରାପ୍ତ ମହିଳା କର୍ମଚାରୀଙ୍କ ଆକାଉଣ୍ଟରୁ ୪ ଲକ୍ଷ ୫୦ ହଜାର ଟଙ୍କା ଠକେଇ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି । ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ତଥା ଦମ୍ପତିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ସମସ୍ତ ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି । ଗିରଫ ଦମ୍ପତି ହେଲେ କଳିଙ୍ଗନଗର ନ୍ୟୁ କଲୋନୀର ସ୍ତ୍ରୀ ଭାଗ୍ୟଲକ୍ଷ୍ମୀ ଜେନା ଏବଂ ସ୍ୱାମୀ ଅବିନାଶ କର୍ମକାର । ସୂଚନା ଅନୁଯାୟୀ, କଳିଙ୍ଗ ନଗର ନ୍ୟୁ କଲୋନୀରେ ପୂର୍ଣ୍ଣମାସୀ ଅଭିଯୁକ୍ତଙ୍କ ଘରେ ଭଡ଼ା ସୂତ୍ରରେ ରହୁଥିଲେ । ଗତ ୨ ତାରିଖ ପୂର୍ଣ୍ଣମାସୀ ତାଙ୍କ ବ୍ୟାଙ୍କ ଅକାଉଣ୍ଟ ଅପଡେଟ କରିବାରୁ ୨୦ ଜାନୁଆରୀ ୨୦୨୪ଠାରୁ ୨ ମାର୍ଚ୍ଚ ୨୦୨୪ ମଧ୍ୟରେ ଏକାଧିକବାର ଟ୍ରାଞ୍ଜାକ୍ସନ ହୋଇ ୪ ଲକ୍ଷ ୫୦ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ଯାଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ । ବଡ଼ବିଲ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଆସାମ ଏବଂ ରାଜସ୍ଥାନର ୨ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବାବେଳେ ପୁଣି ସେହି ଆକାଉଣ୍ଟଗୁଡ଼ିକରୁ ଗୃହ ମାଲିକଙ୍କ ଝିଅ ଭାଗ୍ୟଲକ୍ଷ୍ମୀ ଏବଂ ଜ୍ୱାଇଁ ଅବିନାଶ କର୍ମକାରଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା । ପୋଲିସ ଅଭିଯୁକ୍ତ ଦ୍ୱୟଙ୍କ ଥାନାକୁ ଆଣି ପଚରାଉଚରା କରିବାରୁ ଦୋଷ ସ୍ୱୀକାର କରିଥିଲେ ।

## ୧୨ରେ ସରିବ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋଶିପ ଆବେଦନ

**ଭୁବନେଶ୍ୱର, ୬।୩(ଅସମାପିକା ସାହୁ)**

ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋଶିପ ପାଇଁ ଆବେଦନ ଆରମ୍ଭ ହୋଇଯାଇଛି । ଇଚ୍ଛୁକ ପ୍ରାର୍ଥୀ https://nua.skillodisha.gov.in/cmskillfellowship.php ଅଫିସିଆଲ ୱେବ୍‌ସାଇଟ୍ ଜରିଆରେ ଆବେଦନ କରିପାରିବେ । ଆସନ୍ତା ୧୨ତାରିଖ ଭିତରେ ଆବେଦନ କରିବାକୁ ହେବ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ସୂଚନା ଦିଆଯାଇଛି । ଏହି ଫେଲୋଶିପ ସମସ୍ତ ଜିଲାରେ ଦକ୍ଷତାମୂଳକ ପଦକ୍ଷେପର ବିକେନ୍ଦ୍ରୀକରଣରେ ଯୋଗଦାନ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବା ସହ ସ୍କିଲ୍ଡ ଇନ୍ ଓଡ଼ିଶା ବ୍ରାଣ୍ଡକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ । ଆବେଦନକାରୀମାନେ ଭାରତୀୟ ନାଗରିକ ହୋଇଥିବେ । ଏଥିସହ ଯେକୌଣସି ବିଷୟରେ ସ୍ନାତକ ହୋଇଥିବା ଆବଶ୍ୟକ । ଦଶମ, ଦ୍ୱାଦଶ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଅତିକମ୍‌ରେ ୫୦% ମାର୍କ ସହିତ ଆବେଦନ ସମୟରେ ବୟସ ସୀମା ୨୧ରୁ ୩୦ ବର୍ଷ ମଧ୍ୟରେ ହେବା ଆବଶ୍ୟକ । ସ୍ଥାନୀୟ ଭାଷାର ଜ୍ଞାନ ଏବଂ ଦକ୍ଷତା ବିକାଶରେ ପୂର୍ବ ଅଭିଜ୍ଞତା ଜରୁରୀ ।

## ୧୧ରୁ ଶିକ୍ଷକଙ୍କ ସଂକଳ୍ପ ସମାବେଶ | ଦାବି ପୂରଣ ନ ହେଲେ ପରୀକ୍ଷା ଖାତା ମୂଲ୍ୟାୟନ, ନିର୍ବାଚନ ପରିଚାଳନା ବର୍ଜନ

**ଭୁବନେଶ୍ୱର, ୬।୩(ଅସମାପିକା ସାହୁ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଆହ୍ୱାନରେ ଭୁବନେଶ୍ୱର ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ପ୍ରତୀକାତ୍ମକ ଗଣଧାରଣା ବୁଧବାର ୨୯ ଦିନରେ ପହଞ୍ଚିଛି । ହେଲେ ରାଜ୍ୟ ସରକାର ଅନୁରୋଧକ୍ରମେ ଶିକ୍ଷକମାନେ ମାଟ୍ରିକ ପରୀକ୍ଷାରେ ସହଯୋଗ କରିଥିଲେ ମଧ୍ୟ ପ୍ରତିଶ୍ରୁତି ମୁତାବକ ଦାବି ପୂରଣ କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସରକାରଙ୍କ ଶିକ୍ଷା, ଶିକ୍ଷକ ମାରଣ ନୀତି ବିରୋଧରେ ଆସନ୍ତା ୧୧ ଓ ୧୨ ତାରିଖରେ ସଚିବାଳୟ ସମ୍ମୁଖରେ ସଂକଳ୍ପ ସମାବେଶ ଅନୁଷ୍ଠିତ ହେବ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି । ବୁଧବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏ ନେଇ ସୂଚନା ଦେଇ କହିଛନ୍ତି, ଦାବି ପୂରଣ କରିବେ ବୋଲି କହି ସରକାର ମାଟ୍ରିକ ପରୀକ୍ଷାରେ ସହଯୋଗ କରିବାକୁ ସଂଘକୁ ଅନୁରୋଧ କରିଥିଲେ । ଏହାପରେ ସଂଘ ଧାରଣାକୁ ପ୍ରତୀକାତ୍ମକ ଭାବେ ଜାରି କରି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲା । ଏବେ ପରୀକ୍ଷା ଶେଷ ହୋଇଥିଲେ ମଧ୍ୟ ସମସ୍ୟା ସମାଧାନ ନ ହୋଇ ପୂର୍ବଭଳି ପଡ଼ି ରହିଛି । ଶହ ଶହ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅହୋରାତ୍ର ପ୍ରତୀକାତ୍ମକ ଧାରଣାରେ ବସିଛନ୍ତି । ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ଦେବା କ୍ଷେତ୍ରରେ ୧୦ ତାରିଖ ସୁଦ୍ଧା ଏକ ନୀତିଗତ ନିଷ୍ପତ୍ତି ନ ନେଲେ ଓ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ପେନ୍‌ସନ୍ ନ ଦେଲେ ହଜାର ହଜାର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷାକର୍ମଚାରୀ ପିଲାଛୁଆଙ୍କ ସହ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକଙ୍କୁ ସାଥିରେ ଧରି ଏହି ସଂକଳ୍ପ ସମାବେଶରେ ଏକତ୍ରିତ ହେବେ । ସେହିଦିନ ଚରମ ନିଷ୍ପତ୍ତି ନେବାକୁ ବାଧହେବୁ । ପରୀକ୍ଷା ଖାତା ମୂଲ୍ୟାୟନ ସହିତ ନିର୍ବାଚନ ପରିଚାଳନା କାର୍ଯ୍ୟକୁ ବର୍ଜନ କରିବୁ । ଲକ୍ଷ ଲକ୍ଷ ଶିକ୍ଷକ ଓ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏହି ବର୍ଜନ ନିଷ୍ପତ୍ତି ପତ୍ର ରାଜ୍ୟପାଳ, ରାଷ୍ଟ୍ରପତି ତଥା ନିର୍ବାଚନ ଆୟୋଗଙ୍କୁ ଦେବୁ ବୋଲି ରଞ୍ଜନ କହିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଔପଚାରିକ ଘୋଷଣା ...

ନେତାମାନଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅପରାହ୍ନ ପ୍ରାୟ ୫ଟା ୧୫ ମିନିଟରେ ନବୀନ ନିବାସ ଛାଡ଼ିଥିଲେ । ଅନୁସୂଚିତ ଜାତି ଓ ଜନଜାତି ବ୍ୟାପାର ମନ୍ତ୍ରୀ ଜଗନ୍ନାଥ ସାରକା ମଧ୍ୟ ନବୀନଙ୍କ ସହ ଗୋଠପାଟଣାଠାରେ ଆଦିବାସୀ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଯାଇଥିଲେ । ସେଠାରୁ ଫେରିବା ପରେ ସନ୍ଧ୍ୟା ୬ଟା ୩୦ ମିନିଟରେ ପୁଣି ନବୀନ ନିବାସରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୭ଟା ୧୫ ମିନିଟରେ ବୈଠକ ଶେଷ ହୋଇଥିଲା । ତେବେ ବୈଠକର ନିର୍ଯ୍ୟାସକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଥିଲା । ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ସହ ମେଣ୍ଟ ହେବ କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା । ତେବେ ବୈଠକ ଶେଷରେ ବିଜେଡି ପକ୍ଷରୁ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏବଂ ବରିଷ୍ଠ ସାଧାରଣ ସମ୍ପାଦକ ଅରୁଣ ସାହୁଙ୍କ ନାମରେ ମିଳିତ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ବୁଧବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆସନ୍ତା ଲୋକ ସଭା ଓ ବିଧାନସଭା ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା ହୋଇଛି । ଏଥିସହିତ ଆସନ୍ତା ୨୦୩୬ ମସିହାରେ ଓଡ଼ିଶା ଗଠନ ହେବାକୁ ଶହେ ବର୍ଷ ପୂର୍ତ୍ତି ହେଉଛି । ଏହି ସମୟ ମଧ୍ୟରେ ବିଜେଡି ଏବଂ ମୁଖ୍ୟମନ୍ତ୍ରୀଙ୍କର ରାଜ୍ୟ ପାଇଁ ଅନେକ ବୃହତ୍ ଯୋଜନା ହାସଲ କରିବାକୁ ଅଛି । ଓଡ଼ିଶାବାସୀ ଓ ରାଜ୍ୟର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ସବୁ କିଛି କରିବାକୁ ପ୍ରସ୍ତୁତ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ବୈଠକରେ ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁ, ସଞ୍ଜୟ କୁମାର ଦାସବର୍ମା, ପ୍ରଫୁଲ୍ଲ ସାମଲ, ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ପଣ୍ଡା, ଜଗନ୍ନାଥ ସାରକା, ଟୁକୁନି ସାହୁ, ପ୍ରଦୀପ ଅମାତ, ଦେବୀପ୍ରସାଦ ମିଶ୍ର, ଉଷା ଦେବୀ, ପ୍ରଣବ ବଳବନ୍ତରାୟ, ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଶାନ୍ତ ସିଂ, ପ୍ରୀତିରଞ୍ଜନ ଘଡ଼ାଇ, ବିକ୍ରମ ଆରୁଖ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ସନ୍ଧ୍ୟାରେ ନୂଆଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କୋର୍ କମିଟି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ଜୁଏଲ ଓରାମଙ୍କ ସମେତ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର ପ୍ରମୁଖ ଯୋଗ ଦେଇଛନ୍ତି । ବୈଠକରେ ଯୋଗଦେଇଥିବା ଜୁଏଲ ଓରାମ ଭାଜପା ବୈଠକରେ ମେଣ୍ଟ ସମ୍ପର୍କରେ ଆଲୋଚନା ହୋଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆମେ ଏକାକୀ ଲଢ଼ିବା ନେଇ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଜଣାଇଛୁ । ମେଣ୍ଟ ନେଇ କେନ୍ଦ୍ର ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ।

ସୂଚନାଯୋଗ୍ୟ, ବିଜେଡି ଓ ଭାଜପା ମଧ୍ୟରେ ୨୦୦୦ରୁ ୨୦୦୯ ଯାଏ ମେଣ୍ଟ ହୋଇଥିଲା । କନ୍ଧମାଳ ଦଙ୍ଗାକୁ ନେଇ ୨୦୦୯ ମାର୍ଚ୍ଚ ୮ରେ ବିଜେଡି ମେଣ୍ଟରୁ ଓହରି ଯାଇଥିଲା । ଭାଜପା ସହ ସମ୍ପର୍କ ଛିନ୍ନ କରି ବିଜେଡି ୨୦୦୯ ସାଧାରଣ ନିର୍ବାଚନ ଏକାକୀ ଲଢ଼ିଥିଲା । ସେହି ନିର୍ବାଚନରେ ବିଜେଡିକୁ ୧୦୩ ବିଧାନସଭା ଆସନ ମିଳିଥିବା ବେଳେ ଭାଜପାକୁ ମାତ୍ର ୬ ଓ କଂଗ୍ରେସକୁ ୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ଅପେକ୍ଷାକୃତ ଅଧିକ ଭୋଟ ମିଳିଥିଲା । ବିଜେଡି ଓ ଭାଜପା ମେଣ୍ଟ କରି ୨୦୦୦ ଓ ୨୦୦୪ ସାଧାରଣ ନିର୍ବାଚନ ଏକାଠି ଲଢ଼ିଥିଲେ । ୧୫ ବର୍ଷ ପରେ ପୁଣିଥରେ ଭାଜପା ଓ ବିଜେଡି ମେଣ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି । ୨୦୦୪ ଲୋକ ସଭା ନିର୍ବାଚନରେ ବିଜେଡି ୧୨ ଓ ଭାଜପା ୯ ଆସନରେ ଏବଂ ବିଧାନସଭା ନିର୍ବାଚନରେ ଯଥାକ୍ରମେ ୮୪ ଓ ୬୩ ଆସନରେ ଲଢ଼ିଥିଲେ ।


ବୁଧବାର ନବୀନ ନିବାସରେ ଅନୁଷ୍ଠିତ ବିଜେଡିର ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇଥିବା ନେତୃବୃନ୍ଦ । (ବାମରୁ) ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ମନ୍ତ୍ରୀ ପ୍ରତାପ ଦେବ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ପ୍ରଣବ ବଳବନ୍ତରାୟ, ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ।


ବୈଠକ ପରେ ବିଜେଡିର ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ଅରୁଣ ସାହୁ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ।

## ୫ ଜଣଙ୍କୁ ଫାଶୀ ...

ଡାକିଥିଲେ । ରାତି ପ୍ରାୟ ୧୦ଟା୩୦ ସମୟରେ ହଠାତ୍ ସେମାନେ ଲୁଚାଇ ଆଣିଥିବା ମାରଣାସ୍ତ୍ରରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ପରିବାର ଲୋକେ ତାଙ୍କର ଚିତ୍କାର ଶୁଣି ଆସିଥିବାବେଳେ ଅଭିଯୁକ୍ତ ରାମଚନ୍ଦ୍ରଙ୍କ ଗୋଡ଼ ଓ ହାତକୁ ହାଣି ଗ୍ରାମରେ ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ । ଏଥିସହ କଟା ହାତର ମାଂସ ଖାଇଥିବାର ବି ଚର୍ଚ୍ଚା ହୋଇଥିଲା । ସବୁ ଘଟଣା ପରିବାର ଲୋକଙ୍କ ଆଗରେ ଘଟିଥିଲେ ମଧ୍ୟ ଭୟରେ ସମସ୍ତେ ନିରୁପାୟ ହୋଇ ଦେଖୁଥିଲେ । ଅଭିଯୁକ୍ତମାନେ ପଳାଇଯିବା ପରେ ରାମଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଝିଅ ମିନାରାଣୀ ବେହେରାଙ୍କ ଏତଲା କ୍ରମେ ପୋଲିସ ଘଷିପୁରା ଥାନାରେ ଏକ ହତ୍ୟା ମାମଲା (ନଂ.୫୧/୧୯) ରୁଜୁ କରିଥିଲା । ୨୦୧୯ ମେ ୨୨ରେ ଚାର୍ଜଶିଟ୍ ଦାଖଲ ସମୟରେ ମୋଟ ୧୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କ ନାମରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା । ଏଥି ମଧ୍ୟରୁ ଅଜିତ, ସଞ୍ଜୟ, ଅରୁଣ, ଅଲେଖ ଏବଂ ଦୋଳଙ୍କୁ ଆନନ୍ଦପୁର ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଥିଲା । ଅନ୍ୟ ଜଣେ ଅଭିଯୁକ୍ତ ପ୍ରମୋଦ ଦାସ ଘଟଣା ସମୟରେ ନାବାଳକ ଥିବାରୁ ସେ କେନ୍ଦୁଝର ଜୁଭେନାଇଲ କୋର୍ଟ ଅଧୀନରେ ବିଚାରାଧୀନ ଭାବେ ରହିଛନ୍ତି । ଏହି ମାମଲାର ରାୟ ପ୍ରକାଶକୁ ନେଇ ବୁଧବାର କୋର୍ଟ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା । ଶୃଙ୍ଖଳା ରକ୍ଷା ଓ ସୁରକ୍ଷା ଦିଗରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଦୋଷୀଙ୍କୁ ଫାଶି ଦଣ୍ଡାଦେଶ ଶୁଣାଣି ପରେ ଅଭିଯୋଗକାରିଣୀ ତଥା ପ୍ରତ୍ୟକ୍ଷଦର୍ଶୀ ମିନାରାଣୀ ସନ୍ତୋଷ ପ୍ରକାଶ କରିବା ସହିତ ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ୫ ଶହ ବର୍ଷ ଲାଗିଥିଲା । ସେ ମଧ୍ୟ ତାଙ୍କ ବାପା (ରାମଚନ୍ଦ୍ର ବେହେରା)ଙ୍କ ପାଇଁ ୫ ବର୍ଷ ସଂଗ୍ରାମ କରିଛନ୍ତି । ଲଢ଼େଇରେ ତାଙ୍କ ବାପାଙ୍କୁ ନ୍ୟାୟ ମିଳିପାରିଛି ଓ ଅଭିଯୁକ୍ତଙ୍କ ପ୍ରତି ନ୍ୟାୟପାଳିକାର ବିଚାର ଓ ଦଣ୍ଡାଦେଶ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି । ନ୍ୟାୟପାଳିକା ଓ ତଦନ୍ତକାରୀ ଅଧିକାରୀମାନଙ୍କୁ ସେ ଧନ୍ୟବାଦ ଅର୍ପଣ ଜଣାଇଛନ୍ତି । ସୂଚନାଯୋଗ୍ୟ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସମୟରୁ ରାମଚନ୍ଦ୍ରଙ୍କ ରାଜନୈତିକ ପ୍ରଭାବ ରହିଥିଲା । କୌଣସି କାର୍ଯ୍ୟକୁ ନେଇ ଅଭିଯୁକ୍ତଙ୍କ ସହ ତାଙ୍କର ଶତ୍ରୁତା ଲାଗି ରହିଥିଲା । ପୂର୍ବ ଗଣ୍ଡଗୋଳକୁ ନେଇ ଜଣେ ଅଭିଯୁକ୍ତଙ୍କ ମା' ମଧ୍ୟ ରାମଚନ୍ଦ୍ରଙ୍କ ନାମରେ ଅଭିଯୋଗ କରିଥିଲେ । ସେ ସମୟରେ ଅଭିଯୋଗକୁ ନେଇ ରାମଚନ୍ଦ୍ର ଅଭିଯୁକ୍ତଙ୍କ ମା'ଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ଯେହେତୁ ରାମଚନ୍ଦ୍ର ବିଜେଡିରେ ଯୋଗଦେବାର ଚର୍ଚ୍ଚା ହେଉଥିଲା ଓ ରାମଚନ୍ଦ୍ର ପ୍ରଭାବଶାଳୀ ହୋଇଗଲେ ହଇରାଣ କରିବା ଆଶଙ୍କାରେ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇଥିବା ଆଲୋଚନା ହୋଇଥିଲା । ଏଥିସହ ରାଜନୈତିକ ଦୃଷ୍ଟି କୋଣରୁ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଯାଉଥିବା ରାମଚନ୍ଦ୍ରଙ୍କୁ ରାସ୍ତାରୁ ହଟାଇ ଦେବାକୁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା । ଏହା ପଛରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ସେତେବେଳେ ବିରୋଧୀମାନେ ହୋହାଲ୍ଲା କରିଥିଲେ ।

## ବାପା, ଦୁଇ ପୁଅଙ୍କୁ ...

ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି । ୨୦୧୫ ଅକ୍ଟୋବରରେ ଭୂଷଣ ଓ ବଳରାମଙ୍କ ମଧ୍ୟରେ ଅଟୋ ଭଡ଼ାକୁ କେନ୍ଦ୍ରକରି ଝଗଡ଼ା ଲାଗିଥିଲା । ଏ ନେଇ ଥାନାକୁ ଅଭିଯୋଗ ଯିବାରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଭୂଷଣ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ । ସେହିବର୍ଷ ଡିସେମ୍ବର ୨୦ ତାରିଖରେ ବଳରାମଙ୍କୁ ହତ୍ୟା କରାଯାଇଥିଲା । ବଳରାମ, ତାଙ୍କର ୨ ଭାଇ ପ୍ରମୋଦ ଓ ପ୍ରଦୀପ ନିଜ ଜମିରେ କାମ କରୁଥିବା ବେଳେ ଭୂଷଣ ଓ ତାଙ୍କର ଦୁଇ ପୁଅ ଭଗବାନ ଏବଂ ଅଜିତ ସେଠାକୁ ଯାଇଥିଲେ । ସେମାନେ ବଳରାମଙ୍କୁ ଖଣ୍ଡା, କାତି ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଭାଇମାନେ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଚମ୍ପଟ ମାରିଥିଲେ । ଗୁରୁତର ୩ ଭାଇଙ୍କୁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ବଳରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ୨ଭାଇଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ଅଭିଯୋଗ ପରେ ପାଟପୁର ଥାନାରେ ନଂ.୧୯୫/୧୫ରେ ମାମଲା ରୁଜୁ ହୋଇଥିଲା । ପୋଲିସ ଭଗବାନଙ୍କୁ ସେହିଦିନ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଫେରାର ଥିବା ତାଙ୍କ ବାପା ଭୂଷଣଙ୍କୁ ୨୭ ତାରିଖରେ ଓ ଭାଇ ଅଜିତଙ୍କୁ ୨୦୧୬ ମାର୍ଚ୍ଚ ୨୮ ତାରିଖରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା । ଗିରଫ ପରଠାରୁ ଭୂଷଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ବେଳେ ପର୍ଯ୍ୟାୟକ୍ରମେ ତାଙ୍କ ୨ ପୁଅ ହାଇକୋର୍ଟରୁ ଜାମିନରେ ମୁକୁଳିଥିଲେ । ତଦନ୍ତ ଅଧିକାରୀ ତତ୍କାଳୀନ ପାଟପୁର ଥାନାଧିକାରୀ ଅଜୟ କୁମାର ବାରିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ । ମାମଲାର ବିଚାର ବେଳେ ମୋଟ ୨୪ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଭୂଷଣ ଓ ଜାମିନରେ ଥିବା ଦୁଇ ପୁଅ ଭଗବାନ ଏବଂ ଅଜିତ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ ଜଜ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ ।

## ଡ୍ରାଇଭିଂ ଟେଷ୍ଟବେଳେ ...

ଅତିରିକ୍ତ କମିଶନର ଟ୍ରାନ୍ସପୋର୍ଟ (ସଡ଼କ ସୁରକ୍ଷା) ଲାଲ୍‌ମୋହନ ସେଠୀ ଏବଂ ଏନ୍‌ସିସି ନିର୍ଦ୍ଦେଶକ, ଓଡ଼ିଶା ସରକାର କେ. ମହାନ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରାୟ ୬୩ ହଜାର କ୍ୟାଡେଟ୍ ସଡ଼କ ସୁରକ୍ଷା ଦିଗରେ ଜୁନିୟର ରକ୍ଷକ ଭାବେ କାର୍ଯ୍ୟ କରିବେ । ଏହି ଏନ୍‌ସିସି କ୍ୟାଡେଟ୍-କମ୍ ଜୁନିୟର ରକ୍ଷକ ଆମର ଭବିଷ୍ୟତର ସଡ଼କ ସୁରକ୍ଷା ରାଷ୍ଟ୍ରଦୂତ ହେବେ, ଯେଉଁମାନେ ସେମାନଙ୍କ ବନ୍ଧୁ, ପରିବାର ଏବଂ ଜନସାଧାରଣଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତାର ଜାଗରୁକତା ବିସ୍ତାର କରିବାରେ ପ୍ରମୁଖ ଭୂମିକା ନେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି । ମୁଖ୍ୟ ଅତିଥି ତଥା ବିଭାଗୀୟ ମନ୍ତ୍ରୀ ଟୁକୁନୀ ସାହୁ ରାଜ୍ୟର ୬ଟି ସ୍ଥାନ ଯଥା ଅନୁଗୋଳ, ଢେଙ୍କାନାଳ, ରାଉରକେଲା, ସୁନ୍ଦରଗଡ଼, କେନ୍ଦୁଝର ଓ ଗଞ୍ଜାମରେ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଲୋକାର୍ପଣ କରିଛନ୍ତି । ଟ୍ରାଫିକ୍ ନିୟମ ଏବଂ ସଡ଼କ ଚିହ୍ନ ବିଷୟରେ ପର୍ଯ୍ୟାପ୍ତ ଜ୍ଞାନର ଅଭାବ ହେତୁ ଅଧିକାଂଶ ଦୁର୍ଘଟଣା ଘଟୁଛି । ତେଣୁ ଏହି ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ କାର୍ଯ୍ୟକାରୀ ହେବାକୁ ଯାଉଛି । ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍ ବଳରେ ଯୋଗ୍ୟ ବ୍ୟକ୍ତିମାନେ ଡ୍ରାଇଭିଂ ଲାଇସେନ୍ସ ପାଇ ଦୁର୍ଘଟଣା ହ୍ରାସ କରିବାରେ ସାହାଯ୍ୟ କରିବେ । ଏହା ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ପାଇଁ ପରୀକ୍ଷା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଓ ମାନୁଆଲ ପରୀକ୍ଷା ପ୍ରକ୍ରିୟା ତୁଳନାରେ ଅଧିକ ଦକ୍ଷ ଏବଂ ସ୍ୱଚ୍ଛ ହେବ । ମନ୍ତ୍ରୀ ସାହୁ ଏହି ଅବସରରେ ସାରା ରାଜ୍ୟର ୨୩ ସ୍ଥାନରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାସ୍ତାକଡ଼ରେ ବେଆଇନ ପାର୍କିଂ ହେଉଛି ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ । ବିଗତ ୨ରୁ ୩ ବର୍ଷ ମଧ୍ୟରେ ରାସ୍ତା ପାର୍ଶ୍ୱରେ ପାର୍କିଂ ଯାନ ସହ ଜଡ଼ିତ ଦୁର୍ଘଟଣା ୨୨୦% ବଢ଼ିଛି ଓ ୮୫୨ ଜଣଙ୍କର ମୃତ୍ୟୁ ଘଟିଛି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଆମର ସଡ଼କ ଦୁର୍ଘଟଣା ମୃତ୍ୟୁକୁ ମଧ୍ୟ ଆମେ ହ୍ରାସ କରିପାରିବା ବୋଲି ସେ କହିଛନ୍ତି ।

## ବିଏସ୍‌କେୱାଇ-ନବୀନ...

ମହିଳାମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବାବେଳେ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା କରାଯାଇଛି । ଏହି ଯୋଜନାରେ ମାସକୁ ୧ ଲକ୍ଷ ୩୦ ହଜାର ହିତାଧିକାରୀ ୮୧୬ ପଞ୍ଜୀକୃତ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଉଛନ୍ତି । ଏଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ୨୭୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆହୁରି ଅଧିକ ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ କହିଛନ୍ତି ଯେ ୫-ଟିରେ କାର୍ଯ୍ୟକାରୀ ହେଉଥିବା ବିଏସ୍‌କେୱାଇ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି । ଆଜି ଗ୍ରାମାଞ୍ଚଳର ସବୁ ବଞ୍ଚିତ ହିତାଧିକାରୀ ଏଥିରେ ସାମିଲ ହୋଇଛନ୍ତି । ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁଠାରୁ ଅଧିକ ଗୁରୁତ୍ୱ ଦିଅନ୍ତି ବୋଲି ସେ କହିଛନ୍ତି । ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ପରବର୍ତ୍ତୀ ପର୍ଯ୍ୟାୟରେ ସହରାଞ୍ଚଳର ପ୍ରାୟ ସମସ୍ତଙ୍କୁ ବିଏସ୍‌କେୱାଇ-ନବୀନ କାର୍ଡରେ ସାମିଲ କରାଯିବ ବୋଲି ସେ କହିଛନ୍ତି । ଏହି ଯୋଜନାକୁ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟକାରୀ କରିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ସୂଚନା ପ୍ରଯୁକ୍ତି ବିଭାଗକୁ ସେ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ଗ୍ରାମାଞ୍ଚଳର ବିଏସ୍‌କେୱାଇ କାର୍ଡ ପାଇବାରୁ ବହୁ ବଞ୍ଚିତ ଲୋକ ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରତିଟି ଜୀବନ ମୂଲ୍ୟବାନ ଆଦର୍ଶରେ ଅନୁପ୍ରାଣିତ । ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ଏହି ନବୀନ କାର୍ଡ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକରେ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ବଲପୁର ବାମରା ବ୍ଲକରେ ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡାରେ ବିଧାୟକ କିଶୋର ଚନ୍ଦ୍ର ନାୟକ, ରେଢ଼ାଖୋଲରେ ବିଧାୟକ ରୋହିତ ପୂଜାରୀ, ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଂଯୋଜିକା ଶ୍ୱେତସ୍ନିଗ୍ଧା ମିଶ୍ର, ବୋଲଗଡ଼ରେ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧାରେ ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ସବୁ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ିଛି । ବିଏସ୍‌କେୱାଇ ଆଜି ରାଜ୍ୟବାସୀଙ୍କ ପାଇଁ ସଞ୍ଜୀବନୀ ସଦୃଶ ହୋଇଛି ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଏସ୍‌କେୱାଇ ସୋସାଇଟିର ସିଇଓ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସକୁ ଫେରିଲେ...

ବ୍ୟବସ୍ଥା, ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଷୟରେ ମୁହଁ ଖୋଲୁନାହାନ୍ତି । ଅପରପକ୍ଷେ ଅନ୍ୟାୟ ବିରୋଧରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପ୍ରତି ଲୋକମାନଙ୍କ ସମର୍ଥନ ବଢ଼ୁଛି । ଓଡ଼ିଶାର ଲୋକମାନେ ରାହୁଲ ଗାନ୍ଧୀଙ୍କ ଏହି ଯାତ୍ରାକୁ ଗ୍ରହଣ କରିବା ସହ ବିଜେଡି ଓ ଭାଜପା ମଧ୍ୟରେ ଥିବା ଅପବିତ୍ର ଗଠବନ୍ଧନକୁ ପ୍ରତ୍ୟାଖ୍ୟାନ କରିବେ ଏବଂ ଓଡ଼ିଶାରେ କଂଗ୍ରେସ ସରକାର ଗଢ଼ିବ ବୋଲି ସେ କହିଛନ୍ତି । ସେହିପରି ଅଜୟ କୁମାର କହିଛନ୍ତି, ଶ୍ରୀକାନ୍ତ ଓଡ଼ିଶାରେ ଜଣେ ପ୍ରଭାବଶାଳୀ ନେତା । ସେ ବିଭିନ୍ନ ସାମାଜିକ ସଂସ୍ଥା ସହ ମଧ୍ୟ ଜଡ଼ିତ । ଦଳ ଓ ତାଙ୍କ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ସେ ଦୂର କରିପାରିଥିବା କହିଛନ୍ତି ।

ସୂଚନାଯୋଗ୍ୟ, କଂଗ୍ରେସ ଟିକେଟରେ ବାଲେଶ୍ୱରରୁ ଲୋକ ସଭା ସିଟ୍ ଜିତି ଶ୍ରୀକାନ୍ତ ଉପା ସରକାରରେ ମନ୍ତ୍ରୀ ହୋଇଥିଲେ । ତେବେ କଂଗ୍ରେସରୁ ବହିଷ୍କୃତ ହେବା ପରେ ସେ ଅନ୍ୟ କୌଣସି ଦଳରେ ସାମିଲ ହୋଇ ନ ଥିଲେ । ଗତ କିଛି ମାସ ହେଲା ଶ୍ରୀକାନ୍ତ ପୁଣି ଥରେ କଂଗ୍ରେସକୁ ଫେରିବେ ବୋଲି ଚର୍ଚ୍ଚା ଜୋର ଧରିଥିଲା ।

## ପୁଣି ଜଣେ...

ଏହାକୁ ମିଶାଇ ୨ ଭାଜପା ନେତାଙ୍କୁ ହତ୍ୟା କରିଛନ୍ତି । ଗତ ଶୁକ୍ରବାର ଭାଜପା ନେତା ତଥା ଜିଲା ସଦସ୍ୟ ତିରୁପତି କାଟଲା ତୋଏନା ଗାଁରେ ଏକ ବିବାହ ଉତ୍ସବକୁ ଯାଇଥିଲା ବେଳେ ମାଓବାଦୀମାନେ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିଥିଲେ ।

# ଏ ମନ ଖୋଜୁଥାଏ ଯାହା..

ମନ ଏଭଳି ଏକ ଜିନିଷ, ଯାହାକୁ ନିଜ କବ୍‌ଜାରେ ରଖିବା ସହଜ ନୁହେଁ। ମନ ଯାହା ଚାହେଁ ସବୁ ପୂରଣ ହୁଏନା। କିନ୍ତୁ ଆମେ ଅନେକ କିଛି ଆଶା ରଖିଥାଉ। ଆଉ ଯେତେବେଳେ ମନଲାଖି ଜିନିଷଟିଏ ମିଳିଯାଏ, ତା'ପରେ ଖୁସି ବନ୍ଧବାଡ ମାନି ନ ଥାଏ। ଆଉ ସେଥିରୁ କ୍ୟାଟ୍ରିନା ବାଦ୍ ପଡନ୍ତେ କିପରି ? କଥା କ'ଣ କି ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ତାଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ କ୍ୟାଟ୍ରିନା ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଦୁହିଁଙ୍କ ଭିତରେ କିଛି ଥର ଆଲୋଚନା ହେବା ପରେ ଏହି ଘଟଣାର ପରିସମାପ୍ତି ଘଟିଛି। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରଯୋଜକ ଏବଂ ମୋ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।' ତେବେ ଏହି ଭୂମିକା ତାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।


କ୍ୟାଟ୍ରିନା

ଛୋଟ ପରଦା

# ସନ୍ଧ୍ୟା ରାଗିଣୀ

ଓଡିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ-ସାର୍ଥକରେ ପ୍ରସାରିତ ଧାରାବାହିକ 'ସନ୍ଧ୍ୟା ରାଗିଣୀ' ସଫଳତାର ସହ ଓଡିଆ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି। ଓଡିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀଙ୍କ କାହାଣୀରୁ ଆରମ୍ଭ ହୋଇ ପହଞ୍ଚିଛି ସନ୍ଧ୍ୟା ଓ ରାଗିଣୀ ପାଖରେ। ଦେବକୀଙ୍କ ଝିଅ ରାଗିଣୀ, ଲଣ୍ଡନରେ ପାଠ ପଢିଥିବା ଆଧୁନିକ ତଥା ସ୍ୱାଧୀନ ଚିନ୍ତାଧାରାରେ ବିଶ୍ୱାସ ରଖେ। ଅନ୍ୟପକ୍ଷରେ ପାରମ୍ପରିକ ଚଳଣି ସହ ଘରର ସମ୍ମାନ କରେ ଯଶୋଦାଙ୍କ ଝିଅ ସନ୍ଧ୍ୟା। ତା' ସ୍ୱପ୍ନ ଭାରତ ପାଇଁ ହକି ଖେଳିବ। ଭଉଣୀ ଦେବକୀର ମୃତ୍ୟୁ ପରେ ଯଶୋଦା ରାଗିଣୀକୁ ନିଜ ସାଙ୍ଗରେ ଘରକୁ ନେଇ ଆସିଛି। ଏହା ଭିତରେ ସନ୍ଧ୍ୟାର ଘର ଲୋକ ସନ୍ଧ୍ୟା ସହ ପ୍ରଶାନ୍ତଙ୍କ ବାହାଘର ଠିକ କରିଛନ୍ତି। କିନ୍ତୁ ରାଗିଣୀକୁ ପ୍ରଶାନ୍ତର ଚାଲିଚଳନ ଉପରେ ସନ୍ଦେହ ହୁଏ। ସେ ଓ ସଙ୍ଗିତ ମିଶି ପ୍ରଶାନ୍ତ ବିଷୟରେ ଜାଣିବାକୁ ପାଉଛନ୍ତି ଯେ ସେ ସନ୍ଧ୍ୟା ପାଇଁ ଉପଯୁକ୍ତ ନୁହେଁ। ଯେତେବେଳେ ଘରଲୋକ ଏଇସବୁ ବିଷୟରେ ଜାଣିବାକୁ ପାଆନ୍ତି, ପ୍ରଶାନ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରି ରାଗିଣୀକୁ ଜେଲ ପଠେଇବାର ଯୋଜନା କରନ୍ତି। ରଘୁରାଜ ଘରର ଇଜ୍ଜତ ବଞ୍ଚାଇବା ପାଇଁ ସନ୍ଧ୍ୟା ଏବଂ ପ୍ରଶାନ୍ତର ବାହାଘର ବହୁତ ଜଲଦି କରିବାର ନିଷ୍ପତି ନିଅନ୍ତି। ସତରେ କଣ ପ୍ରଶାନ୍ତ ସନ୍ଧ୍ୟା ପାଇଁ ଉପଯୁକ୍ତ ? ରାଗିଣୀ କଣ ନିଜ ଭଉଣୀର ଭବିଷ୍ୟତକୁ ନଷ୍ଟ ହେବାରୁ ରକ୍ଷା କରି ପାରିବ ? ଏଇ ସବୁ ପ୍ରଶ୍ନର ଉତ୍ତର ପାଇବେ ବିଜୟ କାଣ୍ଡୋଇଙ୍କ ଧାରାବାହିକ 'ସନ୍ଧ୍ୟା ରାଗିଣୀ'ରେ। ଏହାର ବିଭିନ୍ନ ଭୂମିକାରେ ନିତୁ ସିଂ, ହିତେସା, ପ୍ରିୟଙ୍କା, ଦୀପ୍ତି ରେଖା, ଜ୍ୟୋତି, ଆଶୁତୋଷ, ଜୟା ଗୋସ୍ୱାମୀ, ହୃଷି ପଟ୍ଟନାୟକ, ପଦାରବିନ୍ଦୁ ଓ କେକେ। ''ଜୀ ସାର୍ଥକର ସବୁ ମେଗା ଧାରାବାହିକ ପରି 'ସନ୍ଧ୍ୟା ରାଗିଣୀ'ରେ ନାରୀର ସୃଜନଶୀଳତା ଓ ପରାକାଷ୍ଠା ଆମ ଦର୍ଶକ ଉପଲବ୍ଧି କରିବେ ବୋଲି କହନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।'' ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ରବିବାର ସନ୍ଧ୍ୟା ୬.୩୦।


ବର୍ଷା


ଧାରାବାହିକ 'ସନ୍ଧ୍ୟା ରାଗିଣୀ'ର ଏକ ଦୃଶ୍ୟ

## ପରଦାରେ... ବସ୍

ଆଜିକାଲି ମହିଳାମାନେ କୌଣସି କ୍ଷେତ୍ରରେ ପଛରେ ପଡିନାହାନ୍ତି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବା ସହ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି। ସମାଜରେ ପରିବର୍ତ୍ତନ ଆଣିବାରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବସ୍'। ଚିତ୍ରଟି ଆଜି ପରଦା ଉପରକୁ ଆସୁଛି। ଏକ କମ୍ପାନୀର 'ବସ୍' କିପରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଛନ୍ତି ତାହାକୁ ନେଇ କାହାଣୀ ଗତିଶୀଳ। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଆର୍.ଆର୍. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ଏ ନେଇ ସେ କହନ୍ତି, 'ଏହି ସିନେମାର କାହାଣୀରେ ସମାଜ ପାଇଁ ଅନେକ ବାର୍ତ୍ତା ରହିଛି। କାରଣ ମୁଁ ସବୁବେଳେ ଭିନ୍ନ ଧରଣର କାହାଣୀକୁ ନେଇ ଫିଲ୍ମ ନିର୍ମାଣ କରେ। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଉକ୍ତ ଚିତ୍ରର ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ବର୍ଷାଙ୍କ ବ୍ୟତୀତ ଏହାର ବିଭିନ୍ନ ଭୂମିକାରେ ରାଜ ରାଜେଶ, ହରିହର ମହାପାତ୍ର, ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଷଡ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ବଡ ପରଦାରେ 'ବସ୍' କେତେ କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

## ସେହି ୧୨ ଘଣ୍ଟା

ଯେତେବେଳେ ଅମୀଷା ପଟେଲ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। ଏକଥା ସତ ଯେ, ସେ 'ଗଦ୍ଦର-ଏକ ପ୍ରେମ କଥା' ଏବଂ 'କହୋ ନା ପ୍ୟାର ହୈ' ପରି କେତୋଟି ହିଟ୍ ଫିଲ୍ମରେ ଅଭିନୟ କରିଛନ୍ତି, ହେଲେ ସବୁ କ୍ରେଡିଟ୍ ନାୟକମାନଙ୍କୁ ଯାଇଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମୀଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'। ତା'ପରେ ଅନିଲ ଶର୍ମା ତାଙ୍କୁ 'ଗଦ୍ଦର-ଏକ ପ୍ରେମ କଥା'ରେ ନାୟିକା ଭୂମିକାରେ ଅଭିନୟ କରିବାକୁ ଚଏସ କରିଥିଲେ। ଏହାର ଅଡିଶନ୍‌କୁ ଏ ପର୍ଯ୍ୟନ୍ତ ମନେପକାନ୍ତି ଅମୀଷା। ଏହି ଅଡିଶନରେ ପ୍ରାୟ ୫୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ଏ ନେଇ ଅମୀଷା କହନ୍ତି, 'ମୋ ଅଡିଶନ ଦୀର୍ଘ ୧୨ ଘଣ୍ଟା ଧରି ଚାଲିଥିଲା। ଯେତେବେଳେ ଅନିଲ ସାର୍ ମୋତେ ଫୋନ୍ କରି ମୁଁ ସିଲେକ୍ଟ ହୋଇଛି ବୋଲି କହିଲେ ମୁଁ ଖୁସିରେ କାନ୍ଦି ପକାଇଥିଲି।'


ଅମୀଷା

## ମନେପକାନ୍ତି ଭିକି

ସୁରଜିତ ସରକାରଙ୍କ ବାୟୋପିକ୍ 'ସର୍ଦ୍ଦାର ଉଦ୍ଧାମ'ର ଟାଇଟଲ ଭୂମିକାକୁ ନେଇ ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା। କାରଣ ନିର୍ଦ୍ଦେଶକ ଚାହୁଁଥିଲେ ଏହି ରୋଲ୍ ପାଇଁ ଇରଫାନ୍ ଖାଁ ହିଁ ବେଷ୍ଟ। କିନ୍ତୁ ତାଙ୍କର ଅସୁସ୍ଥତା ଏବଂ ଶେଷରେ ପରଲୋକଗମନ କରିବା ପରେ ସୁରଜିତ ନିଜର ମନ ବଦଳାଇଥିଲେ। ଇରଫାନ୍‌ଙ୍କ ବଦଳରେ କାହାକୁ ସାଇନ୍ କଲେ ରୋଲ୍‌ଟିକୁ ଶତ ପ୍ରତିଶତ ଜଷ୍ଟିସ ମିଳିପାରିବ ସେ ନେଇ ଗଭୀର ଭାବରେ ଚିନ୍ତା କରିଥିଲେ। ଶେଷରେ ଏ ବିଷୟରେ ଭିକି କୌଶଲଙ୍କୁ ଯୋଗାଯୋଗ କରାଯାଇଥିଲା। ଆଉ ଯେତେବେଳେ ଏଭଳି ଏକ ସୁଯୋଗ ତାଙ୍କୁ ମିଳିଲା ତାହାକୁ କୌଣସି ପ୍ରକାରେ ହାତଛଡା କରିବାକୁ ଚାହୁଁ ନ ଥିଲେ। 'ମୁଁ ଜାଣି ନ ଥିଲି ପ୍ରଥମେ ଏହି ରୋଲ୍ ପାଇଁ ଇରଫାନ ଖାଁଙ୍କୁ ସିଲେକ୍ଟ କରାଯାଇଥିଲା। କିନ୍ତୁ ପରେ ଯେତେବେଳେ ଏକଥା ଜାଣିଲି ମୋ ମନ ଟିକେ ଦୁଃଖ ହୋଇଥିଲା। ଏହି ଫିଲ୍ମଟିକୁ ମୁଁ ତାଙ୍କୁ ଉତ୍ସର୍ଗ କରିଥିଲି। କେବଳ ସେତିକି ନୁହେଁ, ଏହାର ଶୁଟିଂ ସମୟରେ ରୋଲ୍‌ଟିକୁ କିପରି ସଫଳ କରିବି ସେ ନେଇ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା।' ସୁରଜିତଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମଟି ୨୦୨୧ ଅକ୍ଟୋବର ୧୬ରେ ରିଲିଜ ହୋଇଥିଲା। ଚିତ୍ରଟି ଏକାଧାରରେ ହିନ୍ଦୀ, ଇଂରାଜୀ ଏବଂ ପଞ୍ଜାବୀ ଭାଷାରେ ନିର୍ମିତ ହୋଇଥିଲା।


ଭିକି

# କେବଳ ଅଭିନୟ ପାଇଁ...

ପାଠ ପଢ଼ିବା ସମୟରେ ସେ ଏକ ଚାକିରି କରିବାକୁ ଆଶା ରଖିଥିଲେ। ଶେଷରେ ତାହା ମଧ୍ୟ ପୂରଣ ହୋଇଥିଲା। କିନ୍ତୁ ଅଭିନୟ ନିଶାଠାରୁ ସେ ନିଜକୁ ଦୂରେଇ ରଖିପାରି ନ ଥିଲେ। ଶେଷରେ ଅଭିନେତ୍ରୀ ହେବାର ଝୁଙ୍କ୍ ତାଙ୍କୁ ଚାକିରି ଛାଡିବାକୁ ବାଧ୍ୟ କଲା। ବର୍ତ୍ତମାନ ବଲିଉଡ୍‌ରେ ସେ ନିଜର ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ହଁ, ସେ ହେଲେ ବାଣୀ କପୁର। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ଯଶ ରାଜ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟି ତାଙ୍କୁ ଆରମ୍ଭରୁ ହିଁ ସଫଳତା ଦେଇଥିଲା। ବାଣୀଙ୍କ ଆଉ ଏକ ଅଭ୍ୟାସ ରହିଛି। ଘରେ ପୋଷା ପ୍ରାଣୀ ରଖିବା ତାଙ୍କର ଆଉ ଏକ ନିଶା। ନିଜ ଘରେ ସେ ଏକ ମିନି ଚିଡିଆଖାନା ତିଆରି କରିଛନ୍ତି। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସେ ଚିଡିଆଖାନାରେ ଘେରାଏ ବୁଲି ନ ଆସିଲେ ତାଙ୍କୁ ଭଲ ଲାଗେନା। ଏ ନେଇ ବାଣୀ କହନ୍ତି, ପାଠ ପଢ଼ି ଚାକିରି ସିନା କଲି, ହେଲେ ଆକ୍ଟିଂ ନିଶା ମୋତେ ବେଶ୍ ଘାରିଥିଲା। ଯଶରାଜ ବ୍ୟାନରରୁ ମୋ କ୍ୟାରିୟର ଆରମ୍ଭ ହୋଇଥିଲା। ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ବାଣୀଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି– 'ବେଫିକ୍ରେ', 'ୱାର', 'ବେଲ୍ ବଟମ୍', 'ଚଣ୍ଡିଗଡ କରେ ଆସିକ', 'ସମସେରା' ଏବଂ ତାମିଲ ଫିଲ୍ମ 'ଆହା କଲ୍ୟାନମ୍'। ବର୍ତ୍ତମାନ ସେ ଅଭିନୟ କରୁଥିବା ଦୁଇଟି ଫିଲ୍ମ 'ଖେଲ୍ ଖେଲ୍ ମେଁ' ଏବଂ 'ରେଡ୍-୨' ନିର୍ମାଣାଧୀନ ଅବସ୍ଥାରେ ରହିଛି।


ବାଣୀ

## ବଦଳି ଗଲେଣି ତାରା

ତାରା ସୁତାରିଆଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏଣିକି ସେ ଦେଖି ଚାହିଁ ଫିଲ୍ମ ସାଇନ୍ କରିବେ। କାରଣ ଏକାଥରେ ଗୁଡାଏ ଫିଲ୍ମରେ ଅଭିନୟ କରିବା ଏବଂ ସେଗୁଡିକୁ ଦର୍ଶକ ଗ୍ରହଣ ନ କରିବା ଦ୍ୱାରା କ୍ୟାରିୟର ପ୍ରଭାବିତ ହୋଇଥାଏ। ତେଣୁ ଏଣିକି ପ୍ରତିଟି ଅଫରକୁ ଭଲ ଭାବରେ ତର୍ଜମା କରିବା ପରେ ନିଷ୍ପତ୍ତି ନେବେ ସେ। ଅବଶ୍ୟ ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।'


ତାରା

## ଜାତୀୟ ମହିଳା ହ୍ୟାଣ୍ଡବଲ୍‌ରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ):** ଚଳିତ ମାସ ୭ରୁ ୧୨ ପର୍ଯ୍ୟନ୍ତ ୫୨ତମ ଜାତୀୟ ମହିଳା ହାଣ୍ଡବଲ ପ୍ରତିଯୋଗିତା ଉତ୍ତରପ୍ରଦେଶର ହଥରସଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକ ୧୮ ଜଣିଆ ଦଳ ଅଂଶଗ୍ରହଣ କରିବ। ଖେଳାଳିମାନେ ହେଲେ ସ୍ମୃତିରେଖା ରାଉତରାଏ, ସ୍ୱର୍ଣ୍ଣଲତା ପ୍ରଧାନ, ଜୟନ୍ତୀ ବିଶ୍ୱାଳ, ମହାମାୟା ମହାନ୍ତି, ସନ୍ଧ୍ୟାରାଣୀ ଦାସ, ବର୍ଷା ସେଠୀ, ବର୍ଷାରାଣୀ ବେହେରା, ଜି. ଜ୍ୟୋତି ପାତ୍ରୋ, ଆଦ୍ୟାଶା ଦାସ, ରାଣୀକର୍ଣ୍ଣୀ ରାଉତ, ପୂଜା ସ୍ୱାଇଁ, ଗୁଡଲି ଶତପଥୀ, ସସ୍ମିତା ପ୍ରଧାନ, ବର୍ଷା ପ୍ରିୟଦର୍ଶିନୀ ବାରିକ, ବିଷ୍ଣୁପ୍ରିୟା ନନ୍ଦ, ମମତା ନାୟକ, ସମୀକ୍ଷା ମଣ୍ଡଳ ଓ ଅସୀମା ଜେଠି। କୋଚ ପ୍ରଣୟ କୁମାର ପାଣି ଓ ମ୍ୟାନେଜର ସାଗରିକା ନନ୍ଦ ଦଳ ସହ ଉତ୍ତର ପ୍ରଦେଶ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ହାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ):** ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ (୧୨ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ) ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ୧୨ ବର୍ଷରୁ କମ୍ ବାଳକ ବର୍ଗରେ ହର୍ଷ ପ୍ରଫୁଲ୍ଲ ନାଗୱାନୀ, ଆହାନ ଜୈନ, ଶ୍ଳୋକ ଅଲନ୍ଦ ଓ ତକ୍ଷିଲ ନାଗର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବାଳିକା ବିଭାଗରେ ଶାଜଫା ଏସ୍.କେ., ଭ୍ରିତିକା ଶାହା, କୃଶିକା ଗୌତମ ଓ ମାହିରା ଭାଟିଆ ସେମିଫାଇନାଲରେ ପହଞ୍ଚିଛନ୍ତି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଅଥର୍ବ ଶ୍ରୀରାମୋଜୁ, ମୋନୋଦୀପ ଦେ, ରୁନମାନ ମହେଶ ଓ ଅରଭ ଚାଲାନି ଏବଂ ବାଳିକା ବିଭାଗରେ ଆହାନ, ମାହିରା ଭାଟିଆ, ତନୁଶ୍ରୀ ସତୀଶ ଓ ରିତ ଖାୱର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଡବଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ ମଧ୍ୟ ଶେଷ ହୋଇଛି।

## ହସ୍ପିଟାଲରେ ଏମିତି କହିଥିଲେ ଅଶ୍ୱିନଙ୍କ ମା’

**ଧର୍ମଶାଳା,୬।୩(ପି.ଟି.):** ଟେଷ୍ଟ କ୍ୟାରିୟରର ୧୦୦ ତମ ମ୍ୟାଚ୍ ଖେଳିବାକୁ ଯାଉଥିବା ରବିଚନ୍ଦ୍ରନ ଅଶ୍ୱିନ ତୃତୀୟ ଟେଷ୍ଟରେ ମା’ ଅସୁସ୍ଥ ଥିବା ସମୟର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। ମା’ ଅସୁସ୍ଥ ଥିବା କାରଣରୁ ଅଶ୍ୱିନ ଭାରତୀୟ ଦଳ ଛାଡି ହସ୍ପିଟାଲକୁ ଯାଇଥିଲେ। ମା’ ବାରମ୍ୱାର ଚେତା ହରାଉଥିଲେ। ତେବେ ଅଶ୍ୱିନଙ୍କୁ ଦେଖିବା ସହ ପଚାରିଥିଲେ ତୁମେ ଏଠାରେ କଣ କରୁଛ। ଭାରତ ଏକ ଟେଷ୍ଟ ମ୍ୟାଚ୍ ଖେଳୁଥିବା ବେଳେ ତୁମେ କାହିଁକି ଆସିଛ ବୋଲି ପଚାରିଥିଲେ ଅଶ୍ୱିନଙ୍କ ମା ଚିତ୍ରା ରବିଚନ୍ଦ୍ରନ। ରାଜକୋଟରେ ଟେଷ୍ଟ ମ୍ୟାଚ ଚାଲିଥିବା ବେଳେ ତୃତୀୟ ଦିନରେ ଅଶ୍ୱିନ ଦ୍ୱିତୀୟ ଭାରତୀୟ ବୋଲର ଭାବରେ ଟେଷ୍ଟ କ୍ରିକେଟର ୫୦୦ ଉଇକେଟ ପୂରଣ କରିଥିଲେ। ତେବେ ସମାନ ଦିନରେ ମା’ଙ୍କ ଅସୁସ୍ଥତା କାରଣରୁ ଅଶ୍ୱିନଙ୍କୁ ଫେରିବାକୁ ପଡିଥିଲା। ହୋସ ଆସିବା ପରେ ଅଶ୍ୱିନଙ୍କୁ ଦେଖି ମା’ ପଚାରିଥିଲେ ଟେଷ୍ଟ ମ୍ୟାଚ୍ ଚାଲିଥିବା ବେଳେ ତୁମେ କହିଁକି ଆସିଲ। ଏହା ପରେ ସେ ପୁନର୍ବାର ଚେତା ହରାଇଥିଲେ। ଦ୍ୱିତୀୟ ଥର ଚେତା ଆସିବା ପରେ ଅଶ୍ୱିନ ଭାରତୀୟ ଦଳ ସହ ଯୋଗ ଦିଅନ୍ତୁ ବୋଲି କହିଥିଲେ ମା’। ୧୦୦ ତମ ଟେଷ୍ଟ ପୂର୍ବରୁ ଏକ ସାକ୍ଷାତକାରରେ ଅଶ୍ୱିନ ଏହି ସୂଚନା ଦେଇଛନ୍ତି। ଏହା ସହ ତାଙ୍କ ପରିବାର ଏବେ ବି ସେ ଖେଳୁଥିବା ମ୍ୟାଚ୍ ଦେଖନ୍ତି ବୋଲି କହିଛନ୍ତି ଅଶ୍ୱିନ।

# ଭାରତର ଲକ୍ଷ୍ୟ ୪-୧ରେ ସିରିଜ ବିଜୟ





ଧର୍ମଶାଳାରେ ବୁଧବାର ଅଭ୍ୟାସ ଅବସରରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଭାରତର ଯଶସ୍ୱୀ ଜୟସ୍ୱାଲ।

## ଆଜିଠୁ ପଞ୍ଚମ ଟେଷ୍ଟ

- ପରିବେଶ ଅନୁକୂଳ ଆଶାରେ ଇଂଲଣ୍ଡ
- ଅଶ୍ୱିନ ଓ ବେୟାରଷ୍ଟୋଙ୍କ ମାଇଲଖୁଣ୍ଟ ମ୍ୟାଚ

**ଧର୍ମଶାଳା, ୬।୩ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଭାରତ ୩-୧ରେ ଅଗ୍ରଣୀ ରହିବା ସହ ସିରିଜକୁ ଆଗୁଆ ଜିତି ସାରିଛି। ଏବେ ଅନ୍ତିମ ଟେଷ୍ଟ ଜିତି ଏହାକୁ ୪-୧ରେ ପରିଣତ କରିବା ଲକ୍ଷ୍ୟରେ ରହିବ ଟିମ୍ ଇଣ୍ଡିଆ। ଧର୍ମଶାଳାରେ ସର୍ବାଧିକ ତାପମାତ୍ରା ପାଖାପାଖି ୧୦ ଡିଗ୍ରୀ ସେଲ୍‌ସିୟସ ରହିବ। ଥଣ୍ଡା ପାଗ ଯୋଗୁ ଇଂଲଣ୍ଡ ଘରୋଇ ପରିବେଶରେ ଖେଳିବା ଭଳି ଅନୁଭବ କରିବ। ଏପରିସ୍ଥଳେ ପିଚ୍ ତାଙ୍କ ପାଇଁ ଅନୁକୂଳ ହେବା ଆଶାରେ ଇଂଲଣ୍ଡ ରହିବ। ଏହି ମ୍ୟାଚରେ ଭାରତର ତାରକା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଇଂଲଣ୍ଡର ଜନି ବେୟାରଷ୍ଟୋ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। ତେଣୁ ମାଇଲଖୁଣ୍ଟ ମ୍ୟାଚକୁ ଦୁହେଁ ସ୍ମରଣ କରିବାକୁ ଉଦ୍ୟମ କରିବେ ନିଶ୍ଚିତ।

ଟେଷ୍ଟ ପୂର୍ବରୁ ପିଚ୍ ଫ୍ଲାଟ୍ ଥିବାଭଳି ମନେହେଉଛି। ମାତ୍ର ପ୍ରତିଦିନ ଖେଳ ଆରମ୍ଭର କିଛି ଘଣ୍ଟା ପେସରମାନେ ଫାଇଦାରେ ରହିବା ଅନୁମାନ କରାଯାଉଛି। ପାରମ୍ପରିକ ଭାବେ ଏଠାକାର ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ମାତ୍ର ସ୍ପିନରଙ୍କ ଭୂମିକାକୁ ଅଣଦେଖା କରାଯାଇ ନ ପାରେ। କାରଣ ୨୦୧୭ରେ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଭାରତର ବିଜୟରେ ସ୍ପିନରମାନେ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ନିକଟରେ ଏଠାରେ ୪ଟି ରଣଜୀ ଟ୍ରଫି ମ୍ୟାଚ ଅନୁଷ୍ଠିତ ହୋଇଛି। ଏକାଧିକ ଥର ଦଳଗୁଡ଼ିକ ୩୦୦ରୁ ଅଧିକ ସ୍କୋର କରିଛନ୍ତି। ବରୋଦା ସର୍ବାଧିକ ୪୮୨ ରନ କରିଛି। ମାଇଲଷ୍ଟୋନ ମ୍ୟାନ ବେୟାରଷ୍ଟୋ ପିଚ୍‌କୁ ‘ସୁନ୍ଦର’ ବୋଲି ଅଭିହିତ କରିଛନ୍ତି। ମାତ୍ର ଥଣ୍ଡା ପରିବେଶ ଯୋଗୁ ପିଚ୍ କିଭଳି ବ୍ୟବହାର କରିବ ତାହାକୁ ନେଇ ଅଶ୍ୱିନ ଦ୍ୱନ୍ଦ୍ୱରେ ଅଛନ୍ତି। ଭାରତ ଏହାର ବୋଲିଂ କମ୍ବିନେଶନ ୨ ପେସର ଓ ୩ ସ୍ପିନରରେ ପରିବର୍ତ୍ତନ କରିବା ସମ୍ଭାବନା କମ୍। ଯଶପ୍ରୀତ୍ ବୁମ୍‌ରା ପେସ୍ ବୋଲିଂ ଆକ୍ରମଣର ନେତୃତ୍ୱ ନେବେ ଏବଂ ମହମ୍ମଦ ସିରାଜ ଦ୍ୱିତୀୟ ପସନ୍ଦ ପେସର ରହିବେ। ଅଶ୍ୱିନଙ୍କ ସହ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ସ୍ପିନ୍ ଚ୍ୟାଲେଞ୍ଜ ଦାୟିତ୍ୱରେ ରହିବେ।

ଲୋକେଶ ରାହୁଲ ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ରଜତ ପଟିଦାରଙ୍କୁ ଆଉ ଏକ ସୁଯୋଗ ମିଳିବା ଏକପ୍ରକାର ନିଶ୍ଚିତ। ୪ ନମ୍ବର ସ୍ଥାନରେ ଆସି ୬ ଇନିଂସରେ ମାତ୍ର ୬୩ ରନ କରିଥିବା ପଟିଦାରଙ୍କ ସଂଘର୍ଷ ଅବ୍ୟାହତ ରହିଛି। ତେଣୁ ଏହି ମ୍ୟାଚ ତାଙ୍କ ପାଇଁ ଶେଷ ସୁଯୋଗ ହୋଇପାରେ। ଅନ୍ୟପକ୍ଷରେ ଟପ୍ ଅର୍ଡର ବ୍ୟାଟର ଦେବଦତ୍ତ ପଡିକାଲଙ୍କ ନାମ ମଧ୍ୟ ବିଚାରକୁ ନିଆଯିବା ଅସମ୍ଭବ ନୁହେଁ। ସର୍ଫରାଜ ଖାଁ ରାଜକୋଟରେ ଚମତ୍କାର ଟେଷ୍ଟ ଡେବ୍ୟୁ କରିବା ପରେ ରାଞ୍ଚିରେ ଫେଲ୍ ମାରିଥିଲେ। ତେଣୁ ରେଡ୍‌ବଲ୍ ସିଜନ ଶେଷ ହେବା ପୂର୍ବରୁ ତାଙ୍କ ବ୍ୟାଟ୍‌ରୁ ଏକ ବଡ଼ ଇନିଂସ ଆଶା କରାଯାଉଛି। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ପାଇଁ ଏହି ସିଜନ ସ୍ମରଣୀୟ ରହିଛି। ଚମତ୍କାର ଫର୍ମରେ ଥିବାରୁ ସେ ସୁନୀଲ ଗାଭାସ୍କରଙ୍କ ପରେ ଦ୍ୱିତୀୟ ଭାରତୀୟଭାବେ ଗୋଟିଏ ସିରିଜରେ ୭୦୦ ରନ ସ୍କୋର କରିବା ସମ୍ଭାବନା ରହିଛି।

‘ବାଜ୍‌ବଲ୍’ ଯୁଗରେ ଇଂଲଣ୍ଡ ପ୍ରଥମଥର ପାଇଁ ସିରିଜ ହାରି ସାରିଛି। ତେଣୁ ଏହି ଦଳ ଶେଷ ଟେଷ୍ଟ ଜିତି ମଥା ଉଚ୍ଚା ରଖି ସ୍ୱଦେଶ ଫେରିବାକୁ ଆଶା ରଖିଛି। ବେୟାରଷ୍ଟୋ ସମ୍ପ୍ରତି ଫର୍ମରେ ନାହାନ୍ତି। ତେଣୁ ନିଜର ୧୦୦ତମ ମ୍ୟାଚରେ ସେ ଫର୍ମକୁ ଫେରିବାକୁ ନିଶ୍ଚିତ ଉଦ୍ୟମ କରିବେ। ପରିବେଶ ଅନୁକୂଳ ଥିବାରୁ ଅଧିକ ପରିମାଣରେ ଇଂଲଣ୍ଡ ଦର୍ଶକ ଧର୍ମଶାଳାରେ ଉପସ୍ଥିତ ହୋଇପାରନ୍ତି। ଏହା ମଧ୍ୟ ଇଂଲଣ୍ଡକୁ ଭଲ ପ୍ରଦର୍ଶନପାଇଁ ଉତ୍ସାହିତ କରିବ। ପୂର୍ବ ଟେଷ୍ଟ ଭଳି ଇଂଲଣ୍ଡ ଏଠାରେ ମଧ୍ୟ ଦୁଇ ପେସର ଜେମ୍ସ ଆଣ୍ଡରସନ ଓ ମାର୍କ ଉଡ୍ ଏବଂ ଦୁଇ ସ୍ପେଶାଲିଷ୍ଟ ସ୍ପିନର ଶୋଏବ ବଶିର ଓ ଟମ୍ ହାର୍ଟଲେଙ୍କ ସହ ପଡ଼ିଆକୁ ଓହ୍ଲାଇପାରେ।

**ମ୍ୟାଚ ଆରମ୍ଭ: ପୂର୍ବାହ୍ନ ୯ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍‌ସ୍ ୧୮ ନେଟ୍‌ୱର୍କ**



କ୍ୟାରିୟରର ୧୦୦ତମ ଟେଷ୍ଟ ପୂର୍ବରୁ ରବିଚନ୍ଦ୍ରନ ଅଶ୍ୱିନଙ୍କ ୱାର୍ମଅପ୍।

## ଦଲାଇଲାମାଙ୍କୁ ଭେଟିଲେ ଇଂଲଣ୍ଡ ଖେଳାଳି

**ଧର୍ମଶାଳା,୬।୩(ପି.ଟି.)**

ଭାରତ ବିପକ୍ଷ ଅନ୍ତିମ ଟେଷ୍ଟ ପୂର୍ବରୁ ଧର୍ମଗୁରୁ ଦଲାଇଲାମାଙ୍କୁ ଭେଟିଛନ୍ତି ଇଂଲଣ୍ଡ ଦଳର ଖେଳାଳି। ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଧର୍ମଶାଳାର ମ୍ୟାକଲଏଡଗଞ୍ଜରେ ରୁହନ୍ତି। ଦଲାଇଲାମାଙ୍କ ବାସଭବନରେ ଇଂଲଣ୍ଡ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ ତାଙ୍କୁ ଭେଟିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଖେଳାଳି ମାନେ ଦଲାଇଲାମାଙ୍କୁ ଭେଟୁଥିବାର ଏକ ଫଟୋ ଶେୟାର କରାଯାଇଛି। ଏହି ଫଟୋରେ ଜ୍ୟାକ୍ କ୍ରଲି, ଟମ୍ ହାର୍ଟଲେ, ଡ୍ୟାନ୍ ଲରେନ୍ସ, ଓଲି ପୋପ୍, ଗସ୍ ଆଟକିନସନ୍ ଓ ସହକାରୀ କୋଚ୍ ମାର୍କସ୍ ଟ୍ରେସ୍କୋଥିକ୍ ଦଲାଇଲାମାଙ୍କ ସହ ନଜର ଆସିଥିଲେ।



ଦଲାଇଲାମାଙ୍କ ସହ ଇଂଲଣ୍ଡ କ୍ରିକେଟର ଓ ସପୋର୍ଟଷ୍ଟାଫ୍।

## ଉଦ୍‌ଘାଟନୀ, ଉଦ୍‌ଯାପନୀରେ ଯୋଗଦେବେନି ରୁଷିଆ, ବେଲାରୁଷ

**ବୋନ୍, ୬।୩ (ପି.ଟି.):** ପାରାଲିମ୍ପିକ୍ସ ୨୦୨୪ ପୂର୍ବରୁ ଆୟୋଜକ କମିଟି ପକ୍ଷରୁ ଏକ ବଡ ଘୋଷଣା କରାଯାଇଛି। ରୁଷିଆ ଓ ବେଲାରୁଷ ଆଥଲେଟଙ୍କ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଯୋଗଦାନ ଉପରେ କଟକଣା ଜାରି କରାଯାଇଛି। ୟୁକ୍ରେନ୍ ଉପରେ ଆକ୍ରମଣକୁ ନେଇ ଉଭୟ ଦେଶକୁ ଅଲିମ୍ପିକ୍ସରୁ ବାସନ୍ଦ କରାଯାଇଛି। ତେବେ ଉଭୟ ଦେଶର

**ପାରାଲିମ୍ପିକ୍ସ ୨୦୨୪**

ଆଥଲେଟ ନ୍ୟୁଟ୍ରାଲ ଆଥଲେଟ ଭାବରେ ଅଂଶଗ୍ରହଣ କରିବେ। ତେବେ ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ଦୁଇ ଦେଶର କୌଣସି ଆଥଲେଟ ଯୋଗ ଦେଇ ପାରିବେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୨୮ରେ ଉଦ୍‌ଘାଟନୀ ସମାରୋହ ଓ ସେପ୍ଟେମ୍ବର ୮ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ତେବେ ଅଲିମ୍ପିକ୍ସର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ଉଭୟ ରାଷ୍ଟ୍ରର ଆଥଲେଟଙ୍କୁ ଅନୁମତି ପ୍ରଦାନ କରାଯାଇଛି।

## ଫାଇନାଲରେ ବିଦର୍ଭ-ମୁମ୍ବାଇ ଭେଟ

**ନାଗପୁର,୬।୩(ପି.ଟି.)**

ରଣଜୀ ଟ୍ରଫି ୨୦୨୪ର ଫାଇନାଲରେ ପ୍ରବେଶ କରିଛି ବିଦର୍ଭ। ବୁଧବାର ମଧ୍ୟପ୍ରଦେଶକୁ ୬୨ ରନ୍‌ରେ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛି ବିଦର୍ଭ। ପ୍ରଥମ ଇନିଂସ ପଛୁଆ ରହିଥିଲେ ମଧ୍ୟ ଯଶ ରାଠୋଡଙ୍କ ଲଢୁଆ ଶତକ ଓ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା ଦଳ। ଏହା ସହ ମୁମ୍ବାଇ ବିପକ୍ଷରେ ଦଳ ଫାଇନାଲ ମ୍ୟାଚ୍ ଖେଳିବ। ମୁମ୍ବାଇ ୪୮ ଥର ପାଇଁ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଥିବା ବେଳେ ବିଦର୍ଭ ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ତିମ ଦିନରେ ବିଦର୍ଭକୁ ବିଜୟ ପାଇଁ ୪ ଉଇକେଟ ଆବଶ୍ୟକ ଥିବା ବେଳେ ମଧ୍ୟପ୍ରଦେଶକୁ ଆବଶ୍ୟକ ଥିଲା ୯୩ ରନ୍। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୨୨୮/୬ରୁ ଖେଳ ଆରମ୍ଭ କରି ମଧ୍ୟପ୍ରଦେଶ ୨୫୮ ରନ୍‌ରେ ଅଲଆଉଟ ହୋଇଥିଲା। ସାରାଂଶ ଜୈନ୍ ୨୫ ରନ୍ କରି ନବମ ଖେଳାଳି ଭାବେ ଆଉଟ ହୋଇଥିଲେ। ବୁଧବାର ସକାଳେ ଯଶ ଠାକୁର ଓ ଆଦିତ୍ୟ ଠାକରେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମଙ୍ଗଳବାର ଯଶ ଦୁବେ ଲଢୁଆ ୯୪ ରନ୍ କରିଥିଲେ। ତେବେ ଦିନର ଖେଳ ଶେଷହେବାକୁ ମାତ୍ର ୧ ଓଭର ବାକି ଥିବା ବେଳେ ଦୁବେ ସରାୱତେଙ୍କ ବଲରେ ଆଉଟ ହୋଇଥିଲେ। ଏହା ସହିତ ମ୍ୟାଚ୍ ବିଦର୍ଭ ନିୟନ୍ତ୍ରଣକୁ ଆସିଥିଲା। ବିଦର୍ଭ ପକ୍ଷରୁ ଦ୍ୱିତୀୟ ଇନିଂସରେ ଲଢୁଆ ଶତକ ହାସଲ କରିଥିବା ଯଶ ରାଠୋଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ କରାଯାଇଥିଲା। ବିଦର୍ଭ ପ୍ରଥମ ଇନିଂସରେ ୧୭୦ ରନ୍ କରିଥିବା ବେଳେ ମଧ୍ୟପ୍ରଦେଶ ୨୫୨ ରନ୍ କରିଥିଲା। ତେବେ ଯଶଙ୍କ ଶତକ ବଳରେ ବିଦର୍ଭ ଦ୍ୱିତୀୟ ଇନିଂସରେ ୪୦୨ରନ୍ ସ୍କୋର କରି ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୧୭୦/୧୦। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୨୫୨/୧୦। ବିଦର୍ଭ ଦ୍ୱିତୀୟ ଇନିଂସ ୪୦୨/୧୦। ମଧ୍ୟପ୍ରଦେଶ ଦ୍ୱିତୀୟ ଇନିଂସ ୨୫୮/୧୦(ଯଶ ଦୁବେ-୯୪, ହର୍ଷ ଗାୱଲି-୬୭, ସାରାଂଶ ଜୈନ୍-୨୫, ଅକ୍ଷୟ ୱାଖରେ-୩/୪୨, ଆଦିତ୍ୟ ସରାୱତେ-୨/୫୬, ଯଶ ଠାକୁର-୩/୬୦, ଆଦିତ୍ୟ ଠାକରେ-୨/୪୫)।



ଉଇକେଟ ନେବା ପରେ ଉଲ୍ଲସିତ ଯଶ ଠାକୁର।

## ଗୁଜରାଟ ଜାଏଣ୍ଟ୍‌ସର ବିଶାଳ ସ୍କୋର

**ନୂଆଦିଲ୍ଲୀ,୬।୩**

**ଓମେନ୍ସ ପ୍ରିମିୟର୍ ଲିଗ୍**

ଓମେନ୍ସ ପ୍ରିମିୟର୍ ଲିଗ(ଡବ୍ଲ୍ୟୁପିଏଲ୍)ରେ ଚଳିତ ସିଜନର ସର୍ବାଧିକ ସ୍କୋର ନିଜ ନାମରେ ରେକର୍ଡ କରିଛି ଗୁଜରାଟ ଜାଏଣ୍ଟ୍ସ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ବିପକ୍ଷରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଏଣ୍ଟ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଅଧିନାୟିକା ବେଥ୍ ମୁନି ଅପରାଜିତ ୮୫ ରନ୍ କରିଥିବା ବେଳେ ଲୌରା ଓଲ୍‌ଭାର୍ଡ୍ଟ ୭୬ ରନ୍ କରିଥିଲେ। ସୋଫି ମୋଲିନକ୍ସ ଓ ଜର୍ଜିଆ ୱେୟାରହାମ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ବିଜୟ ସନ୍ଧାନରେ ଥିବା ଗୁଜରାଟ ପକ୍ଷରୁ ବେଥ୍ ମୁନି ଓ ଲୌରା ଓଲ୍‌ଭାର୍ଡ୍ଟ ଡବ୍ଲ୍ୟୁପିଏଲ ଇତିହାସର ଦ୍ୱିତୀୟ ସର୍ବଶ୍ରେଷ୍ଠ ଭାଗିଦାରୀ ସହ ପ୍ରଥମ ଉଇକେଟରେ ୧୪୦ ରନ୍ ଯୋଡିଥିଲେ। ମୁନି ୫୧ ବଲ୍ ଖେଳି ୧୨ ଚୌକା ଓ ୧ ଛକା ସହ ୮୫ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟ ପକ୍ଷରେ ଲୌରା ୪୫ ବଲ୍ ଖେଳି ୧୩ ଚୌକା ସହ ୭୬ ରନ୍ କରିଥିଲେ। ଅନ୍ତିମ ୯ ବଲ୍‌ରେ ୪ ଉଇକେଟର ପତନ ଘଟିବାରୁ ଦଳ ୨୦୦ ରନ୍ ପୂରଣ କରିପାରି ନ ଥିଲା। ଏହା ସହ ଡବ୍ଲ୍ୟୁପିଏଲ ଇତିହାସର ସର୍ବକନିଷ୍ଠ ଖେଳାଳି ଭାବରେ ପଦାର୍ପଣ କରିଥିଲେ ଶବନମ ଏମ୍‌ଡି ଶକିଲ୍। ମାତ୍ର ୧୬ ବର୍ଷ ବୟସରେ ସେ ଡବ୍ଲ୍ୟୁପିଏଲ ଖେଳିଛନ୍ତି।

ଜବାବରେ ଖବର ପ୍ରସ୍ତୁତ ସୁଦ୍ଧା ଆରସିବି ୧୫ ଓଭରରେ ୪ ଉଇକେଟ ହରାଇ ୧୧୯ ରନ୍ କରିଛି। ରିଚା ଘୋଷ ୨୬ ଓ ଜର୍ଜିଆ ୱେୟାରହୋମ୍ ୧୦ ରନରେ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୯୯/୫ (ବେଥ୍ ମୁନି-୮୫*, ଲୌରା ଓଲ୍‌ଭାର୍ଡ୍ଟ-୭୬,ଫିବ ଲିଚଫିଲ୍ଡ-୧୮, ସୋଫି ମୋଲିନକ୍ସ-୧/୩୨, ଜର୍ଜିଆ ୱେୟାରହାମ୍-୧/୩୬)।



୧୬ ବର୍ଷରେ କନିଷ୍ଠ ପଦାର୍ପଣକାରୀ ଶବନମ ଶକିଲ୍‌ଙ୍କ ସହ ବେଥ୍ ମୁନି(ବାମ)।

## ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

**ଲାଉସାନେ, ୬।୩ (ପି.ଟି.)**

**ପ୍ୟାରିସ୍ ୨୦୨୪ ହକି ଡ୍ର ଘୋଷିତ**

ପ୍ୟାରିସ୍ ୨୦୨୪ ପାଇଁ ବୁଧବାର ପୁରୁଷ ହକି ଦଳର ଡ୍ର ଘୋଷଣା କରାଯାଇଛି। ଭାରତୀୟ ଦଳ ପୁଲ୍ ବି’ରେ ସ୍ଥାନ ପାଇଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଟୋକିଓ ୨୦୨୦ରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ କଷ୍ଟସାଧ ପୁଲ୍ ବି’ରେ ସ୍ଥାନ ପାଇଛି। ଭାରତ ବ୍ୟତୀତ ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ବେଲଜିୟମ, ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ପୁଲ୍ ଏ’ରେ ନେଦରଲାଣ୍ଡ୍ସ, ସ୍ପେନ୍, ଜର୍ମାନୀ, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ୍ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ବୁଧବାର ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ମୁଖ୍ୟ ଥୋମାସ୍ ବାକ୍ ଓ ଏଫ୍‌ଆଇଏଚ୍ ସଭାପତି ତାୟାବ ଇକ୍ରାମଙ୍କ ଉପସ୍ଥିତିରେ ଏହି ଡ୍ର ଘୋଷଣା କରାଯାଇଥିଲା।

ଜୁଲାଇ ୨୭ ତାରିଖରେ ଭାରତୀୟ ହକି ଦଳ ଏହାର ପ୍ରଥମ ମ୍ୟାଚ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଜୁଲାଇ ୨୯ରେ ଆର୍ଜେଣ୍ଟିନା, ଜୁଲାଇ ୩୦ରେ ଆୟର୍ଲାଣ୍ଡ, ଅଗଷ୍ଟ ୧ରେ ବେଲଜିୟମ ଓ ଅଗଷ୍ଟ ୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ । ପ୍ରତି ଗ୍ରୁପ୍‌ର ୪ଟି ଶ୍ରେଷ୍ଠ ଦଳ ପ୍ଲେ ଅଫ୍ ଖେଳିବେ। ଅଗଷ୍ଟ ୪ ତାରିଖରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ୬ ତାରିଖରେ ସେମିଫାଇନାଲ ଖେଳାଯିବ। ଅଗଷ୍ଟ ୮ ତାରିଖରେ ଉଭୟ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଓ ଫାଇନାଲ ମ୍ୟାଚ୍ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ଭାବରେ ବେଲ୍‌ଜିୟମ ଏହି ଟୁର୍ନାମେଣ୍ଟରେ ପ୍ରବେଶ କରିବ। ସମାନ ୨୭ ତାରିଖରେ ମହିଳା ହକି ଆରମ୍ଭ ହେବାକୁ ଥିବା ବେଳେ ଏହାର ଫାଇନାଲ ଅଗଷ୍ଟ ୯ ତାରିଖରେ ଖେଳାଯିବ। ପୁରୁଷ ବର୍ଗରେ ଗ୍ରେଟ୍ ବ୍ରିଟେନ୍ ଓ ସ୍ପେନ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଅନ୍ୟପକ୍ଷରେ ମହିଳା ବର୍ଗରେ ୨୦୨୦ ବ୍ରୋଞ୍ଜ ବିଜୟୀ ଆର୍ଜେଣ୍ଟିନା ଉଦ୍‌ଘାଟନୀ ମ୍ୟାଚ୍‌ରେ ଆମେରିକାକୁ ଭେଟିବ।

ପୁଲ୍ ଏ: ନେଦରଲାଣ୍ଡ୍ସ, ସ୍ପେନ୍, ଜର୍ମାନୀ, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ୍ ଓ ଦକ୍ଷିଣ ଆଫ୍ରିକା।

ପୁଲ୍ ବି: ଭାରତ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ବେଲଜିୟମ, ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା।

### ଭାରତର କାର୍ଯ୍ୟସୂଚୀ

ଜୁଲାଇ ୨୭: ଭାରତ ବନାମ ନ୍ୟୁଜିଲାଣ୍ଡ
ଜୁଲାଇ ୨୯: ଭାରତ ବନାମ ଆର୍ଜେଣ୍ଟିନା
ଜୁଲାଇ ୩୦: ଭାରତ ବନାମ ଆୟର୍ଲାଣ୍ଡ
ଅଗଷ୍ଟ ୧: ଭାରତ ବନାମ ବେଲଜିୟମ
ଅଗଷ୍ଟ ୨ : ଭାରତ ବନାମ ଅଷ୍ଟ୍ରେଲିଆ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


DSPL-802
ମିଶନ ଶକ୍ତି
ଆମ ଓଡ଼ିଶା ନବୀନ ଓଡ଼ିଶା
ଆନ୍ତର୍ଜାତିକ ମହିଳା ଦିବସ ସମାରୋହ
୨ ରୁ ୮ ମାର୍ଚ୍ଚ ୨୦୨୪
ରାଜ୍ୟସ୍ତରୀୟ ସମାବେଶ
୭ ମାର୍ଚ୍ଚ ୨୦୨୪ • ପୂର୍ବାହ୍ନ ୧୧ ଟା ୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ
ମହିଳାଙ୍କୁ ସଶକ୍ତ କରନ୍ତୁ
ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-46005/13/0014/2324
ମହିଳା ଓ ଶିଶୁ ବିକାଶ ବିଭାଗ


MARUTI SUZUKI ARENA
DZIRE
ଚାଲନ୍ତୁ ଏକ ନୂତନ ଦୁନିଆକୁ
ଦି ଷ୍ଟ୍ରାଇକିଙ୍ଗଲୀ ବୋଲ୍ଡ ଫ୍ରଣ୍ଟ ଫେସିୟା
ଷ୍ଟାଇଲିଶ୍ ଏଣ୍ଡ ସ୍ପେସିଅସ ଇଣ୍ଟେରିଅର
କ୍ରୁଜ୍ କଣ୍ଟ୍ରୋଲ
ଏଡ଼ଭାନ୍‌ସ କେ ସିରିଜ ପେଟ୍ରୋଲ ଇଞ୍ଜିନ୍
BEST IN CLASS MILEAGE**
MANUAL 22.41# km/l
AUTOMATIC^ 22.61# km/l
100%^^ ON-ROAD FUNDING AVAILABLE
BENEFITS UP TO ₹35 000*
DZIRE
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.
SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.
NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.
ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.
*Offer includes consumer offer, exchange bonus, institutional or rural offer (wherever applicable) on selected models/variants. ^^Up to 100% on road funding is provided by select financiers only. *^^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. **As per SIAM. #As certified by Test agency under Rule 115(G) of CMVR 1989. ^Auto Gear Shift. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st March, 2024.